# ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ

## 2.1 ରାଜ୍ୟରେ କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକଙ୍କ କଲ୍ୟାଣ


### କାର୍ଯ୍ୟନିର୍ବାହୀ ସାରାଂଶ

ଭାରତ ସରକାର (ଜିଓଆଇ), କୋଠାବାଡ଼ି ଏବଂ ଅନ୍ୟ ନିର୍ମାଣ ଶ୍ରମିକ (ନିୟୋଜନ ନିୟନ୍ତ୍ରଣ ଏବଂ ସେବା ସର୍ତ୍ତାବଳୀ) କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକଙ୍କର ନିଯୁକ୍ତି ଓ ସେବା ସର୍ତ୍ତାବଳୀ ଏବଂ ସେସ୍ ଆଦାୟ ଓ ସଂଗ୍ରହକୁ କ୍ରମାନ୍ୱୟରେ ନିୟନ୍ତ୍ରଣ କରିବାକୁ ଅଧିନିୟମ, 1996 ଏବଂ କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ସେସ୍ ଅଧିନିୟମ, 1996 ପ୍ରଣୟନ କରିଥିଲେ । ଓଡ଼ିଶା ସରକାର ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା (ଏଲ୍ଆଣ୍ଡଇଏସ୍ଆଇ) ବିଭାଗ ଅଧୀନରେ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ (ବୋର୍ଡ଼) ଗଠନ କରିଥିଲେ (ଜାନୁଆରୀ 2004), ଯାହା କୋଠାବାଡ଼ି ନିର୍ମାଣ ଖର୍ଚ୍ଚ ଉପରେ ଏକ ପ୍ରତିଶତ ହାରରେ ସେସ୍ ଆଦାୟ କରିବ ଏବଂ କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକଙ୍କ କଲ୍ୟାଣ ପାଇଁ ବିନିଯୋଗ କରିବ । 2011 ଜନଗଣନା ଅନୁସାରେ ଓଡ଼ିଶାର ଶ୍ରମିକ ଜନସଂଖ୍ୟା 1 କୋଟି 75 ଲକ୍ଷ ଥିଲା, ସେଥିମଧ୍ୟରୁ ଅଣସଙ୍ଗଠିତ କ୍ଷେତ୍ରରେ ଶ୍ରମିକଙ୍କ ସଂଖ୍ୟା 1 କୋଟି 61 ଲକ୍ଷ ଥିଲା । ବିଓସି ଶ୍ରମିକମାନେ ଅଣସଙ୍ଗଠିତ କ୍ଷେତ୍ରର ଥିଲେ ଏବଂ ସେମାନଙ୍କ ସଂଖ୍ୟା 22.34 ଲକ୍ଷ ଥିଲା, ଯାହା ମୋଟ ଶ୍ରମିକ ଜନସଖ୍ୟାର 12.77 ପ୍ରତିଶତ ଏବଂ ଅଣସଙ୍ଗଠିତ କ୍ଷେତ୍ରର ଶ୍ରମିକ ଜନସଂଖ୍ୟାର 14 ପ୍ରତିଶତ ଥିଲା । ନଭେମ୍ବର 2022 ଏବଂ ଏପ୍ରିଲ 2023 ମଧ୍ୟରେ ନିଷ୍ପାଦନ ଅଡିଟ୍ କରାଯାଇଥିଲା, ଯାହାର ଉଦ୍ଦେଶ୍ୟ ଶ୍ରମ ସେସ୍‌ର ସଂଗ୍ରହ ଏବଂ ଉପଯୋଗରେ ଦକ୍ଷତାର ଆକଳନ କରିବା ଥିଲା । ଅଡିଟ୍ ଲକ୍ଷ୍ୟ କଲେ ଯେ, ସରକାରୀ ବିଭାଗଗୁଡ଼ିକ ବୋର୍ଡ଼ରେ ସେମାନଙ୍କୁ ପ୍ରତିଷ୍ଠାନ/ ମୁଖ୍ୟ ନିଯୁକ୍ତିଦାତା ଭାବେ ପଞ୍ଜିକରଣ କରିବାରେ ପ୍ରାଥମିକ ଖିଲାପକାରୀ ଥିଲେ । ଫଳରେ, କାର୍ଯ୍ୟଗୁଡିକର ଠିକାଦାର ଏବଂ ସେମାନଙ୍କ ଦ୍ୱାରା ନିଯୁକ୍ତ ବିଏସି କର୍ମଚାରୀମାନେ ବୋର୍ଡ଼ରେ ପଞ୍ଜୀକୃତ ହୋଇନଥିଲେ । ବୋର୍ଡ଼ ଜୁଲାଇ 2020 ସୁଦ୍ଧା ପ୍ରାୟ 41.70 ଲକ୍ଷ ବିଓସି ଶ୍ରମିକଙ୍କ ସଂଖ୍ୟା ଆକଳନ କରିଥିଲା, ଯାହା ବିପକ୍ଷରେ ମାର୍ଚ୍ଚ 2022 ସୁଦ୍ଧା 36.74 ଲକ୍ଷ ବିଓସି ଶ୍ରମିକ ବୋର୍ଡ଼ରେ ପଞ୍ଜିକୃତ ହୋଇଥିଲେ । ନମୁନା ହୋଇଥିବା ପାଞ୍ଚଟି ଜିଲ୍ଲାରେ କୋଭିଡ୍-19 ମହାମାରୀ ଯୋଗୁ ଲାଗୁ ହୋଇଥିବା ଲକ୍ ଡାଉନ୍ ଅବଧି ମଧ୍ୟରେ ରାଜ୍ୟକୁ ଫେରିଥିବା 38,023 ପ୍ରବାସୀ ବିଓସି ଶ୍ରମିକଙ୍କ ମଧ୍ୟରୁ ବୋର୍ଡ଼ରେ ମାତ୍ର 3,457 ପ୍ରବାସୀ ପଞ୍ଜିକୃତ ହୋଇଥିଲେ । 399 ଟି ନମୁନା ବିଓସି କାର୍ଯ୍ୟ କ୍ଷେତ୍ରରେ 67.12 ଲକ୍ଷ ଟଙ୍କା ସେସ୍ ଆଦାୟ ହୋଇନଥିଲା । ଆହୁରି ମଧ୍ୟ 418 ଟି ଡିମାଣ୍ଡ ଡ୍ରାଫ୍ଟ ଓ ଚେକ୍ ମାଧ୍ୟମରେ ମିଳିଥିବା 5.72 କୋଟି ଟଙ୍କାର ସେସ୍ ମଧ୍ୟ ନଗଦୀକରଣ କରାଯାଇ ନ ଥିଲା ଏବଂ ଉପକରଣଗୁଡ଼ିକୁ ମଧ୍ୟ ପୁନଃ ବୈଧ କରାଯାଇ ନଥିଲା । ଚାରିଟି ଉନ୍ନୟନ କର୍ତ୍ତୃପକ୍ଷ, ଆର୍ଥିକ ବର୍ଷ 2017-18 ରୁ 2021-22 ମଧ୍ୟରେ ସେମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା କାର୍ଯ୍ୟର କାର୍ଯ୍ୟନିର୍ବାହୀଙ୍କ ଠାରୁ ଆଦାୟ ହୋଇଥିବା 13.97 କୋଟି ଟଙ୍କା ସେସ୍ ଜମା କରିନଥିଲେ ।

ବୋର୍ଡ଼ 2017-18 ରୁ 2021-22 ଆର୍ଥିକ ବର୍ଷ ମଧ୍ୟରେ ଉପଲବ୍ଧ 2,875.85 କୋଟି ଟଙ୍କା ମଧ୍ୟରୁ 2,301.29 କୋଟି ଟଙ୍କା (80 ପ୍ରତିଶତ) ବିନଯୋଗ କରିଥିଲା । ସମୁଦାୟ ଖର୍ଚ୍ଚରୁ 28.09 କୋଟି ଟଙ୍କା ପ୍ରଶାସନିକ ଖର୍ଚ୍ଚ ଏବଂ 2,273.20 କୋଟି ଟଙ୍କା କଲ୍ୟାଣମୂଳକ ଯୋଜନାରେ ବିନିଯୋଗ କରାଯାଇଥିଲା । ବିଓସି ଶ୍ରମିକମାନଙ୍କ ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ମାଧ୍ୟମରେ ବୋର୍ଡ଼ ବିଭିନ୍ନ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରୁଥିଲା । କିନ୍ତୁ, ଏହା ଦ୍ୱାରା ପ୍ରଦାନ କରାଯାଇଥିବା ଅର୍ଥର ବିନିଯୋଗର ଅଗ୍ରଗତି ତଦାରଖ କରୁ ନଥିଲା କି ଯୋଜନାର କାର୍ଯ୍ୟକାରିତାର ଅଗ୍ରଗତିର ତଦାରଖ କରୁ ନଥିଲା । ଯଦିଓ ସେସ୍ ପାଣ୍ଠି ବିଓସି ଶ୍ରମିକଙ୍କ କଲ୍ୟାଣ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟରେ ବ୍ୟବହାର କରାଯିବାକୁ ଲକ୍ଷ୍ୟ ରଖାଯାଇଥିଲା, ଏହା ଲକ୍ଷ୍ୟ କରାଯାଇଥିଲା କି ସେସ୍ ପାଣ୍ଠିକୁ ଅନ୍ୟ କାର୍ଯ୍ୟରେ ମଧ୍ୟ ବିନିଯୋଗ କରାଯାଉଥିଲା ।

ସେସ୍ ପାଣ୍ଠିର ପ୍ରଶାସନିକ ତଦାରଖ ଭଲ ନ ଥିଲା, ଯେହେତୁ ବୋର୍ଡ଼ର ବାର୍ଷିକ ହିସାବର ଅଡିଟ୍ 2014-15 ଆର୍ଥିକ ବର୍ଷରୁ ବକେୟା ରହିଥିଲା; ଭିନ୍ନ ଭିନ୍ନ ଆକାଉଣ୍ଟିଂ ହେଡ୍ ମଧ୍ୟରେ ଆସୁଥିବା ସେସ୍ ପାଣ୍ଠିର ରିକନ୍ସିଲିଏସନ୍ କରାଯାଉ ନଥିଲା, ଆୟକର ରିଟର୍ଣ୍ଣ ଦାଖଲ ହେଉନଥିଲା, ଇତ୍ୟାଦି । ଆହୁରି ମଧ୍ୟ ବୋର୍ଡ଼ର ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥା ବହୁତ ଦୁର୍ବଳ ଥିଲା ।

ଏଥିପାଇଁ ସୁପାରିଶ କରାଯାଇଛି ଯେ:

1. ପ୍ରତ୍ୟେକ ଡିଏଲ୍‌ଓ ପଞ୍ଜିକୃତ ପ୍ରତିଷ୍ଠାନ, ମୁଖ୍ୟ ନିଯୁକ୍ତିଦାତା ଓ ନିଯୁକ୍ତିଦାତାଙ୍କ ଡାଟାବେସ୍ ସହିତ ସେମାନଙ୍କ ଦ୍ୱାରା ନିୟୋଜିତ ସର୍ବାଧିକ ଶ୍ରମିକଙ୍କ ସଂଖ୍ୟା, କାର୍ଯ୍ୟ ଆରମ୍ଭ ଓ ଶେଷ ହେବାର ସମ୍ଭାବ୍ୟ ତାରିଖର ଡାଟାବେସ୍ ରଖିବା ଆବଶ୍ୟକ ।
2. ସରକାରୀ ବିଭାଗ, ବିଓସି କାର୍ଯ୍ୟ ପ୍ରଦାନ ଏବଂ କାର୍ଯ୍ୟାଦେଶ ଗ୍ରହଣ କରୁଥିବା ସଂସ୍ଥାଗୁଡ଼ିକ, କାର୍ଯ୍ୟାଦେଶ ମିଳିବା ମାତ୍ରେ ଯଥାକ୍ରମେ ପ୍ରତିଷ୍ଠାନ ଏବଂ ନିଯୁକ୍ତିଦାତା ଭାବେ ପଞ୍ଜୀକୃତ ହେବା ସୁନିଶ୍ଚିତ କରିବା ଲାଗି ଏକ ବ୍ୟବସ୍ଥା କାଯ୍ୟକାରୀ କରାଯାଇପାରେ ।
3. ବୋର୍ଡ଼ ବିଓସି କାର୍ଯ୍ୟ ଉପରେ ନଜର ରଖିପାରିବ ଏବଂ ଏଥିରେ ନିୟୋଜିତ ବିଓସି ଶ୍ରମିକଙ୍କ ସବିଶେଷ ତଥ୍ୟ ସହିତ ପଞ୍ଜୀକରଣ ସ୍ଥିତି ଓ ସେମାନଙ୍କ ପଞ୍ଜୀକରଣ ପାଇଁ ପଦକ୍ଷେପ ନେବା ପାଇଁ ଆଇନ୍‌ର ବ୍ୟବସ୍ଥାକୁ କଡ଼ାକଡ଼ି ଭାବେ ଲାଗୁ କରିପାରନ୍ତି ।
4. ଏଲ୍‌ଆଣ୍ଡଇଏସ୍‌ଆଇ ବିଭାଗ ସେସ୍ ସଂଗ୍ରହ ନକରିବା ଓ ସେସ୍‌କୁ ବୋର୍ଡ଼କୁ ଶୀଘ୍ର ପଠାଇବା ପାଇଁ ସରକାରଙ୍କ ଅଧୀନରେ ଥିବା ସମ୍ପୃକ୍ତ ବିଭାଗମାନଙ୍କ ସହ ଆଲୋଚନା କରିବା ଉଚିତ୍ ।
5. ବୋର୍ଡ଼ ଦ୍ୱାରା ପାଣ୍ଠି ବିନିଯୋଗ ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନର ଅଗ୍ରଗତିର ତଦାରଖ କରିବା ଲାଗି ଏବଂ ପାଣ୍ଠିର ସଠିକ୍ ସମୟରେ ଉଦ୍ଦେଶ୍ୟମୂଳକ ଉଦ୍ଦେଶ୍ୟରେ ବିନିଯୋଗ କରାଯାଉଛି ଇତ୍ୟାଦିକୁ ସୁନିଶ୍ଚିତ କରାଇବା ଲାଗି ଏକ ଉପଯୁକ୍ତ ବ୍ୟବସ୍ଥା ପ୍ରସ୍ତୁତ କରିପାରନ୍ତି ।
6. କ୍ରୟ ପ୍ରକ୍ରିୟା ସ୍ୱଚ୍ଛ ଏବଂ ନିୟମ ଅନୁସାରେ ହେବା ଆବଶ୍ୟକ । କ୍ରୟ ପ୍ରକ୍ରିୟାରେ ଯେଭଳି କୌଣସି ସଂସ୍ଥାକୁ ଅଯଥା ଲାଭ ନମିଳେ ସେଥିପ୍ରତି ବୋର୍ଡ଼ ଉପଯୁକ୍ତ ଦୃଷ୍ଟି ଦେବା ଉଚିତ୍ ।
7. ବିଭିନ୍ନ ନିୟମାବଳୀ ଅଧିନରେ ବିଓସି ଶ୍ରମିକମାନଙ୍କୁ ସେମାନଙ୍କର ଅଧିକାର ବିଷୟରେ ତଥା ବୋର୍ଡ ଦ୍ୱାରା ସେମାନଙ୍କ ପାଇଁ ଆରମ୍ଭ କରାଯାଇଥିବା କଲ୍ୟାଣକାରୀ ଯୋଜନାଗୁଡିକ ବିଷୟରେ ସୂଚୀତ କରାଇବା ପାଇଁ ବୋର୍ଡ ବାର୍ଷିକ ଆଇଇସି ପ୍ଲାନ୍ ଓ ସଚେତନତା କାର୍ଯ୍ୟକ୍ରମ ପ୍ରସ୍ତୁତ କରିପାରନ୍ତି ।
8. ବୋର୍ଡ଼ ପଞ୍ଜୀକୃତ ବିଓସି ଶ୍ରମିକମାନଙ୍କର ସମସ୍ତ ବିବରଣୀ ସଂଗ୍ରହ କରି ଏକ ଡାଟାବେସ୍ ରଖିପାରିବ ଏବଂ ସେମାନଙ୍କୁ ଲାଭ ହସ୍ତାନ୍ତର କରିବା ପାଇଁ ଡିବିଟି ମୋଡ୍ ଗ୍ରହଣ କରିପାରନ୍ତି ।
9. ବୋର୍ଡ଼ ସେସ୍ ପାଣ୍ଠିରୁ ବ୍ୟୟବରାଦ କରିବାରେ ବିଚକ୍ଷଣତା ଅବଲମ୍ବନ କରିପାରନ୍ତି ଏବଂ ସେସ୍ ପାଣ୍ଠିରୁ ଖର୍ଚ୍ଚ ହୋଇଥିବା ଅର୍ଥ ପଞ୍ଜୀକୃତ ହିତାଧିକାରୀଙ୍କ ପ୍ରତ୍ୟକ୍ଷ କଲ୍ୟାଣରେ ଯୋଗଦାନ ହେବା ସୁନିଶ୍ଚିତ କରିପାରନ୍ତି । ସେସ୍ ପାଣ୍ଠିରୁ ବ୍ୟୟ କରିବାରେ ସର୍ବୋଚ୍ଚ ନ୍ୟାୟାଳୟଙ୍କର ରାୟର ଅବମାନନା ପାଇଁ ଦାୟୀ ରହିଥିବା କର୍ମକର୍ତ୍ତାମାନେ ଉତ୍ତରଦାୟୀ ରହିବା ଉଚିତ୍ ।
10. ବିଭିନ୍ନ ହିସାବ ଶୀର୍ଷ ମଧ୍ୟରେ ପରିସଂଖ୍ୟାନର ସମାଧାନ ଭଳି ଆବଶ୍ୟକ ଯାଞ୍ଚ ଏବଂ ସନ୍ତୁଳନ କରିବା ପରେ ବାର୍ଷିକ ହିସାବ ଠିକ୍ ସମୟରେ ପ୍ରସ୍ତୁତ କରି ବୋର୍ଡ଼ ସେସ୍ ପାଣ୍ଠି ପରିଚାଳନା କ୍ଷେତ୍ରରେ ଏକ ବୃତ୍ତିଗତ ଆଭିମୁଖ୍ୟ ଗ୍ରହଣ କରାଯାଇପାରେ ।
11. ବୋର୍ଡ଼ ଆୟକରର ପରିହାର୍ଯ୍ୟ ଦେୟକୁ ସଞ୍ଚୟ କରିବା ପାଇଁ ଆଇଟି ଅଧିକାରୀଙ୍କ ଠାରୁ ଆୟକର ଛାଡ଼ ପ୍ରମାଣ ପତ୍ର ପ୍ରାପ୍ତ କରିବା ପାଇଁ ପ୍ରୟାସ କରିପାରେ ।

**12. ବୋର୍ଡ଼ ଏହାର ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥାକୁ ସୁଦୃଢ଼ କରି ଯାଞ୍ଚର ଲକ୍ଷ୍ୟ ନିର୍ଦ୍ଧାରଣ କରିବା ସହିତ ଯାଞ୍ଚ କରାଯିବାକୁ ଥିବା ଦିଗଗୁଡ଼ିକୁ ଚିହ୍ନଟ କରିପାରନ୍ତି । ଯାଞ୍ଚ ରିପୋର୍ଟ ପ୍ରସ୍ତୁତ କରିବା ଆବଶ୍ୟକ ଏବଂ ଯାଞ୍ଚରେ ଦେଖାଯାଇଥିବା ତ୍ରୁଟିର ସମାଧାନ ହେବା ସୁନିଶ୍ଚିତ କରିବା ପାଇଁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଇବା ଆବଶ୍ୟକ ।**

### 2.1.1 ଉପକ୍ରମ

କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକଙ୍କ ନିଯୁକ୍ତି ଏବଂ ସେବା ସର୍ତ୍ତାବଳୀକୁ ନିୟନ୍ତ୍ରଣ କରିବା ପାଇଁ, ଭାରତ ସରକାର (ଜିଓଆଇ) କୋଠାବାଡ଼ି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ (ନିଯୁକ୍ତି ନିୟମାବଳୀ ଏବଂ ସେବା ସର୍ତ୍ତାବଳୀ) ଅଧିନିୟମ, 1996 ଅର୍ଥାତ୍ ବିଓସିଡବ୍ଲୁ (ଆରଇ ଆଣ୍ଡ ସିଏସ୍) ଅଧିନିୟମ, 1996 ପ୍ରଣୟନ କରିଥିଲେ । ଧାରା 1(4) ଅନୁଯାୟୀ, ଏହି ଅଧିନିୟମ ପ୍ରତ୍ୟେକ ପ୍ରତିଷ୍ଠାନ ପାଇଁ ପ୍ରଯୁଜ୍ୟ, ଯେଉଁମାନେ ପୂର୍ବରୁ 12 ମାସର କୌଣସି ଦିନରେ କୌଣସି କୋଠା କିମ୍ବା ନିର୍ମାଣ କାର୍ଯ୍ୟରେ 10 କିମ୍ବା ତା'ଠାରୁ ଅଧିକ ଶ୍ରମିକଙ୍କୁ ନିଯୁକ୍ତି ଦେଇଛନ୍ତି ବା ଦେଇଥିଲେ ।

ବିଓସିଡବ୍ଲୁ (ଆରଇ ଆଣ୍ଡ ସିଏସ୍) ଅଧିନୟମର ଧାରା 18 ଅନୁଯାୟୀ ପ୍ରତ୍ୟେକ ସରକାର ଏକ କୋଠା ଏବଂ ଅନ୍ୟାନ୍ୟ ନିର୍ମାଣ (ବିଓସି) ଶ୍ରମିକ ବୋର୍ଡ଼ ଗଠନ କରିବା ଆବଶ୍ୟକ । ଅଧିନୟମର ଧାରା 22 ଅନୁଯାୟୀ, ନିର୍ଦ୍ଧାରିତ ବୋର୍ଡ଼ରେ ପଞ୍ଜୀକୃତ ହୋଇଥିବା ବିଓସି ଶ୍ରମିକମାନଙ୍କ ଘର ନିର୍ମାଣ ପାଇଁ, ସେମାନଙ୍କ ପିଲାମାନଙ୍କର ପାଠପଢ଼ା ପାଇଁ, ଚିକିତ୍ସା ଖର୍ଚ୍ଚ, ପ୍ରସୂତି ସହାୟତା, ଗ୍ରୁପ୍ ବୀମା ଯୋଜନା ପାଇଁ ପ୍ରିମିଅମ୍ ଅର୍ଥ ପ୍ରଦାନ, ଇତ୍ୟାଦି ଏବଂ ଷାଠିଏ ବର୍ଷ ପୂରା କରିଥିବା ହିତାଧିକାରୀମାନଙ୍କୁ ପେନ୍‌ସନ୍ ପ୍ରଦାନ କରିବା ବୋର୍ଡ଼ର ମୁଖ୍ୟ କାର୍ଯ୍ୟ ଅଟେ ।

ଭାରତ ସରକାର କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ସେସ୍ (ବିଓସିଡବ୍ଲୁଡବ୍ଲୁସି) ଅଧିନିୟମ, 1996 ଏବଂ ବିଓସିଡବ୍ଲୁସି ନିୟମ, 1998 ମଧ୍ୟ ପ୍ରଣୟନ କରିଥିଲେ, ଯେଉଁଥିରେ ସେସ୍ ଆଦାୟ ଓ ସଂଗ୍ରହର ବ୍ୟବସ୍ଥା ରହିଛି । ବିଓସିଡବ୍ଲୁଡବ୍ଲୁସି ଅଧିନିୟମର ଧାରା 3(1)ରେ ନିଯୁକ୍ତିଦାତା ଏବଂ ନିର୍ମାଣକାରୀଙ୍କ ଦ୍ୱାରା ହୋଇଥିବା ନିର୍ମାଣ ଖର୍ଚ୍ଚ ଉପରେ ଏକ ପ୍ରତିଶତରୁ କମ୍ ହୋଇନଥିବା ଏବଂ ଦୁଇ ପ୍ରତିଶତରୁ ଅଧିକ ହୋଇନଥିବ, ସେସ୍ ଲାଗୁ କରାଯିବ । ଏହି ଅଧିନିୟମର ଧାରା 3(3)ରେ ବ୍ୟବସ୍ଥା ରହିଛି ଯେ, ଆଦାୟ ଖର୍ଚ୍ଚ କାଟିବା ପରେ ଆଦାୟ ହୋଇଥିବା ସେସକୁ ବିଓସି ବୋର୍ଡ଼କୁ ପଠାଇ ଦିଆଯିବ । ବିଓସିଡବ୍ଲୁଡବ୍ଲୁସି ନିୟମାବଳୀର ନିୟମ 4(3)ରେ ପ୍ରାବଧାନ/ ବ୍ୟବସ୍ଥା ଅଛି ଯେ ସରକାରୀ କିମ୍ବା ରାଷ୍ଟ୍ରାୟତ ଉଦ୍ୟୋଗ ଦ୍ୱାରା କରାଯାଇଥିବା ନିର୍ମାଣ କାର୍ଯ୍ୟ ଗୁଡ଼ିକରେ, କର୍ତ୍ତୃପକ୍ଷ କାର୍ଯ୍ୟ ପାଇଁ ଦେଉଥିବା ବିଲରୁ ସେସ୍ ଅର୍ଥକୁ କାଟି ଆଦାୟ କରିପାରିବେ । ନିୟମ 4(4) ରେ ବ୍ୟବସ୍ଥା ଅଛି ଯେ, ଘରୋଇ ସଂସ୍ଥା ଦ୍ୱାରା କରାଯାଇଥିବା କାର୍ଯ୍ୟ ଗୁଡ଼ିକରେ ସମ୍ପୃକ୍ତ ଘରୋଇ ସଂସ୍ଥା ବିଲ୍ଡିଂ ପ୍ଲାନ୍ ଅନୁମୋଦନ ପାଇଁ ଆବେଦନ କରିବା ସମୟରେ ସେସ୍ ଅର୍ଥକୁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଜମା କରିବେ ।

2011 ଜନଗଣନା ଅନୁସାରେ ଓଡ଼ିଶାରେ ଶ୍ରମିକଙ୍କ ସଂଖ୍ୟା 1.75 କୋଟି ଥିବା ବେଳେ ସେଥିମଧ୍ୟରୁ ଅସଙ୍ଗଠିତ ଶ୍ରମିକଙ୍କ ସଂଖ୍ୟା 1.61 କୋଟି ଥିଲା । ବିଓସି ଶ୍ରମିକମାନେ ଅଣସଙ୍ଗଠିତ କ୍ଷେତ୍ରର ଥିଲେ । ସେମାନଙ୍କର ସଂଖ୍ୟା 22.34 ଲକ୍ଷ ଥିଲା, ଯାହା ଶ୍ରମିକଙ୍କ ମୋଟ ଜନସଂଖ୍ୟାର 12.77 ପ୍ରତିଶତ ଏବଂ ଅଣସଙ୍ଗଠିତ ଶ୍ରମିକଙ୍କ ଜନସଂଖ୍ୟାର 14 ପ୍ରତିଶତ ଥିଲା । ତେଣୁ, ବିଓସି ଶ୍ରମିକଙ୍କ ସଂଖ୍ୟା, ସମୁଦାୟ ଶ୍ରମିକଙ୍କ ଜନ ସଂଖ୍ୟା ଏବଂ ଅଣସଙ୍ଗଠିତ ଶ୍ରମିକଙ୍କ ସଂଖ୍ୟା[1] ତୁଳନାରେ ବହୁତ କମ୍ ଥିଲା ।

ଓଡ଼ିଶା ସରକାରଙ୍କ (ଜିଓଓ) ଶ୍ରମ ଓ କର୍ମଚାରୀ ବୀମା (ଏଲ୍ଆଣ୍ଡଇଏସ୍ଆଇ) ବିଭାଗ, ବିଓସିଡବ୍ଲୁ (ଆରଇଆଣ୍ଡସିଏସ୍) ଅଧିନିୟମର ବ୍ୟବସ୍ଥା ଅନୁଯାୟୀ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ (ନିଯୁକ୍ତି ଓ ସେବା ସର୍ତ୍ତାବଳୀ ନିୟାମକ) ନିୟମ, 2002 ପ୍ରଣୀତ କରିଥିଲେ (ଅଗଷ୍ଟ 2002) । ଏହା ମଧ୍ୟ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ (ବୋର୍ଡ଼) ଗଠନ (ଜାନୁଆରୀ 2004) କରିଥିଲା ।

---


[1] ଉତ୍ସ: 2017-18 ଏବଂ 2020-21 ବର୍ଷ ମାନଙ୍କର ଶ୍ରମ ଓ କର୍ମଚାରୀ ବୀମା ବିଭାଗର କାର୍ଯ୍ୟକଳାପ ରିପୋର୍ଟ

ଏଲ୍ଆଣ୍ଡଇଏସ୍ଆଇ ବିଭାଗ ଏକ ରିଜୋଲୁସନ୍ ପାସ୍ କରିଥିଲା (ଡିସେମ୍ବର 2008) ଯେ ନିଯୁକ୍ତିଦାତା/ ନିର୍ମାଣକାରୀଙ୍କ[2] ଦ୍ୱାରା କରାଯାଇଥିବା ନିର୍ମାଣ ଖର୍ଚ୍ଚ ଉପରେ ସେସ୍ ଏକ ପ୍ରତିଶତ ହାରରେ ରିଜୋଲୁସନ୍ ପ୍ରକାଶିତ ତାରିଖରୁ ସଂଗ୍ରହ କରାଯିବ ।

### *2.1.1.1 ଓବିଓସିଡବ୍ଲୁବି ର ସାଙ୍ଗଠନିକ ଗଠନ*

ବୋର୍ଡ଼ ଏକ କର୍ପୋରେଟ୍ ସଂସ୍ଥା, ଯାହା ବିଓସିଡବ୍ଲୁଡବ୍ଲୁସି ଅଧିନିୟମର ଧାରା 18 ଅନୁଯାୟୀ ଗଠିତ । ଏହା ଜିଓଓର ଏଲ୍ ଆଣ୍ଡ ଇଏସ୍ଆଇ ବିଭାଗର ପ୍ରଶାସନିକ ନିୟନ୍ତ୍ରଣରେ କାର୍ଯ୍ୟ କରିଥାଏ । ଓଡ଼ିଶାର ଶ୍ରମ କମିଶନର ସଦସ୍ୟ ସଚିବ ହେବା ସହିତ ବୋର୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମଧ୍ୟ ଅଟନ୍ତି । ବୋର୍ଡ଼ର ସାଙ୍ଗଠନିକ ଚାର୍ଟ 2.1.1 ରେ ଦର୍ଶାଯାଇଛି ।

*ଚାର୍ଟ 2.1.1: ଓବିଓସିଡବ୍ଲୁବିର ସାଙ୍ଗଠନିକ ଗଠନ*




ପ୍ରତିଷ୍ଠାନ ଓ ଶ୍ରମିକଙ୍କ ପଞ୍ଜିକରଣ, ସେସ୍ ସଂଗ୍ରହ ଓ ମୂଲ୍ୟାଙ୍କନ ସହିତ ଏହାର ହିସାବର ରକ୍ଷଣାବେକ୍ଷଣ, ପ୍ରତିଷ୍ଠାନ ଓ କାର୍ଯ୍ୟସ୍ଥଳୀ ଯାଞ୍ଚ, ହିତାଧିକାରୀ ଚୟନ ଲାଭର ଅନ୍ତିମ ବିତରଣ ଏବଂ ଜିଲ୍ଲାରେ ଆଇନର ବ୍ୟବସ୍ଥାର କାର୍ଯ୍ୟାକାରିତା ପାଇଁ ଉତ୍ତରଦାୟୀ ରହିଥିବାରୁ ଜିଲ୍ଲା ଶ୍ରମ ଅଧିକାରୀ (ଡିଏଲ୍ଓ)ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ ।

## 2.1.2 ଅଡିଟ୍ ଉଦ୍ଦେଶ୍ୟ

ରାଜ୍ୟରେ ବିଓସିଡବ୍ଲୁର କଲ୍ୟାଣ ଉପରେ ନିଷ୍ପାଦନ ଅଡିଟ୍ ଏହା ଆକଳନ କରିବା ଉଦ୍ଦେଶ୍ୟରେ କରାଯାଇଥିଲା କି କଣ;

- ପ୍ରତିଷ୍ଠାନ ଓ ହିତାଧିକାରୀଙ୍କ ପଞ୍ଜିକରଣ ପାଇଁ ସଫଳ ବ୍ୟବସ୍ଥା ଥିଲା ।
- ସେସ୍ର ଆକଳନ, ଏହାର ସଂଗ୍ରହ ଏବଂ ପାଣ୍ଠିକୁ ହସ୍ତାନ୍ତର କାର୍ଯ୍ୟ ଦକ୍ଷତାର ସହ ହୋଇଥିଲା ।
- ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସ୍ୱାସ୍ଥ୍ୟ ଓ ସୁରକ୍ଷା ମାନଦଣ୍ଡକୁ ପାଳନ କରିବାରେ ସକ୍ଷମ ହୋଇଛନ୍ତି ।

---

2 ଶ୍ରମିକ କ୍ଷତିପୂରଣ ଆଇନ୍, 1923 ଅନୁଯାୟୀ ଶ୍ରମିକ କିମ୍ବା ତାଙ୍କ ସମ୍ପର୍କୀୟଙ୍କୁ ପ୍ରଦାନ କରାଯାଇଥିବା କିମ୍ବା ଦେବାକୁ ଥିବା ଜମିର ମୂଲ୍ୟ ଏବଂ ଅନ୍ୟ କୌଣସି କ୍ଷତିପୂରଣକୁ ବାଦ୍ ଦେଲେ

- ଶ୍ରମ ସେସ୍ ଚୋରିକୁ ରୋକିବା ଏବଂ ନିଯୁକ୍ତିଦାତାଙ୍କ ଦ୍ୱାରା ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ମାନଦଣ୍ଡର ଅନୁପାଳନ ସୁନିଶ୍ଚିତ କରିବା ଲାଗି ସରକାର ଏକ ସ୍ୱଚ୍ଛ ଏବଂ ପ୍ରଭାବୀ ଯାଞ୍ଚ ବ୍ୟବସ୍ଥା ଲାଗୁ କରିଥିଲେ ।
- ବୋର୍ଡ଼ ଦ୍ୱାରା କଲ୍ୟାଣକାରୀ ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ପ୍ରଶାସନ ଏବଂ ଅର୍ଥର ଉପଯୋଗ ଦକ୍ଷ ଏବଂ ପ୍ରଭାବଶାଳୀ ଥିଲା ଏବଂ ଏହା ସଂପୃକ୍ତ ଆଇନ ଏବଂ ନିୟମ ସହିତ ସାମଞ୍ଜସ୍ୟ ଥିଲା ।

### 2.1.3 ଅଡିଟ୍ ପରିସର ଏବଂ ପଦ୍ଧତି

ବୋର୍ଡ଼ ଦ୍ୱାରା 2017-18 ଆର୍ଥିକ ବର୍ଷରୁ 2021-22 ଆର୍ଥିକ ବର୍ଷ ମଧ୍ୟରେ କାର୍ଯ୍ୟକାରୀ କରାଯାଉଥିବା 13ଟି[3] କଲ୍ୟାଣକାରୀ ଯୋଜନା ମଧ୍ୟରୁ 10ଟି ଯୋଜନାର ନିଷ୍ପାଦନ ଅଡିଟ୍ ନଭେମ୍ବର 2022 ରୁ ଏପ୍ରିଲ 2023 ମଧ୍ୟରେ କରାଯାଇଥିଲା । ଅଡିଟ୍, ଏଲ ଆଣ୍ଡ ଇଏସଆଇ ବିଭାଗର, ବୋର୍ଡ, 32ଟି[4] ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ମଧ୍ୟରୁ 5ଟି, ତିନିଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲବି)[5], ଚାରିଟି ଉନ୍ନୟନ କର୍ତ୍ତୃପକ୍ଷ (ଡିଏଏ)[6], ଏବଂ ଚାରିଟି ପୂର୍ତ୍ତ ବିଭାଗ, ପ୍ରତ୍ୟେକ ଜଳ ସମ୍ପଦ ବିଭାଗ ଏବଂ ପୂର୍ତ୍ତ ବିଭାଗର ରେକର୍ଡଗୁଡିକ ନମୁନା ଜିଲ୍ଲା ଗୁଡିକରେ ଯାଞ୍ଚ କରାଯାଇଥିଲା, ଯାହାର ସବିଶେଷ ବିବରଣୀ ***ପରିଶିଷ୍ଟ 2.1.1*** ରେ ରହିଛି । ଏଥି ସହିତ ନିଯୁକ୍ତିଦାତାଙ୍କ ଦ୍ୱାରା ନିର୍ଦ୍ଧାରିତ କଲ୍ୟାଣକାରୀ ବ୍ୟବସ୍ଥା ସୁବିଧା ଏବଂ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ମାନଦଣ୍ଡକୁ ବଜାୟ ରଖିବାରେ ସୁନିଶ୍ଚିତତା ହାସଲ କରିବା ପାଇଁ ସଂପୃକ୍ତ ନମୁନା ୟୁନିଟ୍‌ର ଅଧିକାରୀଙ୍କ ସହ 16ଟି ପଞ୍ଜିକୃତ ପ୍ରତିଷ୍ଠାନ ଓ 16ଟି[7] ଅଣପଞ୍ଜିକୃତ ପ୍ରତିଷ୍ଠାନକୁ ମିଳିତ ଭୌତିକ ଯାଞ୍ଚ (ଜେପିଆଇ)ରେ କରାଯାଇଥିଲା । ଏହି 4ଟି ନମୁନା ଜିଲ୍ଲାରେ 400 ଜଣ ପଞ୍ଜିକୃତ ଏବଂ 100 ଜଣ ଅଣପଞ୍ଜିକୃତ ନିର୍ମାଣ ଶ୍ରମିକଙ୍କ ସନ୍ତୁଷ୍ଟ ସ୍ତରକୁ ନେଇ ସଂପୃକ୍ତ ନମୁନା ୟୁନିଟ୍‌ର ଅଧିକାରୀଙ୍କ ସହ ସର୍ବେକ୍ଷଣ କରାଯାଇଥିଲା । ପ୍ରତ୍ୟେକ ନମୁନା ଜିଲ୍ଲାରେ 100 ଜଣ ପଞ୍ଜିକୃତ ଓ 22-30 ଜଣ ଅଣପଞ୍ଜିକୃତ ନିର୍ମାଣ ଶ୍ରମିକଙ୍କୁ ଏହି ଉଦ୍ଦେଶ୍ୟ ପାଇଁ ଚୟନ କରାଯାଇଥିଲା । ଅଡିଟ୍ ଆରମ୍ଭ ହେବା ପୂର୍ବରୁ, 2022 ଅକ୍ଟୋବର 18 ତାରିଖରେ ଏଲ୍ ଆଣ୍ଡ ଇଏସଆଇ ବିଭାଗର ପ୍ରମୁଖ ସଚିବଙ୍କ ସହ ଅଡିଟ୍‌ର ଉଦ୍ଦେଶ୍ୟ, ପରିସର ଏବଂ ପଦ୍ଧତି ସଂପର୍କରେ ଆଲୋଚନା କରିବା ପାଇଁ ଏକ ପ୍ରବେଶ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଅଡିଟ୍ ଫଳାଫଳକୁ ସରକାରଙ୍କ ନିକଟକୁ ପଠାଯାଇଥିଲା (ମଇ 2023) । ତେବେ ଏହାର ଉତ୍ତରକୁ ଅପେକ୍ଷା କରାଯାଇଛି ।

### 2.1.4 ଅଡିଟ୍ ମାନଦଣ୍ଡ

ମାନଦଣ୍ଡଗୁଡିକ, ଯାହା ବିପକ୍ଷରେ ଅଡିଟ୍ ଫଳାଫଳକୁ ମୂଲ୍ୟାୟନ କରାଯାଇଥିଲା, ତାହା ନିମ୍ନୋକ୍ତ ଉତ୍ସରୁ ନିଆଯାଇଥିଲା ।

- ବିଓସି ଡବ୍ଲୁ (ଆର୍‌ଇ ଆଣ୍ଡ ସିଏସ୍) ଅଧିନିୟମ 1996
- ଓବିଓସିଡବ୍ଲୁ (ଆର୍‌ଇ ଆଣ୍ଡ ସିଏସ୍) ନିୟମ 2002
- ବିଓସିଡବ୍ଲୁଡବ୍ଲୁ ସେସ୍ ଅଧିନିୟମ, 1996 ଏବଂ ଓବିଓସିଡବ୍ଲୁଡବ୍ଲୁ ସେସ୍ ନିୟମ, 1998
- ଶ୍ରମ ଏବଂ ନିୟୋଜନ ମନ୍ତ୍ରଣାଳୟ, ଜିଓଆଇ ଦ୍ୱାରା ଜାରି ହୋଇଥିବା ଆଦର୍ଶ କଲ୍ୟାଣ ଯୋଜନା, ଆଦେଶ ଏବଂ ସର୍କୁଲାର
- ଓଡିଶା ସରକାରଙ୍କ ଆର୍ଥିକ ନିୟମାବଳୀ
- ବୋର୍ଡ ଦ୍ୱାରା ଗୃହୀତ ରିଜୋଲୁସନ୍ ଏବଂ

[3] ଚୟନର ଆଧାର: ସର୍ବାଧିକ ଖର୍ଚ୍ଚ-ପାଞ୍ଚଟି ଯୋଜନା; ମଧ୍ୟମ ଖର୍ଚ୍ଚ-ଚାରିଟି ଯୋଜନା; ଏବଂ ଶୂନ୍ୟ ଖର୍ଚ୍ଚ-ଗୋଟିଏ ଯୋଜନା

[4] ତିନିଟି ଡିଏଲଓ (ବ୍ରହ୍ମପୁର, ଛତ୍ରପୁର ଓ କଟକ) ହିତାଧିକାରୀଙ୍କ କଲ୍ୟାଣ କାର୍ଯ୍ୟକ୍ରମରେ ସେମାନଙ୍କ ଦ୍ୱାରା ସର୍ବାଧିକ ଅର୍ଥ ଖର୍ଚ୍ଚ ହୋଇଥିବା ଆଧାରରେ ଚୟନ କରାଯାଇଥିଲା, ଅନ୍ୟ ଦୁଇଟି ଡିଏଲଓ (ଖୋର୍ଦ୍ଧା ଓ କେନ୍ଦୁଝର) ସର୍ବାଧିକ ସେସ୍ ଆଦାୟ ଆଧାରରେ ମନୋନୀତ କରାଯାଇଥିଲା

[5] ନମୁନା ଭାବେ ଗଞ୍ଜାମ, କଟକ ଓ ଖୋର୍ଦ୍ଧା ଜିଲ୍ଲାରେ ଗୋଟିଏ ଲେଖାଏଁ ଡିଏ ଓ ୟୁଏଲବିକୁ ରାଣ୍ଡମ୍ ଭାବରେ ଚୟନ କରାଯାଇଥିବା ବେଳେ କେନ୍ଦୁଝର ଜିଲ୍ଲାରୁ ଗୋଟିଏ ଲେଖାଏଁ ଡିଏ ଚୟନ କରାଯାଇଛି

[6] ପ୍ରତ୍ୟେକ ନମୁନା ଜିଲ୍ଲାରୁ ଜଳସମ୍ପଦ ବିଭାଗ ଓ ପୂର୍ତ୍ତ ବିଭାଗରୁ ଗୋଟିଏ ଲେଖାଏଁ ଡିଭିଜନ୍‌କୁ ସର୍ବାଧିକ ଖର୍ଚ୍ଚ ଆର୍ଥିକ ବର୍ଷ 2017-18 ରୁ 2021-22 ମଧ୍ୟରେ ହୋଇଥିବା ହିସାବରେ ଚୟନ କରାଯାଇଥିଲା

[7] ସ୍ଥାନ ପରିବର୍ତ୍ତନ କୌଶଳ ବିନା ଆକାରକୁ ସମ୍ଭାବ୍ୟ ଅନୁପାତ ମାଧ୍ୟମରେ (ପିପିଏସ୍‌ଡବ୍ଲୁଆର୍) ଚୟନ କରାଯାଇଛି

- ଏଲ୍ ଆଣ୍ଡ ଇଏସ୍ଆଇ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ଜାରି କରାଯାଇଥିବା ନିର୍ଦ୍ଦେଶନାମା ।

### 2.1.5 ସ୍ୱୀକାରୋକ୍ତି

ଏଲ୍ଆଣ୍ଡଇଏସ୍ଆଇ ବିଭାଗର ଅଧିକାରୀମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସହଯୋଗ ଏବଂ ଏଲ୍ ଆଣ୍ଡ ଇଏସ୍ଆଇ ପୂର୍ତ୍ତ ଏବଂ ଜଳ ସମ୍ପଦ ବିଭାଗର ସହଯୋଗୀ କାର୍ଯ୍ୟାଳୟର ଅଧିକାରୀମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସହଯୋଗକୁ ଅଡିଟ୍ ସ୍ୱୀକାର କରିଛି ।

### ଅଡିଟ୍ ଫଳାଫଳ

ପରବର୍ତ୍ତୀ ଅନୁଚ୍ଛେଦଗୁଡିକରେ ଅଡିଟ୍ ଫଳାଫଳ ଉପରେ ଆଲୋଚନା କରାଯାଇଛି ।

### 2.1.6 ପ୍ରତିଷ୍ଠାନ ଓ ହିତାଧିକାରୀଙ୍କ ପଞ୍ଜିକରଣ ବ୍ୟବସ୍ଥା

ବିଓସିଡବ୍ଲ୍ୟୁ (ଆର୍ଇ ଆଣ୍ଡ ସିଏସ୍) ଅଧିନିୟମ 1996 ର ଧାରା 7 ଏବଂ ଓବିଓସିଡବ୍ଲୁ (ଆର୍ଇ ଆଣ୍ଡ ସିଏସ୍) ନିୟମ 2002 ର ଧାରା 21 ସହ ପଢିବା ଅନୁସାରେ, ନିର୍ମାଣ କାର୍ଯ୍ୟ ସଂପାଦନ କରୁଥିବା ସରକାରୀ ବିଭାଗ/ ପିଏସୟୁ/ ସ୍ୱୟଂଶାସିତ ସଂସ୍ଥା, ନିଜକୁ ପ୍ରତିଷ୍ଠାନ/ ମୁଖ୍ୟ ନିଯୁକ୍ତିଦାତା ଭାବେ ବୋର୍ଡ଼ ସହ ପଞ୍ଜିକୃତ କରିବା ଥିଲା । ଏହା ବ୍ୟତୀତ ନିର୍ମାଣ କାର୍ଯ୍ୟ ସଂପାଦନ କରୁଥିବା ଠିକାଦାର/ ଉପ ଠିକାଦାରମାନଙ୍କୁ ବୋର୍ଡରେ ନିଯୁକ୍ତିଦାତା ଭାବେ ପଞ୍ଜିକୃତ କରିବା ଥିଲା । ଏଲ୍ ଆଣ୍ଡ ଇଏସ୍ଆଇ ବିଭାଗ ନିଷ୍ପତ୍ତି ନେଇଥିଲେ (ଜାନୁଆରୀ 2015) ଯେ ପ୍ରତିଷ୍ଠାନ/ ମୁଖ୍ୟ ନିଯୁକ୍ତିଦାତା/ ନଯୁକ୍ତିଦାତାମାନେ ସେମାନଙ୍କ କାର୍ଯ୍ୟ ଆରମ୍ଭ ହେବାର 60 ଦିନ ମଧ୍ୟରେ ବୋର୍ଡ଼ରେ ନିଜକୁ ପଞ୍ଜୀକୃତ କରିବେ । ସେମାନେ ଏହା ମଧ ସୁନିଶ୍ଚିତ କରିବେ ଯେ ସମସ୍ତ ଯୋଗ୍ୟ ନିର୍ମାଣ ଶ୍ରମିକ ବୋର୍ଡ଼ରେ ପଞ୍ଜିକୃତ ହୋଇଛନ୍ତି । ବିଭାଗ ଏହା ମଧ ସ୍ଥିର କରିଥିଲା ଯେ ଟେଣ୍ଡର ଆହ୍ୱାନକାରୀ କର୍ତ୍ତୃପକ୍ଷ ଟେଣ୍ଡର ଦସ୍ତାବିଜ ସହ ଚୁକ୍ତିନାମାରେ ଏହି ଆବଶ୍ୟକତାଗୁଡ଼ିକୁ ଅନ୍ତର୍ଭୁକ୍ତ କରିବେ । ପ୍ରତିଷ୍ଠାନ/ ମୁଖ୍ୟ ନିଯୁକ୍ତିଦାତାମାନେ କାର୍ଯ୍ୟ ପାଇଁ ଦେୟ ପ୍ରଦାନ କରିବା ପୂର୍ବରୁ ନିଯୁକ୍ତିଦାତା ଏବଂ ଶ୍ରମିକମାନଙ୍କର ପଞ୍ଜୀକରଣ ସ୍ଥିତି ଯାଞ୍ଚ କରିବା ଆବଶ୍ୟକ ଥିଲା । ଉପରୋକ୍ତ ବ୍ୟତୀତ, ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ[8] (ମାର୍ଚ୍ଚ ଓ ମଇ 2018) ଅନୁଯାୟୀ, ଶ୍ରମ ଓ ନିଯୋଜନ ମନ୍ତ୍ରାଳୟ ଜିଓଆଇ, କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକଙ୍କ ପାଇଁ ଆକ୍ସନ ପ୍ଲାନ୍ ଓ ମଡେଲ୍ କଲ୍ୟାଣ ଯୋଜନା ପ୍ରସ୍ତୁତ କରିବା ପାଇଁ ଏକ କମିଟି ଗଠନ କରିଥିଲେ । ଏହି କମିଟିର ଗୁରୁତ୍ୱପୂର୍ଣ୍ଣ ସୁପାରିଶଗୁଡ଼ିକ ହେଲା:

- ଅନ୍ଲାଇନ୍ ମାଧ୍ୟମରେ ପଞ୍ଜୀକରଣ କରିବା ।
- କାର୍ଯ୍ୟ ସମ୍ବନ୍ଧୀୟ କାର୍ଯ୍ୟାଦେଶର ଫଟୋକପିକୁ ସମ୍ପୃକ୍ତ ପଞ୍ଜୀକରଣ ଏବଂ ଉପକର ସଂଗ୍ରହକାରୀ କର୍ତ୍ତୃପକ୍ଷଙ୍କ ଅବଗତ ପାଇଁ ସରକାରଙ୍କ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଜାରି କରିବା ।
- ଚାଲୁ ରହିଥିବା ନିର୍ମାଣ କାର୍ଯ୍ୟର ନିୟମିତ ତଦାରଖ ପାଇଁ ଏକ ଉପଯୁକ୍ତ ବ୍ୟବସ୍ଥା ବିକଶିତ କରିବା ।
- ଶ୍ରମିକମାନଙ୍କର ନିୟମିତ ଆକଳନ/ ସର୍ବେକ୍ଷଣ ଏବଂ ପଞ୍ଜୀକରଣ ନବୀକରଣ (ଉଚିତ୍ କଲ୍ୟାଣକାରୀ ଯୋଜନା ପ୍ରସ୍ତୁତ କରିବା ଏବଂ ଯଥେଷ୍ଟ ସେବା ପ୍ରଦାନ କରିବା ପାଇଁ ଏହା ଜରୁରୀ ଥିଲା) ସହିତ ଆଜୀବନ ସଦସ୍ୟତାର ଡାଟାବେସର ରକ୍ଷଣାବେକ୍ଷଣ ସୁନିଶ୍ଚିତ କରିବା ।

ପ୍ରତିଷ୍ଠାନ/ ମୁଖ୍ୟ ନିଯୁକ୍ତିଦାତା/ ନିଯୁକ୍ତିଦାତା/ ଶ୍ରମିକ ଭାବେ ପଞ୍ଜୀକୃତ ହେବାକୁ ଇଚ୍ଛୁକ ସଂସ୍ଥା କିମ୍ବା ବ୍ୟକ୍ତିବିଶେଷମାନେ ସମ୍ପୃକ୍ତ ଜିଲ୍ଲା ଶ୍ରମ ଅଧିକାରୀ (ଡିଏଲ୍ଓ)ଙ୍କ ନିକଟରେ ସେମାନଙ୍କ ଆବେଦନ ପତ୍ର ଦାଖଲ କରିବାର ଥିଲା । ଜିଲ୍ଲା ଶ୍ରମ ଅଧିକାରୀ ଆବେଦନକୁ ଗ୍ରହଣ କରିବା ପରେ ପ୍ରତିଷ୍ଠାନ/ ମୁଖ୍ୟ ନିଯୁକ୍ତିଦାତା କିମ୍ବା ନିଯୁକ୍ତିଦାତା ଭାବେ ପଞ୍ଜୀକରଣ ପ୍ରମାଣପତ୍ର ପ୍ରଦାନ କରିବାର ଥିଲା । ଶ୍ରମିକଙ୍କ କ୍ଷେତ୍ରରେ ଜିଲ୍ଲା ଶ୍ରମ ଅଧିକାରୀ

[8] 2006 ର ରିଟ୍ ପିଟିସନ୍ (ସିଭିଲ୍) ସଂଖ୍ୟା-318, ଯାହା ଉପରେ 21 ଅଗଷ୍ଟ ଓ 4 ସେପ୍ଟେମ୍ବର 2015, 19 ମାର୍ଚ୍ଚ 2018 ଓ 7 ମଇ 2018 ରେ ରାୟ ପ୍ରକାଶ ପାଇଥିଲା

ପରିଚୟ ପତ୍ର ପ୍ରଦାନ କରିବାର ଥିଲା । ଏହା ବ୍ୟତୀତ, ଡିସେମ୍ବର 2020ରୁ ଅନ୍‌ଲାଇନ୍‌ରେ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା ।

### *2.1.6.1 ପ୍ରତିଷ୍ଠାନ/ ମୁଖ୍ୟ ନିଯୁକ୍ତିଦାତା/ ନିଯୁକ୍ତିଦାତା ଭାବେ ସଂସ୍ଥାଗୁଡ଼ିକର ବୋର୍ଡ଼ରେ ପଞ୍ଜୀକରଣରେ ତ୍ରୁଟି*


ଅଡିଟ୍‌କୁ ବୋର୍ଡ଼ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଅନୁଯାୟୀ, ଆର୍ଥିକ ବର୍ଷ 2017-18 ରୁ 2021-22 ମଧ୍ୟରେ 3,986 ସଂସ୍ଥା ନିଜକୁ ବୋର୍ଡ଼ରେ ନିଯୁକ୍ତିଦାତା ଭାବେ ପଞ୍ଜୀକୃତ କରିଥିଲେ । ଏହି ସମୟ ମଧ୍ୟରେ ଚାରିଟି ନମୁନା ଜିଲ୍ଲାରେ 387 ଟି ବିଓସି କାର୍ଯ୍ୟ ସମ୍ପାଦନ କରୁଥିବା ସଂସ୍ଥାକୁ ନିଯୁକ୍ତିଦାତା ଭାବେ ପଞ୍ଜୀକୃତ କରାଯାଇଥିଲା, ଯାହା **ସାରଣୀ 2.1.1** ଏବଂ **ଚାର୍ଟ 2** ରେ ଦର୍ଶାଯାଇଛି ।

***ସାରଣୀ 2.1.1 : ଆର୍ଥିକ ବର୍ଷ 2017-18 ରୁ 2021-22 ମଧ୍ୟରେ ବିଓସି କାର୍ଯ୍ୟର ପଞ୍ଜୀକରଣ***

| ଆର୍ଥିକ ବର୍ଷ | ସମୁଦାୟ ରାଜ୍ୟ ପାଇଁ | ଗଞ୍ଜାମ | କଟକ | କେନ୍ଦୁଝର | ଖୋର୍ଦ୍ଧା | ସମୁଦାୟ ନମୁନା ଜିଲ୍ଲା ଗୁଡ଼ିକ ପାଇଁ |
|---|---|---|---|---|---|---|
| 2017-18 | **1,610** | 27 | 15 | 06 | 38 | **86** |
| 2018-19 | **1,034** | 60 | 07 | 01 | 37 | **105** |
| 2019-20 | **899** | 63 | 11 | 23 | 40 | **137** |
| 2020-21 | **263** | 06 | 05 | 03 | 14 | **28** |
| 2021-22 | **180** | 08 | 04 | 02 | 17 | **31** |
| ମୋଟ | **3,986** | **164** | **42** | **35** | **146** | **387** |

*(ଉତ୍ସ: ନମୁନା ଜିଲ୍ଲା ଗୁଡ଼ିକର ଜିଲ୍ଲା ଶ୍ରମ ଅଧିକାରୀମାନଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟ)*

***ଚାର୍ଟ 2.1.2 : ରାଜ୍ୟ ଏବଂ ନମୁନା ଜିଲ୍ଲା ମାନଙ୍କରେ ହୋଇଥିବା ବିଓସି କାର୍ଯ୍ୟର ପଞ୍ଜିକରଣ***




ନମୁନା ଜିଲ୍ଲା ଶ୍ରମ ଅଧିକାରୀଙ୍କ ଦ୍ୱାରା ରକ୍ଷଣାବେକ୍ଷଣ ହେଉଥିବା ପ୍ରତିଷ୍ଠାନ/ ମୁଖ୍ୟ ନିଯୁକ୍ତିଦାତା/ ନିଯୁକ୍ତିଦାତା ଭାବେ ପଞ୍ଜୀକୃତ ସଂସ୍ଥାଗୁଡିକର ଡାଟାବେସ୍ ତ୍ରୁଟିପୂର୍ଣ୍ଣ ଥିଲା, ଯେହେତୁ ଓବିଓସିଡବ୍ଲୁ (ଆର୍‌ଇ ଆଣ୍ଡ ସିଏସ୍), 2002 ନିୟମର ନିୟମ 22(3) ନିୟମ ଅନୁଯାୟୀ ଆବଶ୍ୟକ ଥିଲେ ମଧ୍ୟ ସର୍ବାଧିକ ଶ୍ରମିକ ନିଯୁକ୍ତି ସମ୍ପର୍କିତ ତଥ୍ୟର, କାର୍ଯ୍ୟ ଆରମ୍ଭ ଓ ଶେଷ ହେବାର ସମ୍ଭାବ୍ୟ ତାରିଖ, ଇତ୍ୟାଦି ତଥ୍ୟଗୁଡ଼ିକ ରଖାଯାଇ ନଥିଲା ।

ଅଡିଟ୍ ଲକ୍ଷ୍ୟ କଲେ ଯେ ନମୁନା ଜିଲ୍ଲାଗୁଡ଼ିକରେ 387 ବିଓସି କାର୍ଯ୍ୟ (191 ଟି ସରକାରୀ ବିଭାଗ ଅଧୀନରେ ଏବଂ 196 ଟି ଘରୋଇ ସଂସ୍ଥା ଅଧୀନରେ) କାର୍ଯ୍ୟ ସମ୍ପାଦନକାରୀ ଅର୍ଥାତ୍ ଠିକାଦାରମାନେ ନିଯୁକ୍ତିଦାତା ଭାବେ ପଞ୍ଜୀକୃତ ହୋଇଥିଲେ । ଯଦିଓ, ଏହି 387 ଟି କାର୍ଯ୍ୟ ବିଭିନ୍ନ ସରକାରୀ ବିଭାଗ/ ଘରୋଇ ସଂସ୍ଥା ପକ୍ଷରୁ କାର୍ଯ୍ୟ

ପ୍ରଦାନ କରାଯାଇଥିବା ସତ୍ତ୍ୱେ, କେବଳ ତିନଟି ସରକାରୀ କାର୍ଯ୍ୟାଳୟ[9] ନିଜକୁ ପ୍ରତିଷ୍ଠାନ/ ମୁଖ୍ୟ ନିଯୁକ୍ତିଦାତା ଭାବେ ପଞ୍ଜୀକୃତ କରିଥିଲେ ।

ଅଡିଟ୍‌ରେ ନମୁନା କାର୍ଯ୍ୟ ବିଭାଗ, ୟୁଏଲ୍‌ବିଗୁଡ଼ିକ ଏବଂ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା କାର୍ଯ୍ୟଗୁଡ଼ିକର ସଂଖ୍ୟା ତୁଳନାରେ ସେହି କାର୍ଯ୍ୟଗୁଡ଼ିକର ସଂଖ୍ୟାର ବିଶ୍ଳେଷଣ କରିଥିଲା, ଯେଉଁଠାରେ ସେଗୁଡ଼ିକ ପ୍ରତିଷ୍ଠାନ/ ପ୍ରଧାନ ନିଯୁକ୍ତିଦାତା ଭାବେ ପଞ୍ଜୀକୃତ ହୋଇଥିଲେ । ଅଡିଟ୍‌ରୁ ଜଣାପଡ଼ିଥିଲା ଯେ ଏହି ନମୁନା ୟୁନିଟ୍‌ଗୁଡ଼ିକ 2017-18 ରୁ 2021-22 ଆର୍ଥିକ ବର୍ଷ ମଧ୍ୟରେ 1,371 କୋଠା ଏବଂ ନିର୍ମାଣ କାର୍ଯ୍ୟ[10] ପାଇଁ 2,544.99 କୋଟି ଟଙ୍କା ପ୍ରଦାନ କରିଥିଲେ । ସେଥିମଧ୍ୟରୁ ପଞ୍ଜୀକରଣ ସ୍ଥିତିର ଆକଳନ କରିବାକୁ 1,636.01 କୋଟି ଟଙ୍କା (64.28 ପ୍ରତିଶତ)ର ରାଜିନାମା ମୂଲ୍ୟ ସହିତ 161 ଟି କାର୍ଯ୍ୟ[11] ଯାଞ୍ଚ କରିଥିଲା ଯାହା ***ସାରଣୀ 2.1.1*** ରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି ।

***ସାରଣୀ 2.1.2: ଡିଭିଜନ ଅଧିନରେ ଆର୍ଥିକ ବର୍ଷ 2017-18 ରୁ 2021-22 ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ବିଓସି କାର୍ଯ୍ୟ ସଂଖ୍ୟା ଏବଂ ଅଡିଟ୍‌ରେ ଯାଞ୍ଚ ହୋଇଥିବା କାର୍ଯ୍ୟ ସଂଖ୍ୟା***

| କ୍ର. ସଂ. | ଜିଲ୍ଲା | ଡିଭିଜନ୍ | ପ୍ରଦାନ କରାଯାଇଥିବା କାର୍ଯ୍ୟ | | ପରୀକ୍ଷୀତ କାର୍ଯ୍ୟ | |
|---|---|---|---|---|---|---|
| | | | ସମ୍ପାଦିତ କାର୍ଯ୍ୟଗୁଡ଼ିକର ସଂଖ୍ୟା | ରାଜିନାମା ମୂଲ୍ୟ (କୋଟି ଟଙ୍କାରୁ ଅଧିକ) | ଯାଞ୍ଚ କାର୍ଯ୍ୟ ଗୁଡିକର ସଂଖ୍ୟା | ରାଜିନାମା ମୂଲ୍ୟ (ଟଙ୍କା କୋଟିରେ) |
| 1 | ଗଞ୍ଜାମ | ଆର୍‌ଆଣ୍ଡବି ଡିଭିଜନ, ବ୍ରହ୍ମପୁର | 17 | 159.18 | 17 | 159.18 |
| | | ଜଳସେଚନ ଡିଭିଜନ, ଭଞ୍ଜନଗର | 10 | 13.03 | 7 | 12.33 |
| 2 | କଟକ | ଆର୍‌ଆଣ୍ଡବି ଡିଭିଜନ | 84 | 307.63 | 18 | 83.17 |
| | | ଆର୍‌ଆଣ୍ଡବି ଡିଭିଜନ ଚାରବାଟିଆ | 141 | 242.64 | 16 | 97.13 |
| | | କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ), କଟକ | 11 | 9.68 | 6 | 8.75 |
| | | କଟକ ମହାନଗର ନିଗମ (ସିଏମ୍‌ସି) କଟକ | 334 | 84.30 | 5 | 12.14 |
| 3 | କେନ୍ଦୁଝର | ମେଗା ଲିଫ୍ଟ ପ୍ରକଳ୍ପ, କେନ୍ଦୁଝର | 2 | 776.84 | 2 | 776.84 |
| | | ଆର୍‌ଆଣ୍ଡବି ଡିଭିଜନ, ଘଟଗାଁ | 175 | 396.08 | 24 | 92.78 |
| 4 | ଖୋର୍ଦ୍ଧା | ମେଗା ଲିଫ୍ଟ ପ୍ରକଳ୍ପ, ଭୁବନେଶ୍ୱର | 5 | 71.82 | 5 | 71.82 |
| | | ଆର୍‌ଆଣ୍ଡବି ଡିଭିଜନ-II, ଭୁବନେଶ୍ୱର | 59 | 156.28 | 21 | 140.69 |
| | | ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) | 95 | 156.13 | 18 | 132.34 |
| | | ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) | 438 | 171.38 | 22 | 48.84 |
| | ମୋଟ | | **1,371** | **2,544.99** | **161** | **1,636.01** |

***(ଉତ୍ସ: ନମୁନା କାର୍ଯ୍ୟ ଡିଭିଜନ ଦ୍ୱାରା ପ୍ରଦତ୍ତ ତଥ୍ୟ)***

ଅଡିଟ୍ ଲକ୍ଷ୍ୟ କଲା ଯେ:

9 ବ୍ଲକ୍ ଉନ୍ନୟନ ଅଧିକାରୀ (ବିଡିଓ), ଘଟଗାଁ; ବିଡିଓ, ହାଟଡିହି; ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦ (ଅର୍ଥାତ୍ ଗୋଟିଏ ୟୁଏଲ୍‌ବି), ଆନ୍ଦା

10 ଯାହାର ମୂଲ୍ୟ 10 ଲକ୍ଷ ଟଙ୍କାରୁ ଅଧିକ ହେବ

11 ଯାହାର ଚୁକ୍ତି ମୂଲ୍ୟ 1 କୋଟି ଟଙ୍କାରୁ ଅଧିକ

- ବିଓସିଡବ୍ଲୁ (ଆରଇଆଣ୍ଡସିଏସ୍) ଅଧିନିୟମ, 1996 ଅନୁଯାୟୀ କୌଣସି ବି ନମୁନା ପୂର୍ତ୍ତ ବିଭାଗ, ୟୁଏଲ୍‌ବିଗୁଡ଼ିକ ଏବଂ ଉନ୍ନୟନ କର୍ତ୍ତୃପକ୍ଷଗୁଡ଼ିକ ବୋର୍ଡରେ ପ୍ରତିଷ୍ଠାନ/ ମୁଖ୍ୟ ନିଯୁକ୍ତିଦାତା ଭାବେ ପଞ୍ଜୀକୃତ ହୋଇନଥିଲା ।
- ସେହିପରି ଉପରୋକ୍ତ 1,371 ଟି କାର୍ଯ୍ୟ କରୁଥିବା କୌଣସି ଠିକାଦାରଙ୍କୁ ନିଯୁକ୍ତିଦାତା ଭାବେ ପଞ୍ଜୀକୃତ କରାଯାଇ ନଥିଲା । ଫଳରେ ବୋର୍ଡ ଏହି ନିଯୁକ୍ତିଦାତାଙ୍କ ଠାରୁ ପଞ୍ଜୀକୃତ ଫି ବାବଦରେ 1.37 ଲକ୍ଷ ଟଙ୍କାର[12] କ୍ଷତି ସହିବାକୁ ପଡ଼ିଥିଲା ।
- 161 ଟି ନମୁନା କାର୍ଯ୍ୟ କ୍ଷେତ୍ରରେ, ସମ୍ପୃକ୍ତ ସରକାରୀ ବିଭାଗ/ ଉନ୍ନୟନ କର୍ତ୍ତୃପକ୍ଷ/ ୟୁଏଲ୍‌ବିଗୁଡ଼ିକ ଟେଣ୍ଡର ଆହ୍ୱାନକାରୀ କର୍ତ୍ତୃପକ୍ଷ ହୋଇଥିଲେ ମଧ, ବିଡରମାନଙ୍କ ପାଇଁ ଯୋଗ୍ୟତା ମାନଦଣ୍ଡକୁ ଟେଣ୍ଡର କାଗଜପତ୍ରରେ ସାମିଲ୍ କରିନଥିଲେ, ଏହା କହିଲେ ଯେ, ବିଡରକୁ ନିଯୁକ୍ତିଦାତା ଭାବେ ପଞ୍ଜୀକୃତ କରାଇବା ଏବଂ ନିଯୁକ୍ତିଦାତାଙ୍କ ପ୍ରତିଷ୍ଠାନ ଅଧୀନରେ କାର୍ଯ୍ୟ କରୁଥିବା ଶ୍ରମିକ ମାନଙ୍କୁ ବୋର୍ଡରେ ହିତାଧିକାରୀ ଭାବେ ପଞ୍ଜୀକୃତ କରିବା ଆବଶ୍ୟକ ।
- ନମୁନା ୟୁନିଟ୍ ଗୁଡ଼ିକ ବୋର୍ଡରେ ସେମାନଙ୍କର ନିଯୁକ୍ତିଦାତା ଭାବରେ ପଞ୍ଜୀକରଣ ସ୍ଥିତିକୁ ସୁନିଶ୍ଚିତ ନକରି ଉପରୋକ୍ତ 161 ଟି କାର୍ଯ୍ୟ ବାବଦରେ 12.20 କୋଟି ଟଙ୍କା ଠିକାଦାରଙ୍କୁ ପ୍ରଦାନ କରିଥିଲେ ।

ତେଣୁ, ସରକାରୀ ବିଭାଗଗୁଡ଼ିକ ବିଓସିଡବ୍ଲୁକୁ (ଆର୍ଇ ଆଣ୍ଡ ସିଏସ୍) ଅଧିନିୟମର ବ୍ୟବସ୍ଥା ପାଳନ କରିବାରେ ପ୍ରାଥମିକ ଖିଲାପକାରୀ ଥିଲେ, କାରଣ ସେମାନେ ବିଓସି କାର୍ଯ୍ୟ ପ୍ରଦାନ କରିବା ସତ୍ତ୍ୱେ ବୋର୍ଡରେ ନିଜକୁ ପଞ୍ଜୀକୃତ କରିନଥିଲେ । ଫଳରେ ଏହି କାର୍ଯ୍ୟ ସମ୍ପାଦନ କରୁଥିବା ଠିକାଦାରମାନଙ୍କୁ ମଧ ନିଜକୁ ନିଯୁକ୍ତିଦାତା ଭାବେ ପଞ୍ଜୀକୃତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇ ନଥିଲା ।

**ସୁପାରିଶ:**

1. **ପ୍ରତ୍ୟେକ ଡିଏଲ୍‌ଓ ପଞ୍ଜୀକୃତ ପ୍ରତିଷ୍ଠାନ, ମୁଖ୍ୟ ନିଯୁକ୍ତିଦାତା ଓ ନିଯୁକ୍ତିଦାତାଙ୍କ ଡାଟାବେସ୍ ସହିତ ସେମାନଙ୍କ ଦ୍ୱାରା ନିୟୋଜିତ ଶ୍ରମିକଙ୍କ ସର୍ବାଧିକ ସଂଖ୍ୟା, କାର୍ଯ୍ୟ ଆରମ୍ଭ ଓ ଶେଷ ହେବାର ସମ୍ଭାବ୍ୟ ତାରିଖର ତଥ୍ୟ ରଖିବା ଆବଶ୍ୟକ ।**
2. **ବିଓସି କାର୍ଯ୍ୟ ପ୍ରଦାନ କରୁଥିବା ସରକାରୀ ବିଭାଗ ସହିତ କାର୍ଯ୍ୟାଦେଶ ପାଇଥିବା ସଂସ୍ଥାଗୁଡ଼ିକ କାର୍ଯ୍ୟାଦେଶ ମିଳିବା ମାତ୍ରେ ନିଜକୁ ଯଥାକ୍ରମେ ପ୍ରତିଷ୍ଠାନ ଏବଂ ନିଯୁକ୍ତିଦାତା ଭାବେ ପଞ୍ଜୀକୃତ ହୋଇଛନ୍ତି ବୋଲି ସୁନିଶ୍ଚିତ କରିବା ପାଇଁ ଏକ ପ୍ରଣାଳୀ କାର୍ଯ୍ୟକାରୀ କରାଯାଇପାରେ ।**

### *2.1.6.2 ବିଓସି କର୍ମଚାରୀଙ୍କ ପଞ୍ଜୀକରଣରେ ଅଭାବ*

ଅଧିନିୟମର ଧାରା 12 ପ୍ରଦାନ କରେ ଯେ 18 ରୁ 60 ବର୍ଷ ବୟସ ମଧରେ ଭବନ ନିର୍ମାଣ ଶ୍ରମିକ, ଅଧିନିୟମ ଅନୁଯାୟୀ ଉପଲବ୍ଧ ସୁବିଧା ପାଇବାକୁ ଯୋଗ୍ୟ ହେବା ପାଇଁ ନିଜକୁ ପଞ୍ଜୀକୃତ କରିପାରିବେ । ପଞ୍ଜୀକରଣ ସମୟରେ ପ୍ରତ୍ୟେକ ଶ୍ରମିକକୁ 20 ଟଙ୍କାର ଏକ ପଞ୍ଜୀକରଣ ଶୁଳ୍କ ଜମା କରିବାକୁ ପଡ଼ିବ, ତା'ସହିତ ଅତିକମ୍‌ରେ ଏକ ବର୍ଷ ପାଇଁ 50 ଟଙ୍କା ବାର୍ଷିକ ଅବଦାନ ବି ଦେବାକୁ ପଡ଼ିବ ।

ଶ୍ରମ ଏବଂ ରୋଜଗାର ମନ୍ତ୍ରଣାଳୟ, ଜିଓଆଇ ରାଜ୍ୟ ସରକାରମାନଙ୍କୁ ବିଓସି କର୍ମଚାରୀଙ୍କ ତଥ୍ୟ ସଂକଳନ କରିବାକୁ ପରାମର୍ଶ ଦେଇଥିଲେ (ଜୁଲାଇ 2020) । ବୋର୍ଡ ଅନୁଯାୟୀ, ଜୁଲାଇ 2020 ସୁଦ୍ଧା ଓଡ଼ିଶାରେ ପ୍ରାୟ 41.70 ଲକ୍ଷ ଶ୍ରମିକ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଥିଲେ । ମାର୍ଚ୍ଚ 2022 ସୁଦ୍ଧା ବୋର୍ଡ 36.74 ଲକ୍ଷ ଶ୍ରମିକ (88 ପ୍ରତିଶତ) ପଞ୍ଜୀକୃତ କରିଥିଲା । ନମୁନା ହୋଇଥିବା ଡିଏଲ୍‌ଓ ମାନଙ୍କ ଦ୍ୱାରା ଜଣାଇଥିବା ସୂଚନା ଅନୁଯାୟୀ ମାର୍ଚ୍ଚ 2022 ସୁଦ୍ଧା ପଞ୍ଜୀକୃତ ବିଓସି ଶ୍ରମିକଙ୍କ ସଂଖ୍ୟା 8,10,474 ଥିଲା, ସେଥିମଧରୁ ଆର୍ଥିକ ବର୍ଷ

[12] 100 ଟଙ୍କା x 1,371=1,37,100 ଟଙ୍କା ଭାବରେ ହିସାବ କରାଯାଇଛି

2017-18 ରୁ 2021-22 ମଧ୍ୟରେ 4,42,767 ବିଓସି ଶ୍ରମିକ ହିତାଧିକାରୀ ଭାବରେ ପଞ୍ଜୀକୃତ ହୋଇଥିଲେ ଯାହା ***ସାରଣୀ 2.1.3*** ରେ ଦର୍ଶାଯାଇଛି ।

**ସାରଣୀ 2.1.3: ବିଓସି ଶ୍ରମିକମାନଙ୍କର ବର୍ଷ ଅନୁଯାୟୀ ପଞ୍ଜୀକରଣ**

| ଜିଲ୍ଲା | ଆର୍ଥିକ ବର୍ଷ 2016-17 ଶେଷରେ ପଞ୍ଜୀକୃତ ବିଓସି ଶ୍ରମିକଙ୍କ ସଂଖ୍ୟା | ବିଓସି କର୍ମଚାରୀଙ୍କ ବାର୍ଷିକ ପଞ୍ଜୀକରଣ | | | | | | ଆର୍ଥିକ ବର୍ଷ 2021-22 ଶେଷରେ ପଞ୍ଜୀକୃତ ବିଓସି ଶ୍ରମିକଙ୍କ ସଂଖ୍ୟା |
|---|---|---|---|---|---|---|---|---|
| | | **2017-18** | **2018-19** | **2019-20** | **2020-21** | **2021-22** | ମୋଟ **2017-22** | |
| ଗଞ୍ଜାମ | 94,743 | 17,454 | 21,401 | 17,497 | 10,497 | 16,534 | 83,383 | 1,78,126 |
| କଟକ | 49,150 | 40,299 | 54,848 | 75,639 | 10,919 | 18,385 | 2,00,090 | 2,49,240 |
| କେନ୍ଦୁଝର | 99,119 | 9,268 | 14,762 | 3,532 | 2,906 | 1,166 | 31,634 | 1,30,753 |
| ଖୋର୍ଦ୍ଧା | 1,24,695 | 29,068 | 42,160 | 26,309 | 3,489 | 26,634 | 1,27,660 | 2,52,355 |
| ମୋଟ | **3,67,707** | **96,089** | **1,33,171** | **1,22,977** | **27,811** | **62,719** | **4,42,767** | **8,10,474** |

***(ଉତ୍ସ: ନମୁନା ହୋଇଥିବା ଜିଲ୍ଲାଗୁଡ଼ିକର ଡିଏଲ୍‌ଓ ମାନଙ୍କ ଦ୍ୱାରା ଦିଆଯାଇଥିବା ତଥ୍ୟ)***

ସାରଣୀ 2.1.3 ରୁ ଯେପରି ଦେଖାଯାଏ, ଆର୍ଥିକ ବର୍ଷ 2021-22 ରେ ପଞ୍ଜୀକୃତ ହୋଇଥିବା ସମୁଦାୟ ବିଓସି ଶ୍ରମିକଙ୍କ ସଂଖ୍ୟା, ସମସ୍ତ ଚାରିଟି ନମୁନା ଜିଲ୍ଲାରେ ଆର୍ଥିକ ବର୍ଷ 2017-18 ରେ ପଞ୍ଜୀକୃତ ବିଓସି ଶ୍ରମିକଙ୍କ ସଂଖ୍ୟା ଠାରୁ କମ୍ ଥିଲା । ପଞ୍ଜିକରଣର ହ୍ରାସ ଧାରାକୁ ଡିଏଲଓଗୁଡ଼ିକ କୌଣସି କାରଣ ଦର୍ଶାଇପାରି ନଥିବା ବେଳେ ଅଡିଟ୍ ଦେଖିଲେ ଯେ, ପଞ୍ଜୀକରଣ ସଂଖ୍ୟା ବୃଦ୍ଧି କରିବାକୁ ଜିଓଆଇ ଦ୍ୱାରା ପ୍ରସ୍ତାବିତ ପଦକ୍ଷେପ ଯଥା-ଏକ କାର୍ଯ୍ୟ ଯୋଜନା ଏବଂ ଆଦର୍ଶ କଲ୍ୟାଣ ଯୋଜନାର ପାଳନ କରାଯାଇନଥିଲା, ଯାହା ପରବର୍ତ୍ତୀ ଅନୁଚ୍ଛେଦରେ ହାଇଲାଇଟ୍ କରାଯାଇଛି ।

- ପଞ୍ଜୀକୃତ ହୋଇନଥିବା ବିଓସି, ଶ୍ରମିକଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କୁ ପଞ୍ଜୀକରଣ କରିବା ପାଇଁ ପଦକ୍ଷେପ ନେବାକୁ ବୋର୍ଡ କିମ୍ବା ଡିଏଲ୍‌ଓମାନେ କୌଣସି ସର୍ବେକ୍ଷଣ/ ଯାଞ୍ଚ କରିନଥିଲେ, ଏହା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ କି ରାଜ୍ୟର ସମସ୍ତ ବିଓସି ଶ୍ରମିକ ବୋର୍ଡରେ ପଞ୍ଜୀକୃତ ହୋଇଛନ୍ତି । ତେଣୁ, ସମସ୍ତ ଯୋଗ୍ୟ ନିର୍ମାଣ ଶ୍ରମିକଙ୍କ ପଞ୍ଜୀକରଣ ନିଶ୍ଚିତ କରିବାକୁ କୌଣସି ଯାନ୍ତ୍ରିକ ପ୍ରକ୍ରିୟା ବିକାଶ କରାଯାଇ ନଥିଲା ।
- ବୋର୍ଡ ଦ୍ୱାରା ଡିସେମ୍ବର 2020 ଠାରୁ ପଞ୍ଜୀକରଣ ଅନ୍‌ଲାଇନ୍ ମୋଡ୍ ପ୍ରବର୍ତ୍ତନ ପରେ, ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ ସେଣ୍ଟର (ଓସିଏସି), ଜିଓଓର ନାମିତ ନିଯୁକ୍ତି ଆଇଟି ନିର୍ଦ୍ଦେଶାଳୟ, ବିଓସି ଶ୍ରମିକଙ୍କ ପଞ୍ଜୀକରଣ ପାଇଁ ଆବେଦନର ରସିଦ୍ ଏବଂ ପ୍ରକ୍ରିୟା କାମ ନ୍ୟସ୍ତ କରାଯାଇଥିଲା । ଓଡ଼ିଶା ସରକାରର ସୂଚନା ପ୍ରଯୁକ୍ତିବିଦ୍ୟା ରସିଦ ଏବଂ ଆବେଦନ ପ୍ରକ୍ରିୟା ସହିତ ନ୍ୟସ୍ତ କରାଯାଇଥିଲା ଅପ୍ରେଲ 2022 ସୁଦ୍ଧା ଓସିଏସି ସହିତ ପଞ୍ଜୀକରଣ ପାଇଁ 1.24 ଲକ୍ଷ ଆବେଦନ ବିଚାରାଧୀନ ଥିଲା । ଏହା ବ୍ୟତୀତ 1.29 ଲକ୍ଷ ଲାଭ ଆବେଦନ ଲାଭ ବଣ୍ଟନ ପାଇଁ ଡିଏଲ୍‌ଓଙ୍କ ପାଖରେ ବିଚାରାଧୀନ ଥିଲା, ଯେଉଁ ଅବଧିରୁ ଏହି ଆବେଦନଗୁଡ଼ିକ ବିଚାରାଧୀନ ଥିଲା ଏବଂ ବିଚାରାଧୀନର କାରଣଗୁଡ଼ିକ ଅଡିଟ୍‌ର ଦୃଷ୍ଟିକୁ ଅଣାଯାଇଥିଲା ।
- ନମୁନା ହୋଇଥିବା ଜିଲ୍ଲାଗୁଡ଼ିକର ଡିଏଲ୍‌ଓ/ ଏଏଲ୍‌ଓର ଯାଞ୍ଚ ନୋଟରୁ ଏହା ଦେଖାଗଲା ଯେ ସେମାନେ ନିଜ ଅଧୀନରେ ଥିବା ସମ୍ଭାବ୍ୟ ନିର୍ମାଣ ଶ୍ରମିକମାନଙ୍କୁ ଚିହ୍ନଟ କରି ପଞ୍ଜୀକରଣ ପାଇଁ କୌଣସି ବିଓସି କାର୍ଯ୍ୟକ୍ଷେତ୍ର ଯାଞ୍ଚ କରିନଥିଲେ ।

- ବୋର୍ଡ ଦ୍ୱାରା ସକ୍ରିୟ ପଞ୍ଜୀକୃତ[13] ବିଓସି କର୍ମଚାରୀଙ୍କ ସମ୍ବନ୍ଧରେ କୌଣସି ବର୍ଷ ଅନୁଯାୟୀ ରେକର୍ଡ ରଖାଯାଇ ନଥିଲା । ମାର୍ଚ୍ଚ 2022 ସୁଦ୍ଧା ମୋଟ 36.74 ଲକ୍ଷ ପଞ୍ଜୀକୃତ ଶ୍ରମିକଙ୍କ ମଧ୍ୟରୁ ସକ୍ରିୟ ଶ୍ରମିକଙ୍କ ସଂଖ୍ୟା 25.62 ଲକ୍ଷ (70 ପ୍ରତିଶତ) ଥିଲା । 11.12 ଲକ୍ଷ ବିଓସି ଶ୍ରମିକଙ୍କ ଦ୍ୱାରା ସେମାନଙ୍କର ସଦସ୍ୟତା ବଜାୟ ରଖିବାରେ ଖିଲାପ ହେବା, ଉଚିତ୍ ପଦକ୍ଷେପ ନେବାରେ ବୋର୍ଡର ବିଫଳତାକୁ ସୂଚାଇଥାଏ, ଯେପରି ପଞ୍ଜୀକୃତ ହିତାଧିକାରୀଙ୍କ ନବୀକରଣ ତାରିଖ ନିକଟତର ହେବା ସମୟରେ ଆଲର୍ଟ ଜାରି କରିବା ଏବଂ ମୁଖ୍ୟ ଶ୍ରମିକ ଛକ/ ଆଡ୍ଡାରେ ନିୟମିତ ଶିବିର/ ସୁବଧା କେନ୍ଦ୍ର ଆୟୋଜନ କରିବା ।
- ଯେଉଁ କ୍ଷେତ୍ରରେ, ବୋର୍ଡ, ଏବଂ ଡିଏଲ୍ଓ, ନିଯୁକ୍ତିଦାତାଙ୍କ ଠାରୁ ସେସ୍ ଗ୍ରହଣ କରିଥିଲେ, ସେମାନେ ସେସ୍ ଦେୟକାରୀଙ୍କ ଦ୍ୱାରା ନିୟୋଜିତ ବିଓସି ଶ୍ରମିକଙ୍କ ପଞ୍ଜୀକରଣ ସ୍ଥିତି ସହିତ କୌଣସି ମୂଲ୍ୟାଙ୍କନ/ ବିଶ୍ଳେଷଣ କରିନଥିଲେ ।
- ଅଧିକନ୍ତୁ, ପ୍ରତିଷ୍ଠାନ/ ନିଯୁକ୍ତିଦାତା ଆର୍ଥିକ ବର୍ଷ 2017-18 ରୁ 2021-22 ମଧ୍ୟରେ, ସେମାନଙ୍କ ପଞ୍ଜୀକରଣ ସ୍ଥିତି ସହିତ ସେମାନଙ୍କ କାର୍ଯ୍ୟରେ ନିୟୋଜିତ ବିଓସି ଶ୍ରମିକଙ୍କ ସଂଖ୍ୟା ବିଷୟରେ ବିସ୍ତୃତ ବିବରଣୀ ଦେଇ ବୋର୍ଡରେ କୌଣସି ସେସ୍ ରିଟର୍ଣ୍ଣ ଦାଖଲ କରିନଥିଲେ । ଏହା ସତ୍ତ୍ୱେ, ବୋର୍ଡ ସେମାନଙ୍କୁ ଆବଶ୍ୟକ ବିବରଣୀ ମାଗି ନୋଟିସ୍ ଜାରି କରିନଥିଲେ ।

ଏହିପରି, ବିଓସି କାର୍ଯ୍ୟ ପ୍ରଦାନରେ, ଅଧିନିୟମର ବ୍ୟବସ୍ଥା ଅନୁସରଣ କରିବାରେ, ସରକାରୀ ବିଭାଗର ଉଦାସୀନତା ଏବଂ ବୋର୍ଡର ଅବହେଳା ହେତୁ, ସମସ୍ତ ବିଓସି ଶ୍ରମିକଙ୍କ ପଞ୍ଜୀକରଣ ନିଶ୍ଚିତ ହୋଇନଥିଲା । ଫଳରେ ସେମାନେ ଯୋଜନା ଲାଭରୁ ବଞ୍ଚିତ ହୋଇଥିଲେ ।

### 2.1.6.2(i) *ପ୍ରବାସୀ ବିଓସି କର୍ମଚାରୀଙ୍କ କମ୍ ପଞ୍ଜୀକରଣ*

ପଞ୍ଚାୟତିରାଜ ଏବଂ ପାନୀୟ ଜଳ (ପିଆର୍ଆଣ୍ଡଡିଡବ୍ଲୁ) ବିଭାଗ ଦ୍ୱାରା ଦିଆଯାଇଥିବା ସୂଚନା ଅନୁଯାୟୀ, କୋଭିଡ୍ 19 ମହାମାରୀର ପ୍ରକୋପ ଯୋଗୁଁ ପ୍ରାୟ 8.24 ଲକ୍ଷ ପ୍ରବାସୀ ଶ୍ରମିକ (ଯେଉଁଥିରେ 1.4 ଲକ୍ଷ ବିଓସି ଶ୍ରମିକ ଅନ୍ତର୍ଭୁକ୍ତ) ରାଜ୍ୟକୁ ଫେରିଥିଲେ । ଏଲ୍ ଆଣ୍ଡ ଇଏସ୍ଆଇ ବିଭାଗ ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ପ୍ରତ୍ୟାବର୍ତ୍ତନ କରିଥିବା ବିଓସି ଶ୍ରମିକଙ୍କ ଅତିଶୀଘ୍ର ପଞ୍ଜୀକରଣ ଉପରେ ଦୃଷ୍ଟି ଦେବାକୁ ଅନୁରୋଧ କରିଥିଲେ (ଜୁଲାଇ 2020) । ଅଡିଟ୍ ତଥାପି ଲକ୍ଷ୍ୟ କଲେ ଯେ, 1.40 ଲକ୍ଷ ପ୍ରତ୍ୟାବର୍ତ୍ତନ କରିଥିବା ପ୍ରବାସୀ ନିର୍ମାଣ ଶ୍ରମିକଙ୍କ ପଞ୍ଜୀକରଣ ଲକ୍ଷ୍ୟ ବିରୁଦ୍ଧରେ, ଅକ୍ଟୋବର 2020 ସୁଦ୍ଧା ବୋର୍ଡ ଅଧୀନରେ କେବଳ 25,000 ପ୍ରତ୍ୟାବର୍ତ୍ତିତ ପ୍ରବାସୀ ପଞ୍ଜୀକୃତ ହୋଇଥିଲେ ।

ରେକର୍ଡଗୁଡ଼ିକର ପରୀକ୍ଷା ଏବଂ ଯାଞ୍ଚ ନମୁନା ହୋଇଥିବା ଜିଲ୍ଲାଗୁଡ଼ିକର ଡିଏଲ୍ଓଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନାରୁ ଜଣାପଡ଼ିଥିଲା ଯେ କୋଭିଡ୍ 19 ମହାମାରୀ ସମୟରେ 2,54,896 ପ୍ରବାସୀ ଶ୍ରମିକ ନମୁନା ଜିଲ୍ଲାକୁ ଫେରିଥିଲେ, ସେଥିମଧ୍ୟରୁ 38,023 ପ୍ରବାସୀ ଶ୍ରମିକ ସ୍କିଲ୍ ମ୍ୟାପିଙ୍ଗ୍[14] ଅନୁସାରେ ବିଓସି ଶ୍ରମିକ ଥିଲେ । ଯଦିଓ, ଫେବୃଆରୀ 2023 ସୁଦ୍ଧା, କେବଳ 3,457 ପ୍ରତ୍ୟାବର୍ତ୍ତିତ ପ୍ରବାସୀମାନେ ଡିଏଲ୍ଓଙ୍କ ଦ୍ୱାରା ପଞ୍ଜୀକୃତ ହୋଇଥିଲେ, ଯେତେବେଳେ କି 34,566 ପ୍ରବାସୀ ଶ୍ରମିକମାନେ ପଞ୍ଜୀକରଣ ହେବାକୁ ବାକିଥିଲେ ଯାହା **ସାରଣୀ 2.1.4** ଏବଂ **ଚାର୍ଟ 2.1.3** ରେ ଦର୍ଶାଯାଇଛି, ଏପର୍ଯ୍ୟନ୍ତ ପଞ୍ଜୀକୃତ ହୋଇନାହିଁ ।

**ସାରଣୀ 2.1.4: ପ୍ରତ୍ୟାବର୍ତ୍ତିତ ପ୍ରବାସୀ ବିଓସି କର୍ମଚାରୀଙ୍କ ବିବରଣୀ**

| କ୍ରମିକ ସଂଖ୍ୟା | ଜିଲ୍ଲା | ପ୍ରତ୍ୟାବର୍ତ୍ତିତ ପ୍ରବାସୀଙ୍କ ସଂଖ୍ୟା | ସ୍କିଲ୍ ମ୍ୟାପିଙ୍ଗ୍ ଅନୁଯାୟୀ ବିଓସି ଶ୍ରମିକଙ୍କ ସଂଖ୍ୟା | ପଞ୍ଜୀକୃତ ବିଓସି ଶ୍ରମିକଙ୍କ ସଂଖ୍ୟା | ବିଓସି କର୍ମଚାରୀଙ୍କ ସଂଖ୍ୟା, ଯାହା ପଞ୍ଜୀକୃତ ହେବାକୁ ବାକି ଅଛି |
|---|---|---|---|---|---|
| 1 | ଗଞ୍ଜାମ | 2,12,359 | 22,268 | 2,093 | 20,175 |
| 2 | କଟକ | 12,946 | 5,274 | 243 | 5,031 |
| 3 | କେନ୍ଦୁଝର | 13,729 | 3,604 | 1,121 | 2,483 |
| 4 | ଖୋର୍ଦ୍ଧା | 15,862 | 6,877 | 0 | 6,877 |

---


[13] ଯେଉଁମାନେ ବାର୍ଷିକ ସଦସ୍ୟତା ଶୁଳ୍କ ଦେବାରେ ବିଫଳ ହୋଇନଥିଲେ

[14] ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ପ୍ରବାସୀ ଶ୍ରମିକଙ୍କ ସ୍କିଲ୍ ମ୍ୟାପିଙ୍ଗ୍ କରାଯାଇଥିଲା

| | | | | | |
|---|---|---|---|---|---|
| | ମୋଟ | 2,54,896 | 38,023 | 3,457 | 34,566 |

*(ଉତ୍ସ: ନମୁନା ହୋଇଥିବା ଜିଲ୍ଲାଗୁଡ଼ିକର ଡିଏଲ୍‌ଓଙ୍କ ଦ୍ୱାରା ଦିଆଯାଇଥିବା ତଥ୍ୟ)*

*ଚାର୍ଟ 2.1.3: ନମୁନା ହୋଇଥିବା ଜିଲ୍ଲାଗୁଡ଼ିକରେ ପଞ୍ଜୀକୃତ ତୁଳନାରେ ପଞ୍ଜୀକୃତ ହୋଇନଥିବା ପ୍ରବାସୀ ବିଓସି ଶ୍ରମିକ*




34,566 ପ୍ରବାସୀ ବିଓସି କର୍ମଚାରୀଙ୍କ ପଞ୍ଜୀକରଣ ନହେବା ହେତୁ ବିଭିନ୍ନ କଲ୍ୟାଣକାରୀ ଯୋଜନା ଅଧୀନରେ ଉପଲବ୍ଧ ଆର୍ଥିକ ସହାୟତା ବିଶେଷ କରି କେବଳ କୋଭିଡ୍-19 ମହାମାରୀ ପାଇଁ ଘୋଷିତ ହୋଇଥିଲା, ଯେପରିକି କୋଭିଡ୍-19 ମହାମାରୀ ପାଇଁ ଦୁଇଟି ପର୍ଯ୍ୟାୟ ସ୍ୱତନ୍ତ୍ର ଆର୍ଥିକ ସହାୟତା (ଏସ୍‌ଏଫ୍‌ଏ), (ଅନୁଚ୍ଛେଦ 7.1.2.1 ରେ ଆଲୋଚନା କରାଯାଇଛି) ସେମାନଙ୍କୁ ମିଳିପାରି ନଥିଲା ।

**ସୁପାରିଶ:**

**3. ବୋର୍ଡ ବିଓସି କାର୍ଯ୍ୟଗୁଡ଼ିକ ଉପରେ ନଜର ରଖିପାରେ ଏବଂ ଅଧିନିୟମର ବ୍ୟବସ୍ଥାକୁ କଡ଼ାକଡ଼ି ଭାବରେ ଲାଗୁ କରିପାରେ ଏବଂ ସେଥିରେ ନିୟୋଜିତ ଥିବା ବିଓସି କର୍ମଚାରୀଙ୍କ ସବିଶେଷ ତଥ୍ୟ ସୁରକ୍ଷିତ ରଖିବା ପାଇଁ ଏବଂ ସେମାନଙ୍କ ପଞ୍ଜୀକରଣ ପାଇଁ ପଦକ୍ଷେପ ନେଇପାରେ ।**

### 2.1.7 ସେସ୍ ସଂଗ୍ରହ ଏବଂ ପଠାଇବା

#### *2.1.7.1 ସେସ୍‌ର ଅନାଦାୟ/ ସ୍ୱଳ୍ପ ଆଦାୟ*

ଆର୍ଥିକ ବର୍ଷ 2017-18 ରୁ 2021-22 ସମୟରେ ଅଡିଟ୍ ଚାରିଟି ଡିଏ ଏବଂ ତିନିଟି ୟୁଏଲ୍‌ବି ଦ୍ୱାରା ଭବନ ଯୋଜନାର ଅନୁମୋଦନ ଏବଂ ସେସ୍ ସଂଗ୍ରହ ସମ୍ବନ୍ଧୀୟ ରେକର୍ଡଗୁଡ଼ିକ ଯାଞ୍ଚ କଲା ଏବଂ ଜାଣିବାକୁ ପାଇଲା ଯେ, 8,272 ଭବନ ଯୋଜନା ଅନୁମୋଦନ ହୋଇଥିଲା । ସେଥିମଧ୍ୟରୁ ଅଡିଟ୍ 399 ଭବନ ଯୋଜନା (5 ପ୍ରତିଶତ) ନମୁନା ଯାଞ୍ଚ କରିଥିଲା । ନମୁନା ୟୁନିଟ୍ ଦ୍ୱାରା ଅନୁମୋଦିତ ଭବନ ଯୋଜନା ସଂଖ୍ୟା, ଅଡିଟ୍‌ରେ ପରୀକ୍ଷା ଯାଞ୍ଚ ହୋଇଥିବା ମାମଲା ସଂଖ୍ୟା ଏବଂ ସେସ୍ ସଂଗ୍ରହର ମାମଲା ସଂଖ୍ୟା **ସାରଣୀ 2.1.5** ରେ ଦିଆଯାଇଛି ।

*ସାରଣୀ 2.1.5: ଭବନ ଯୋଜନା ଗୁଡ଼ିକ 2017-18 ରୁ 2021-22 ମଧ୍ୟରେ ଅନୁମୋଦିତ*

| ଜିଲ୍ଲା | ନମୁନା ୟୁଏଲ୍‌ବି/ ଡିଏ | ଅନୁମୋଦିତ ଭବନ ଯୋଜନା ସଂଖ୍ୟା | ପରୀକ୍ଷା ଯାଞ୍ଚ ଭବନ ଯୋଜନା ସଂଖ୍ୟା | ଭବନ ଯୋଜନା ସଂଖ୍ୟା, ଯେଉଁଥିରେ ସେସ୍‌ର ଅଣ/ କମ୍ ସଂଗ୍ରହ ହୋଇଥିଲା | ପରିମାଣ (ଟଙ୍କା ଲକ୍ଷରେ) | |
|---|---|---|---|---|---|---|
| | | | | | କମ୍ ସଂଗ୍ରହ | ଅଣ ସଂଗ୍ରହ |
| ବ୍ରହ୍ମପୁର | ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ(ବିଇଡିଏ) | 1,935 | 68 | 35 | 1.56 | 0 |
| | ବ୍ରହ୍ମପୁର ମହାନଗର ନିଗମ(ବିଇଏମ୍‌ସି) | 1,168 | 60 | 0 | 0 | 0 |

| ଜିଲ୍ଲା | ନମୁନା ୟୁଏଲ୍‌ବି/ ଡିଏ | ଅନୁମୋଦିତ ଭବନ ଯୋଜନା ସଂଖ୍ୟା | ପରୀକ୍ଷା ଯାଞ୍ଚ ଭବନ ଯୋଜନା ସଂଖ୍ୟା | ଭବନ ଯୋଜନା ସଂଖ୍ୟା, ଯେଉଁଥିରେ ସେସ୍‌ର ଅଣ/ କମ୍ ସଂଗ୍ରହ ହୋଇଥିଲା | ପରିମାଣ (ଟଙ୍କା ଲକ୍ଷରେ) | |
|---|---|---|---|---|---|---|
| | | | | | କମ୍ ସଂଗ୍ରହ | ଅଣ ସଂଗ୍ରହ |
| କଟକ | କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) | 1,135 | 50 | 08 | 0.16 | 0 |
| | କଟକ ମହାନଗର ନିଗମ(ସିଏମ୍‌ସି) | 544 | 50 | 09 | 0.09 | 0 |
| କେନ୍ଦୁଝର | ସହର ଯୋଜନା ୟୁନିଟ୍ (ଡିଏ) | 314 | 35 | 24 | 0.24 | 0 |
| ଖୋର୍ଦ୍ଧା | ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ( ବିଡିଏ) | 2,811 | 78 | 37 | 0.37 | 0 |
| | ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) | 365 | 58 | 2 | 0 | 64.70 |
| ମୋଟ | | **8,272** | **399** | **115** | **2.42** | **64.70** |

***(ଉତ୍ସ: ନମୁନା ହୋଇଥିବା ୟୁ ଏଲ୍‌ବି ଏବଂ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦତ୍ତ ସୂଚନା)***

ଅଡିଟ୍ ଜାଣିବାକୁ ପାଇଲା ଯେ ଦୁଇଟି ଅନୁମୋଦିତ ଭବନ ଯୋଜନା କ୍ଷେତ୍ରରେ, କୌଣସି ସେସ୍ ସଂଗ୍ରହ କରାଯାଇ ନଥିଲା ଏବଂ ଅବଶିଷ୍ଟ 113 ଟି ମାମଲାରେ ସେସ୍ ସଂଗ୍ରହ କମ୍ ଥିଲା । କିଛି ଉଦାହରଣ ନିମ୍ନରେ ଦର୍ଶାଯାଇଛି ।

- **ସେସ୍ ସଂଗ୍ରହ ନକରିବା:** ଜେନେରାଲ ମ୍ୟାନେଜର, ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସସିଏଲ) ଦୁଇଟି ଭବନ[15] ନିର୍ମାଣ ପାଇଁ ଅନୁମତି ପାଇଁ ଆବେଦନ କରିଥିଲେ (ଜୁଲାଇ 2018), ଯାହାର ଆନୁମାନିକ ମୂଲ୍ୟ 64.70 କୋଟି ଟଙ୍କା ଥିଲା । ଭବନ ଯୋଜନା (ଅକ୍ଟୋବର 2021) ଅନୁମୋଦନ ସମୟରେ ଅଧିନିୟମ/ ନିୟମର ବ୍ୟବସ୍ଥା ଏବଂ ରାଜ୍ୟ ସରକାରଙ୍କ ଆଦେଶର ଉଲ୍ଲଂଘନ କରି ବିଏମସି, ବିଏସ୍‌ସିଏଲ୍ ଠାରୁ ସେସ୍ ରାଶି ସଂଗ୍ରହ କରି ନଥିଲା । ଅଡିଟ୍ ଦେଖିଲା ଯେ, ବିଏସସିଏଲ୍ ଦ୍ୱାରା 64.70 ଲକ୍ଷ ଟଙ୍କାର ସେସ୍ ରାଶି ଜମା କରାଯାଇ ନଥିଲା କାରଣ ଏହି ପରିପ୍ରେକ୍ଷୀରେ କୌଣସି ରେକର୍ଡ ଅଡିଟ୍ ପାଇଁ ଉପଲବ୍ଧ ନଥିଲା ।
- **ସେସ୍ କମ୍ ଆଦାୟ;** ଏକ ଭବନର ଆନୁମାନିକ ମୂଲ୍ୟ ହିସାବ କରିବା ଉଦ୍ଦେଶ୍ୟରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଜିଓଓ ଏକ ବାସଗୃହ ନିର୍ମାଣ ପାଇଁ ବର୍ଗଫୁଟ ପିଛା 1,750 ଟଙ୍କା ଖର୍ଚ୍ଚ ନିର୍ଦ୍ଧାରିତ କରିଥିଲେ (ଡିସେମ୍ବର 2020), ଯେଉଁଥିରେ ବାର୍ଷିକ 2 ପ୍ରତିଶତ ବୃଦ୍ଧିର ବ୍ୟବସ୍ଥା ଥିଲା, ଅର୍ଥାତ୍ 2021-22 ଆର୍ଥିକ ବର୍ଷରେ 1,785 ଟଙ୍କା । ସେହି ଅନୁସାରେ 2020-21 ଏବଂ 2021-22 ଆର୍ଥିକ ବର୍ଷରେ ବର୍ଗଫୁଟ୍ ପିଛା ସେସ୍ ହାର ଯଥାକ୍ରମେ 17.50 ଟଙ୍କା ଏବଂ 17.85 ଟଙ୍କା ଥିଲା । 2021-22 ଆର୍ଥିକ ବର୍ଷରେ ମଞ୍ଜୁର ହୋଇଥିବା 113ଟି ମାମଲାରେ ବର୍ଗଫୁଟ୍ ପିଛା 17.85 ଟଙ୍କା ପରିବର୍ତ୍ତେ 17.50 ପଇସା ହିସାବରେ ସେସ୍ ଆଦାୟ ହୋଇଥିଲା । ଏହା ଫଳରେ 2.24 ଲକ୍ଷ ଟଙ୍କାର କମ୍ ସେସ୍ ସଂଗ୍ରହ ହୋଇପାରିଥିଲା ।

  ଅଡିଟ୍‌ରେ ଦର୍ଶାଯିବା ପରେ, କେନ୍ଦୁଝର ସହର ଯୋଜନା କର୍ତ୍ତୃପକ୍ଷ କହିଥିଲେ ଯେ, କୋଭିଡ-19 ମହାମାରୀ ସମୟରେ ସଂଶୋଧିତ ହାର ସେମାନଙ୍କ କାର୍ଯ୍ୟାଳୟର ନଜରକୁ ଆସି ନଥିଲା । ତେବେ, ବିଭାଗ ଠାରୁ ସ୍ପଷ୍ଟୀକରଣ ପାଇବା ପରେ ଉପରୋକ୍ତ ଅନୁମୋଦିତ ଯୋଜନାଗୁଡିକ ସମ୍ବନ୍ଧରେ ସଂଶୋଧିତ ହାର ପ୍ରଭାବିତ ହେବ ।
- **ଚେକ୍‌ର ବୈଧତା ନଥିବା କାରଣରୁ ସେସ୍‌ର ସ୍ୱଳ୍ପ ଆଦାୟ ;** ଅଡିଟ୍ ଲକ୍ଷ୍ୟ କଲେ ଯେ, 2017-18 ରୁ 2021-22 ଆର୍ଥିକ ବର୍ଷ ମଧ୍ୟରେ ସରକାରଙ୍କ ବିଭିନ୍ନ ବିଭାଗ/ ସଂସ୍ଥାରୁ ବୋର୍ଡ ଦ୍ୱାରା ଗ୍ରହଣ କରାଯାଇଥିବା 5.72 କୋଟି ଟଙ୍କା ସେସ୍ ବାବଦକୁ 418 ଟି ଚେକ୍/ ଡିମାଣ୍ଡ ଡ୍ରାଫ୍ଟ ବ୍ୟାଙ୍କ୍ ଦ୍ୱାରା

15 ଭୁବନେଶ୍ୱରର ସହିଦ୍ ନଗର ଏବଂ ଅଶୋକ ନଗର ଠାରେ

ଖାରଜ କରାଯାଇଥିଲା, ସେଗୁଡ଼ିକର ବୈଧତା ଅବଧି ଶେଷ ହୋଇଥିବାରୁ, ମେଳ ଖାଉନଥିବା ଦସ୍ତଖତ, ଶବ୍ଦ କିମ୍ବା ସଂଖ୍ୟାରେ ପରିମାଣର ସଂଶୋଧନ ସଂଖ୍ୟା କିମ୍ବା ଶବ୍ଦରେ ରାଶିର ସାମଞ୍ଜସ୍ୟ ନଥିବା, ଖାତାରେ ବିବରଣୀର ମେଳଖାଉ ନଥିବା ଇତ୍ୟାଦି କାରଣରୁ । ଯଦିଓ ବୋର୍ଡ ପଇଠକାରୀ ବିଭାଗ/ ସଂଗଠନଗୁଡିକୁ ନୂତନ ଚେକ୍/ ଡିମାଣ୍ଡ ଡ୍ରାଫ୍ଟ ଜାରି କରିବାକୁ କହିଥିଲା, କିନ୍ତୁ ଜାନୁଆରୀ 2023 ପର୍ଯ୍ୟନ୍ତ କୌଣସି ନୂତନ ଚେକ୍ କିମ୍ବା ଡିମାଣ୍ଡ ଡ୍ରାଫ୍ଟ ଗ୍ରହଣ କରାଯାଇନଥିଲା । ଏହିପରି ଜାନୁଆରୀ 2023 ସୁଦ୍ଧା ବୋର୍ଡ ଦ୍ୱାରା 5.72 କୋଟି ଟଙ୍କା ଆଦାୟ କରାଯାଇନଥିଲା ।

### *2.1.7.2 ଡିଏ/ୟୁ ଏଲବି ଗୁଡ଼ିକ ଦ୍ୱାରା ସେସ୍ ପଠା ନଯିବା*

ବିଓସିଡବ୍ଲୁଡବ୍ଲୁସି ନିୟମାବଳୀର ନିୟମ 5(3) ଅନୁଯାୟୀ, ଆଦାୟ ହୋଇଥିବା ସେସ୍‌କୁ ସଂଗ୍ରହର 30 ଦିନ ମଧ୍ୟରେ ବୋର୍ଡକୁ ହସ୍ତାନ୍ତର କରାଯିବ । ଅଧିକନ୍ତୁ, ସେସ୍ ଅଧିନିୟମ 1996 ର ଧାରା 8 ସହିତ ସେସ୍ ନିୟମ 1998 ର ନିୟମ 12 ଅନୁଯାୟୀ, ଯଦି କୌଣସି ନିଯୁକ୍ତିଦାତା ସେସ୍ ଆଦାୟ କରିବାର 30 ଦିନ ମଧରେ କୌଣସି ଅର୍ଥ ପଇଠ କରିବାରେ ବିଫଳ ହୁଅନ୍ତି ଓ ଯେପର୍ଯ୍ୟନ୍ତ ପ୍ରକୃତରେ ଏହି ରାଶି ପ୍ରଦାନ କରାଯାଇ ନାହିଁ ଏଭଳି ନିୁକ୍ତିଦାତା ପ୍ରତ୍ୟେକ ମାସ କିମ୍ବା ମାସର କିଛି ଅଂଶ ପାଇଁ ଦେୟ ପ୍ରଦାନ କରାଯିବା ଦିନ ଠାରୁ ସେହି ସମୟ ମଧରେ, ଦେବାକୁ ଥିବା ଅର୍ଥ ଉପରେ 2 ପ୍ରତିଶତ ହାରରେ ସୁଧ ଦେବାକୁ ବାଧ ହେବେ ।

ଅଡିଟ୍ ଲକ୍ଷ୍ୟ କଲେ ଯେ, 7ଟି ନମୁନା ୟୁଏଲବି/ ଡିଏ ଆର୍ଥିକ ବର୍ଷ 2017-18 ରୁ 2021-22 ମଧରେ 8,272 ଭବନ ନିର୍ମାଣ ଯୋଜନାକୁ ଅନୁମୋଦନ କରିଥିଲେ ଏବଂ ଶ୍ରମ ସେସ୍ ବାବଦରେ 108.61 କୋଟି ଟଙ୍କା ସଂଗ୍ରହ କରିଥିଲା । ସେଥି ମଧରୁ ଅଡିଟ୍ 7ଟି ନମୁନା ଡିଏ/ ୟୁଏଲବି ଦ୍ୱାରା ଅନୁମୋଦିତ ହୋଇଥିବା 399 ଟି ଭବନ ଯୋଜନାର ଯାଞ୍ଚ ପରୀକ୍ଷା କଲା, ଯାହା ଉପରେ 5.96 କୋଟି ଟଙ୍କା ଶ୍ରମ ସେସ୍ ଆଦାୟ ହୋଇଛି ବୋଲି **ସାରଣୀ 2.1** ରେ ଦର୍ଶାଯାଇଛି ।

***ସାରଣୀ 2.1.6: ଆର୍ଥିକ ବର୍ଷ 2017-18 ରୁ 2021-22 ମଧରେ ଅନୁମୋଦନ କରାଯାଇଥିବା ଭବନ ଯୋଜନା ଏବଂ ଅଡିଟ୍‌ରେ ଯାଞ୍ଚ କରାଯାଇଛି***

| କ୍ର.ସଂ. | ଜିଲ୍ଲା | ୟୁଏଲ୍‌ବି/ ଉନ୍ନୟନ କର୍ତ୍ତୃପକ୍ଷ | ଆର୍ଥିକ ବର୍ଷ 2017-18 ରୁ 2021-22 ମଧରେ ଭବନ ଯୋଜନା ଅନୁମୋଦିତ | ସଂଗୃହିତ ସେସ୍ (ଟଙ୍କା କୋଟିରେ) | ଯାଞ୍ଚ ପରୀକ୍ଷିତ ଭବନ ଯୋଜନା | ଯାଞ୍ଚ ପରୀକ୍ଷିତ ମାମଲାରେ ସଂଗୃହିତ ସେସ୍ (ଟଙ୍କା କୋଟିରେ) |
|---|---|---|---|---|---|---|
| 1 | ବ୍ରହ୍ମପୁର | ବିଇଡିଏ | 1,935 | 12.01 | 68 | 1.00 |
| | | ବିଇଏମ୍‌ସି | 1,168 | 7.50 | 60 | 0.85 |
| 2 | କଟକ | ସିଡିଏ | 1,135 | 16.30 | 50 | 0.35 |
| | | ସିଏମ୍‌ସି | 544 | 11.12 | 50 | 0.21 |
| 3 | କେନ୍ଦୁଝର | ସହରୀ ଯୋଜନା ୟୁନିଟ୍ | 314 | 1.74 | 35 | 0.16 |
| 4 | ଖୋର୍ଦ୍ଧା | ବିଡିଏ | 2,811 | 32.88 | 78 | 0.62 |
| | | ବିଏମ୍‌ସି | 365 | 27.06 | 58 | 2.77 |
| ମୋଟ | | | **8,272** | **108.61** | **399** | **5.96** |

***(ଉତ୍ସ: ନମୁନା ଯାଞ୍ଚ ୟୁ ଏଲ୍‌ବି ଏବଂ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଠାରୁ ପ୍ରାପ୍ତ ତଥ୍ୟ)***

ଅଡିଟ୍‌ରେ ଅଧିକ ଅନୁଧାନରୁ ଜଣାପଡିଥିଲା ଯେ;

- 7ଟି ନମୁନା ୟୁଏଲବି/ ଡିଏ ଦ୍ୱାରା ସେସ୍ ବାବଦକୁ ଆଦାୟ ହୋଇଥିବା 108.61 କୋଟି ଟଙ୍କା ମଧରୁ ବୋର୍ଡକୁ 2023 ମାର୍ଚ୍ଚ ସୁଦ୍ଧା 63.79 କୋଟି ଟଙ୍କା (59 ପ୍ରତିଶତ) ପଠାଯାଇଥିବା ବେଳେ ବଳକା 44.82 କୋଟି ଟଙ୍କା ସେମାନଙ୍କ ନିକଟରେ ଏପର୍ଯ୍ୟନ୍ତ ପଡିରହିଛି । ତେବେ ବୋର୍ଡ ବଳକା ଅର୍ଥକୁ ନିଜ ଆକାଉଣ୍ଟକୁ ପଠାଇବା ପାଇଁ ଯୋଜନା କର୍ତ୍ତୃପକ୍ଷକୁ ନା ବାଧ କରିଥିଲା ନା ସେସ୍ସୁ ନିୟମ 1998 ର ନିୟମ 12 ସହ ସେସ୍ ଅଧିନିୟମ 1996 ରେ ଧାରା 8 ଅନୁଯାୟୀ ଟଙ୍କା ନ ପଠାଇନଥିବା ପାଇଁ କୌଣସି ଜରିମାନା ଆଦାୟ କରିଥିଲା ।

- କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) 4ଟି ଭିନ୍ନ ଭିନ୍ନ ଆକାଉଣ୍ଟରେ ଭବନ ଯୋଜନା ଅନୁମୋଦନ ପାଇଁ ଫି ଆଦାୟ କରିଥିଲେ ଯଥା, ଅତିରିକ୍ତ ଯାଞ୍ଚ ଶୁଳ୍କ, ନିର୍ମାଣ ଶ୍ରମିକ କଲ୍ୟାଣ ସେସ୍, ମଞ୍ଜୁରୀ ଶୁଳ୍କ ଏବଂ କମ୍ପାଉଣ୍ଡିଂ/ ଯୌଗିକ ଶୁଳ୍କ । ତଦନୁଯାୟୀ, କୋଠା/ ଆପାର୍ଟମେଣ୍ଟର ମାଲିକମାନେ ନିର୍ଦ୍ଧାରିତ ଫି ନିର୍ଦ୍ଦିଷ୍ଟ ବ୍ୟାଙ୍କରେ ଜମା କରିଥିଲେ ଏବଂ ବ୍ୟାଙ୍କଗୁଡିକ ପରବର୍ତ୍ତୀ ସମୟରେ, ଏହାକୁ ସିଡିଏର ଉପରୋକ୍ତ ଆକାଉଣ୍ଟକୁ ସ୍ଥାନାନ୍ତର କରିଥିଲେ । ଆର୍ଥିକ ବର୍ଷ 2017-18 ରୁ 2021-22 ମଧ୍ୟରେ ଏଚ୍‌ଡିଏଫସି ବ୍ୟାଙ୍କ, ସିଡିଏ ବ୍ୟାଙ୍କ ଆକାଉଣ୍ଟକୁ 15.07 କୋଟି ଟଙ୍କା ସ୍ଥାନାନ୍ତର ବେଳେ ବିଭିନ୍ନର ଫିର ବିଭକ୍ତିକରଣ ସଂପର୍କରେ ଅବଗତ କରିନଥିଲେ । ଏହି ବିଭକ୍ତିକରଣ ଅଭାବରୁ, ସେସ୍ କେତେ ତାହା ସଠିକ୍ ଭାବେ ଜଣାପଡିନଥିଲା ଏବଂ ବେଳେ ସେସ୍ ବାବଦ ଅର୍ଥ ସିଡିଏ ବ୍ୟାଙ୍କ ଆକାଉଣ୍ଟରେ ରହିଯାଇଥିଲା ।
- ପ୍ରତିଷ୍ଠାନ/ ମୁଖ୍ୟ ନିଯୁକ୍ତିଦାତା/ ନିଯୁକ୍ତିଦାତାଙ୍କ ପଞ୍ଜୀକରଣ ପାଇ କୌଣସି ଉପଯୁକ୍ତ ବ୍ୟବସ୍ଥା ନଥିବାରୁ ଯାହା ପାରା 5ରେ ଆଲୋଚନା କରାଯାଇଛି, ବୋର୍ଡ ନିକଟରେ ସେହି ସଂସ୍ଥାଗୁଡିକରୁ ପ୍ରାପ୍ୟ ସେସ୍ ବାବଦରେ କୌଣସି ତଥ୍ୟ ନଥିଲା । ଛଅଟି ଡିଏରୁ ଅନୁମୋଦିତ ଭବନ ଯୋଜନା ସହିତ ଅଡିଟ୍ ନମୁନା ଡିଏଏସକୁ ବାଦ୍ ଦେଲେ । ଆର୍ଥିକ ବର୍ଷ 2017-18 ରୁ 2021-22 ମଧ୍ୟରେ କେତେ ପରିମାଣରେ ସେସ୍ ଆଦାୟ ଓ ପ୍ରେରଣ ହୋଇଛି, ସେ ସଂପର୍କରେ ତଥ୍ୟ ମାଗିଥିଲେ । ଏହାର ଉତ୍ତରରେ 4ଟି ଡିଏ[16] ବୋର୍ଡକୁ 13.97 କୋଟି ଟଙ୍କା ପଠାଇ ନଥିବା ବିଷୟରେ ସୂଚନା ଦେଇଥିଲେ, ଯାହା ସାରଣୀ 2.1.7 ରେ ଦର୍ଶାଯାଇଛି ।

***ସାରଣୀ 2.1.7: 4ଟି ଉନ୍ନୟନ କର୍ତ୍ତୃପକ୍ଷ (ନମୁନା କୃତ ଉନ୍ନୟନ କର୍ତ୍ତୃପକ୍ଷ ବ୍ୟତୀତ) ଙ୍କ ଦ୍ୱାରା ଅନୁମୋଦିତ ଭବନ ଯୋଜନା ସେସ୍ ସଂଗ୍ରହ ଏବଂ ବୋର୍ଡକୁ ପ୍ରେରିତ***

| କ୍ର. ସଂ. | ଉନ୍ନୟନ କର୍ତ୍ତୃପକ୍ଷ/ ଟାଉନ୍ ପ୍ଲାନିଂ ୟୁନିଟ୍ | ମଞ୍ଜୁର ହୋଇଥିବା ଭବନ ଯୋଜନା ସଂଖ୍ୟା | ସଂଗୃହିତ ସେସ୍ | ସେସ୍ ପ୍ରେରିତ | ମାର୍ଚ୍ଚ 2022 ସୁଦ୍ଧା ସେସ୍‌କୁ ଅପରିବର୍ତ୍ତିତ ରଖାଯାଇଛି |
|---|---|---|---|---|---|
| | | | (ଟଙ୍କା ଲକ୍ଷରେ) | | |
| 1 | ତାଳଚେର-ଅନୁଗୁଳ ମେରାମଣ୍ଡଳୀ ଉନ୍ନୟନ କର୍ତ୍ତୃପକ୍ଷ | 1,262 | 428.14 | 0.00 | 428.14 |
| 2 | ପାରାଦୀପ ଉନ୍ନୟନ କର୍ତ୍ତୃପକ୍ଷ | 39 | 27.38 | 0.00 | 27.38 |
| 3 | ପୁରୀ କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ | 147 | 294.65 | 0.00 | 294.65 |
| 4 | ରାଉରକେଲା ନ୍ନୟନ କର୍ତ୍ତୃପକ୍ଷ | 372 | 646.88 | 0.00 | 646.88 |
| ମୋଟ | | **1,820** | **1,397.05** | **0.00** | **1,397.05** |

***(ଉତ୍ସ: ନମୁନା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା)***

ଯାହା **ସାରଣୀ 2.1.7** ରୁ ଦେଖାଯାଏ, ଆର୍ଥିକ ବର୍ଷ 2017-18 ରୁ 2021-22 ମଧ୍ୟରେ 1,820ଟି ଭବନ ଯୋଜନାର ଅନୁମୋଦନ ସମୟରେ ସେସ୍ ବାବଦରେ ସଂଗୃହୀତ 1,397.05 ଟଙ୍କା ବୋର୍ଡକୁ ପଠାଯାଇନଥିଲା । ଏହା ସତ୍ତ୍ୱେ, ବୋର୍ଡ ସେସ୍‌କୁ ଶୀଘ୍ର ପଠାଇବା ପାଇଁ ଡିଏଙ୍କ ସହିତ ମାମଲା ଉଠାଇ ନଥିଲେ ।

- ***ସରକାରୀ ବିଭାଗ ଦ୍ୱାରା ସେସ୍ ପ୍ରେରଣ ନକରିବା*** ; ଅଡିଟ୍ ପ୍ରିନସିପାଲ ଆକାଉଣ୍ଟାଣ୍ଟ ଜେନେରାଲ (ଏ ଆଣ୍ଡ ଇ)ଙ୍କ ଦ୍ୱାରା ପରିଚାଳିତ ଓଡିଶା ସରକାରଙ୍କର ଭାଉଚର ଲେବଲ କମ୍ପ୍ୟୁଟରାଇଜେସନ (ଭିଏଲସି) ଡାଟାବେସ ସହିତ ଏହାର ଫାଇନାନ୍ସ ଆକାଉଣ୍ଟରୁ ଦେଖିଲା ଯେ 2017-18 ରୁ 2021-22 ଆର୍ଥିକ ବର୍ଷ ମଧ୍ୟରେ ବିଭିନ୍ନ ବିଭାଗ ପକ୍ଷରୁ ଶ୍ରମ ସେସ୍ ବାବଦକୁ 13.48 କୋଟି ଟଙ୍କା ଆଦାୟ ହୋଇ ଥିଲା ଏବଂ ମେଜର ହେଡ୍ 0230 ଅଧୀନରେ 'ପ୍ରାପ୍ତି' ଭାବରେ ବୁକ୍ କରାଯାଇଥିଲା । ଏହି ସମସ୍ତ ଅର୍ଥକୁ ସରକାର ବୋର୍ଡକୁ ନ ପଠାଇ ନିଜ ପାଖରେ ରଖିଥିଲେ । ଫଳସ୍ୱରୂପ 13.48 କୋଟି ଟଙ୍କା ବୋର୍ଡର ଆକାଉଣ୍ଟ ବାହାରେ ରହିଥିଲା ଏବଂ ପବ୍ଲିକ୍ ଆକାଉଣ୍ଟରେ ଅପରିଶୋଧିତ ଦେୟ

[16] ଦୁଇଟି ଡିଏ ଯଥା, ସମ୍ବଲପୁର ଓ କଳିଙ୍ଗନଗର ସୂଚାନା ପ୍ରଦାନ କରିନଥିଲେ

ଭାବରେ ରହିଥିଲା । ଏହି ଅର୍ଥକୁ ବୋର୍ଡକୁ ପ୍ରେରଣ ନ କରିବା, ହିତାଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ କଲ୍ୟାଣକାରୀ ସୁବିଧାକୁ ଅଗ୍ରାହ୍ୟ କରିବା ସୂଚାଇ ଥିଲା ।

- ଆର୍ଥିକ ବର୍ଷ 2017-18 ରୁ 2021-22 ମଧ୍ୟରେ ବିଏମସି, ନିଜ ଦ୍ୱାରା ନିୟୋଜିତ ଠିକାଦାରଙ୍କ ବିଲରୁ ସେସ ବାବଦକୁ 4.75 କୋଟି ଟଙ୍କା ଆଦାୟ କରିଥିଲା । ଏଥି ମଧ୍ୟରୁ ଆର୍ଥିକ ବର୍ଷ 2017-18 ରୁ 2019-20 ସମ୍ବନ୍ଧିତ 3.78 କୋଟି ଟଙ୍କା ପଠାଇଥିଲା ଏବଂ ମାର୍ଚ୍ଚ 2023 ସୁଦ୍ଧା ବଳକା 0.97 କୋଟି ଟଙ୍କା ଏହା ପାଖରେ ପଡି ରହିଥିଲା । ସେହିପରି ଅନ୍ୟ ଏକ ନମୁନା ପୂର୍ତ୍ତ ବିଭାଗ ଯଥା ଭଞ୍ଜନଗର ଜଳସେଚନ ଡିଭିଜନ୍ 2023 ମାର୍ଚ୍ଚ ସୁଦ୍ଧା ଠିକାଦାରଙ୍କ ଠାରୁ ଆଦାୟ ହୋଇଥିବା ସେସ୍ (2021-22) 0.96 ଲକ୍ଷ ଟଙ୍କା ପ୍ରେରଣ କରିନଥିଲେ । ତେବେ ବୋର୍ଡ ବକେୟା ଅର୍ଥକୁ ବୋର୍ଡର ଆକାଉଣ୍ଟକୁ ପଠାଇବା ପାଇଁ ବିଏମ୍‌ସିକୁ ବାଧ୍ୟ କରି ନ ଥିଲେ ।

- ବାର୍ଷିକ ଯୋଗଦାନ ଓ ପଞ୍ଜୀକରଣ ଶୁଳ୍କ ବାବଦରେ 20 ଲକ୍ଷ ଟଙ୍କା ନ ପଠାଇବା; ପଞ୍ଜିକରଣ ଶୁଳ୍କ ରେଜିଷ୍ଟର ଯାଞ୍ଚ କରିବା ପରେ, ଅଡିଟରୁ ଜଣାପଡିଥିଲ ଯେ ଆର୍ଥିକ ବର୍ଷ 2017-18 ରୁ 2021-22 ମଧ୍ୟରେ ଡିଏଲ୍‌ଓ, କଟକ ପଞ୍ଜିକରଣ ଶୁଳ୍କ (31 ଲକ୍ଷ ଟଙ୍କା) ଏବଂ ବାର୍ଷିକ ଯୋଗଦାନ (3.69 କୋଟି ଟଙ୍କା) ବାବଦରେ ବିଓସି ଶ୍ରମିକଙ୍କ ଠାରୁ ନଗଦ 4 କୋଟି ଟଙ୍କା ପ୍ରାପ୍ତ କରିଥିଲେ । ଏଥିରୁ ଡିଏଲ୍‌ଓ 3.80 କୋଟି ଟଙ୍କା ବୋର୍ଡକୁ ପଠାଇଥିଲେ । ବଳକା 20 ଲକ୍ଷ ଟଙ୍କା କ୍ୟାସ୍ ବୁକ୍‌ରେ ଠାବ କରାଯାଇ ପାରି ନ ଥିଲା, ଯେହେତୁ କାରବାର ହେବା ମାତ୍ରେ କ୍ୟାସ୍ ବୁକରେ ଦୈନିକ ସଂଗ୍ରହ ଏଣ୍ଟ୍ରି କରାଯାଇନଥିଲା, କ୍ୟାସ୍ ବୁକ୍ କ୍ଲୋଜ ହୋଇନଥିଲା, ମୋଟ ହିସାବ ହୋଇନଥିଲା ଏବଂ ମାସ ଶେଷରେ ବିଶ୍ଳେଷଣ ମଧ୍ୟ କରାଯାଇନଥିଲା, ଯଦିଓ ଓଟିସି ଭାଗ-1 ର ନିୟମ 37 ଅନୁଯାୟୀ ଏହା ଆବଶ୍ୟକ ଥିଲା । ଏହିପରି 20 ଲକ୍ଷ ଟଙ୍କାର ଅପବ୍ୟବହାରକୁ ଏଡାଇ ଦିଆଯାଇନପାରେ ।

**ସୁପାରିଶ:**

**4. ଏଲ ଆଣ୍ଡଇଆସଆଇ ବିଭାଗ ସେସୁ ସଂଗ୍ରହ ନ କରିବା ଓ ସେସୁ ଅର୍ଥ ପ୍ରେରଣ ନକରିବା ବିଷୟକୁ ସରକାରଙ୍କର ସଂପୃକ୍ତ ବିଭାଗ ସହିତ ଆଲୋଚନା କରି ଶୀଘ ସେସୁ ଅର୍ଥ ସଂଗ୍ରହ କରି ବୋର୍ଡକ ପେରଣ କରିବା ଉଚିତ ।**

### 2.1.8 ସେସ୍ ପାଣ୍ଠିର ପରିଚାଳନା:

ବିଓସିଡବ୍ଲ୍ୟୁ (ଆର୍‌ଇଆଣ୍ଡସିଏସ୍) ଅଧିନିୟମର ଧାରା 22 ରେ ଥିବା ବ୍ୟବସ୍ଥା ଅନୁଯାୟୀ, ଶ୍ରମ ସେସ୍ ବାବଦରେ ମିଳୁଥିବା ଅର୍ଥରୁ ସୃଷ୍ଟି ହୋଇଥିବା ପାଣ୍ଠି, ବିଓସି ଶ୍ରମିକଙ୍କ ବିଭିନ୍ନ କଲ୍ୟାଣ ମୂଳକ କାର୍ଯ୍ୟରେ ବିନିଯୋଗ ହେବାର ଥିଲା । ଆର୍ଥିକ ବର୍ଷ 2017-18 ରୁ 2021-22 ମଧରେ ବୋର୍ଡ ଦ୍ୱାରା ବର୍ଷ ଅନୁଯାୟୀ ଅର୍ଥ ସଂଗ୍ରହ ଓ ବିନିଯୋଗ, **ସାରଣୀ 2.1.8** ରେ ସଂକ୍ଷେପରେ ଉଲ୍ଲେଖ କରାଯାଇଛି ।

***ସାରଣୀ 2.1.8: ଆର୍ଥିକ ବର୍ଷ 2017-18 ରୁ 2021-22 ମଧରେ ସେସ୍ ପଞ୍ଜୀକରଣ ଶୁଳ୍କ ଏବଂ ସୁଧ ସଂଗ୍ରହ ଏବଂ ଏହାର ବିନିଯୋଗ***


| ଆର୍ଥିକ ବର୍ଷ | ମୂଳ ଅବଶିଷ୍ଟାଂଶ | ସେସ୍ ପଞ୍ଜୀକରଣ ଶୁଳ୍କ ଏବଂ ସୁଧ ବାବଦକୁ ପ୍ରାପ୍ତ | ସମୁଦାୟ ପାଣ୍ଠି ଉପଲବ୍ଧ | ବିନିଯୋଗ | ଶେଷ ଅବଶିଷ୍ଟାଂଶ |
|---|---|---|---|---|---|
| | *(କୋଟି ଟଙ୍କାରେ)* | | | | |
| 2017-18 | 715.13 | 284.47 | 999.6 | 418.81 | 580.79 |
| 2018-19 | 580.79 | 506.82 | 1,087.61 | 595.41 | 492.2 |
| 2019-20 | 492.2 | 467.15 | 959.35 | 212.52 | 746.83 |
| 2020-21 | 746.83 | 405.97 | 1,152.81 | 521.74 | 631.07 |
| 2021-22 | 631.07 | 496.31 | 1,127.38 | 552.82 | 574.56 |
| ମୋଟ | | **2,160.72**[17] | **2,875.85** | **2,301.29**[18] | |

***(ଉତ୍ସ: ନମୁନା ଜିଲ୍ଲା ର ଡିଏଲ୍‌ଓ ମାନଙ୍କ ଦ୍ୱାରା ଦିଆଯାଇଥିବା ତଥ୍ୟ)***

[17] ସେସ୍: 1,885.61 କୋଟି ଟଙ୍କା, ପଞ୍ଜୀକରଣ ଫି: 45.59 କୋଟି ଟଙ୍କା ଏବଂ ସୁଧ ପ୍ରାପ୍ତ: 229.52 କୋଟି ଟଙ୍କା

[18] ଯୋଜନା ଖର୍ଚ୍ଚ: 2,273.20 କୋଟି ଟଙ୍କା (ନିର୍ମାଣ ବିଶ୍ରାମ ଗୃହ ସହିତ: 0.15 କୋଟି ଟଙ୍କା) ଏବଂ ପ୍ରଶାସନ ଖର୍ଚ୍ଚ: 28.09 କୋଟି ଟଙ୍କା

*ଚାର୍ଟ 2.1.4: ଉପଲବ୍ଧ ପାଣ୍ଠି ତୁଳନାରେ ବୋର୍ଡ ଦ୍ୱାରା ସେସବୁର ବିନିଯୋଗ*




ଯାହା **ଚାର୍ଟ 2.1.4** ରୁ ଦେଖାଯାଇପାରେ ଯେ ଆର୍ଥିକ ବର୍ଷ 2017-18 ରୁ 2021-22 ମଧ୍ୟରେ 2,875.85 କୋଟି ଟଙ୍କାର ଉପଲବ୍ଧ ପାଣ୍ଠିରୁ ବୋର୍ଡ 2,301.29 କୋଟି ଟଙ୍କା (80 ପ୍ରତିଶତ) ବିନିଯୋଗ କରିଥିଲା ସମୁଦାୟ ବିନିଯୋଗ ପାଣ୍ଠିରୁ 28.09 କୋଟି ଟଙ୍କା ପ୍ରଶାସନିକ ଖର୍ଚ୍ଚ ରୂପରେ 2,273.05 କୋଟି ଟଙ୍କା କଲ୍ୟାଣକାରୀ ଯୋଜନାଗୁଡିକର ଏବଂ 0.15 କୋଟି ଟଙ୍କା ବିଶ୍ରାମଗାର ନିର୍ମାଣ ପାଇଁ ଖର୍ଚ୍ଚ ହୋଇଥିଲା । ବିଭିନ୍ନ କଲ୍ୟାଣକାରୀ ଯୋଜନା ପାଇଁ ହୋଇଥିବା ଖର୍ଚ୍ଚର ବିବରଣୀ ***ପରିଶିଷ୍ଟ 2.1.2*** ରେ ବିସ୍ତୃତ ।

### *2.1.8.1 ସେସ୍ ପାଣ୍ଠିରୁ କଲ୍ୟାଣକାରୀ ଯୋଜନାର କାର୍ଯ୍ୟାନ୍ୱୟନ*

ବିଓସିଡବ୍ଲୁ(ଆର୍‌ଇ ଆଣ୍ଡ ସିଏସ୍) ଅଧିନିୟମର ଧାରା 22 ରେ ବୋର୍ଡର ମୁଖ୍ୟ କାର୍ଯ୍ୟାବଳୀକୁ ବର୍ଣ୍ଣନା କରାଯାଇଛି, ଯେଉଁଗୁଡ଼ିକ ହେଉଛନ୍ତି, ଯାହା ହିତାଧିକାରୀଙ୍କୁ ଘର ନିର୍ମାଣ ପାଇଁ , ସେମାନଙ୍କ ପିଲାଙ୍କ ପାଠପଢା ଚିକିତ୍ସା ଖର୍ଚ୍ଚ, ପ୍ରସୂତି ସହାୟତା, ଗୋଷ୍ଠୀ ବୀମା ଯୋଜନା ଆଦିରେ ଯୋଗଦାନ ଇତ୍ୟାଦିରେ, ଆର୍ଥିକ ସହାୟତା ଯୋଗାଇବା ଏବଂ ହିତାଧିକାରୀଙ୍କୁ ପେନ୍‌ସନ୍ ପ୍ରଦାନ କରିବା ଯେଉଁମାନେ 60 ବର୍ଷ ବୟସ ପୂରଣ କରିସାରିଛନ୍ତି । ଏହି କଲ୍ୟାଣକାରୀ ଯୋଜନା ଗୁଡ଼ିକ ପ୍ରତିଷ୍ଠାନ/ ମୁଖ୍ୟ ନିଯୁକ୍ତିଦାତା/ ନଯୁକ୍ତିଦାତା ଏବଂ ବିଓସି ଶ୍ରମିକମାନଙ୍କ ଠାରୁ ଯଥାକ୍ରମେ ସଂଗ୍ରହ କରାଯାଇଥିବା ସେସ୍ ଏବଂ ପଞ୍ଜୀକରଣ ଶୁଳ୍କରୁ ଅର୍ଥ ପ୍ରଦାନ କରାଯାଇଥାଏ । ମାର୍ଚ୍ଚ 2022 ସୁଦ୍ଧା ବୋର୍ଡ 13 ଟି କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିଥିଲା । ଏହା ବ୍ୟତୀତ ବିଓସି ଶ୍ରମିକମାନଙ୍କ ପାଇଁ ବିଶ୍ରାମଗାର ଏବଂ ଭଡା ଗୃହ ନିର୍ମାଣ କରିଥିଲା ଏବଂ କୋଭିଡ୍ 19 ମହାମାରୀର ମୁକାବିଲା ପାଇଁ ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲା ।

ଅଡିଟ୍ ଚାରିଟି ନମୁନା ଜିଲ୍ଲାରେ କାର୍ଯ୍ୟକାରୀ ହୋଇଥିବା 10 ଟି କଲ୍ୟାଣକାରୀ ଯୋଜନାରେ ସହାୟତା ପାଇଥିବା 400 ହିତାଧିକାରୀଙ୍କ ମାମଲା ରେକର୍ଡ ପରୀକ୍ଷାମୂଳକ ଯାଞ୍ଚ କରିଥିଲା । ବିଭିନ୍ନ କଲ୍ୟାଣକାରୀ ଯୋଜନା ପାଇଁ ବୋର୍ଡ ଦ୍ୱାରା କ୍ରୟ ଏବଂ ଅର୍ଥ ପ୍ରଦାନ ସମ୍ପର୍କିତ ରେକର୍ଡକୁ ମଧ ଅଡିଟ୍ ଯାଞ୍ଚ କରିଥିଲା । କଲ୍ୟାଣକାରୀ ଯୋଜନାର କାର୍ଯ୍ୟାନ୍ୱୟନରେ ଦେଖାଦେଇଥିବା ଅଭାବ ନିମ୍ନରେ ଆଲୋଚନା କରାଯାଇଛି ।

### *2.1.8.2 ନମୁନା ଜିଲ୍ଲାମାନଙ୍କରେ କଲ୍ୟାଣକାରୀ ଯୋଜନାର କାର୍ଯ୍ୟାନ୍ୱୟନ*

ବୋର୍ଡ ଦ୍ୱାରା ଆରମ୍ଭ କରାଯାଇଥିବା ଯେକୌଣସି ଯୋଜନାର ଲାଭ ଉଠାଇବାକୁ ଇଚ୍ଛୁକ ଥିବା ଜଣେ ପଞ୍ଜୀକୃତ ବିଓସି କର୍ମୀଙ୍କୁ ସଂପୃକ୍ତ ଡିଏଲ୍‌ଓଙ୍କ ନିକଟରେ ଆବେଦନ କରିବାକୁ ପଡ଼ିବ । ବିଭିନ୍ନ କଲ୍ୟାଣକାରୀ ଯୋଜନାରେ ଅଧୀନରେ ସାମିଲ୍ ପାଇଁ ହିତାଧିକାରୀମାନଙ୍କ ଚୟନ ଜିଲ୍ଲା ସ୍ତରରେ ସମ୍ପୃକ୍ତ ଡିଏଲ୍‌ଓଙ୍କ ଦ୍ୱାରା କରାଯାଏ, ଚୟନକୁ ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ ଦ୍ୱାରା ଅନୁମୋଦନ ମିଳିଥାଏ । ବୋର୍ଡ ଜିଲ୍ଲାମାନଙ୍କ ସପକ୍ଷରେ ସେମାନଙ୍କ ବରାଦ ଅନୁଯାୟୀ ଏକକାଳୀନ ପାଣ୍ଠି ପ୍ରଦାନ କରିଥାଏ । ଅର୍ଥ ମଞ୍ଜୁରୀ ସର୍ତ୍ତାବଳୀ ଅନୁଯାୟୀ ଡିଏଲ୍‌ଓ ବିନିଯୋଗ ପ୍ରମାଣପତ୍ର (ୟୁସି) ଯଥାଶୀଘ୍ର ବୋର୍ଡ ନିକଟରେ ଦାଖଲ କରିବା ଆବଶ୍ୟକ । ନମୁନା ଭାବେ ନିଆଯାଇଥିବା

ଚାରିଟି ଜିଲ୍ଲାରେ 10 ଟି କଲ୍ୟାଣକାରୀ ଯୋଜନା ପାଇଁ ଆର୍ଥିକ ବର୍ଷ 2017-18 ରୁ 2021-22 ମଧ୍ୟରେ ସଂଶ୍ଲିଷ୍ଟ ହୋଇଥିବା ହିତାଧିକାରୀଙ୍କ ସଂଖ୍ୟା ଏବଂ ଖର୍ଚ୍ଚ ହୋଇଥିବା ରାଶି ***ପରିଶିଷ୍ଟ 2.1.3*** ରେ ଦର୍ଶାଯାଇଅଛି ।

- **ନିର୍ମାଣ ଶ୍ରମିକ ପକ୍କାଘର ଯୋଜନା(ଏନ୍‌ଏସ୍‌ପିଜିଓ୍ୱାଇ) ଅଧିନରେ ସହାୟତା:** ଏହି ଯୋଜନାରେ ପଞ୍ଜୀକୃତ ବିଓସି ଶ୍ରମିକମାନଙ୍କ ମଧ୍ୟରୁ ହିତାଧିକାରୀମାନଙ୍କୁ ଜିଲ୍ଲାପାଳ, ଡିଏଲ୍‌ଓ ଏବଂ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆର୍‌ଡିଏ)[19] ପ୍ରତିନଧିଙ୍କୁ ନେଇ ଗଠିତ ଏକ କମିଟି ଦ୍ୱାରା ଚୟନ କରାଯାଇଥାଏ । ଚୟନ ହୋଇଥିବା ହିତାଧିକାରୀଙ୍କ ସଂଖ୍ୟାକୁ ଆଧାର କରି ବୋର୍ଡ ଡିଆର୍‌ଡିଏକୁ ପାଣ୍ଠି ପ୍ରଦାନ କରିଥାଏ । ଡିଆର୍‌ଡିଏ ହିତାଧିକାରୀଙ୍କୁ ଅର୍ଥ ପ୍ରଦାନ କରିଥାଏ ଏବଂ ଯୋଜନାର କାର୍ଯ୍ୟକାରିତାର ତଦାରଖ କରିଥାଏ । ଏନ୍‌ଏସ୍‌ପିଜିଓ୍ୱାଇ ନିର୍ଦ୍ଦେଶାବଳୀ ଅନୁଯାୟୀ , ପ୍ରଥମ କିସ୍ତି ପ୍ରଦାନର 12 ମାସ ମଧ୍ୟରେ ଘର ନିର୍ମାଣ ଶେଷ ହେବା କଥା ପିଆର୍‌ଆଣ୍ଡଡିଡବ୍ଲୁ ବିଭାଗ ଅର୍ଥର ବିନିଯୋଗ ବିରୋଦ୍ଧରେ ୟୁସି ଦାଖଲ କରିବା ଆବଶ୍ୟକ ପଡ଼ିବ । ଅଡିଟ୍ ଲକ୍ଷ୍ୟ କଲା ଯେ ବୋର୍ଡ ଆର୍ଥିକ ବର୍ଷ 2017-18 ରୁ 2021-22 ବର୍ଷ ମଧ୍ୟରେ ଚାରିଟି ନମୁନା ଜିଲ୍ଲାର 8167 ହିତାଧିକାରୀଙ୍କ ପାଇଁ ଡିଆର୍‌ଡିଏଙ୍କ ପାଖରେ 104.16 କୋଟି ଟଙ୍କା ରଖିଥିଲେ । ତେବେ, ସାମିଲ ହୋଇଥିବା ହିତାଧିକାରୀ ସଂଖ୍ୟା, ପ୍ରଦାନ କରାଯାଇଥିବା ଟଙ୍କା ଏବଂ ସେମାନଙ୍କ ଘର ନିର୍ମାଣର ସ୍ଥିତି ସମ୍ପର୍କରେ ବୋର୍ଡ ପାଖରେ କୌଣସି ସୂଚନା ନଥିଲା । ଏହି ପରିପ୍ରେକ୍ଷୀରେ ଅଡିଟ୍ ପିଆର୍‌ଏବଂଡିଡବ୍ଲୁ ବିଭାଗ ଏବଂ ସଂପୃକ୍ତ ଡିଆର୍‌ଡିଏମାନଙ୍କ ଠାରୁ ସୂଚନା ସଂଗ୍ରହ କରିଥିଲା । ଯାହା ସୂଚିତ କରିଥିଲା ଯେ ମାର୍ଚ୍ଚ 2023 ସୁଦ୍ଧା ମୋଟ 8167 ହିତାଧିକାରୀଙ୍କ ମଧ୍ୟରୁ 6,931 ହିତାଧିକାରୀ (85 ପ୍ରତିଶତ) ଅନ୍ତର୍ଭୁକ୍ତ ହୋଇଥିଲେ । ଅଡିଟ୍ ଆହୁରି ଲକ୍ଷ୍ୟ କଲା ଯେ 2023 ମାର୍ଚ୍ଚ ମାସ ସୁଦ୍ଧା 6,931 ଟି ଗୃହ ମଧ୍ୟରୁ 172 ଟି ଗୃହ ବିଭିନ୍ନ ପର୍ଯ୍ୟାୟରେ ଅସମ୍ପୂର୍ଣ୍ଣ (ଆରମ୍ଭ ହୋଇନଥିବା 101, ଲିଣ୍ଟେଲ୍ ସ୍ତର-53 ଏବଂ ଛାତ ସ୍ତର-18) ଥିଲା ।

  ଅଡିଟ୍ ଲକ୍ଷ୍ୟ କଲା ଯେ, ବୋର୍ଡ ଡିଆର୍‌ଡିଏମାନଙ୍କୁ ଅର୍ଥ ପ୍ରଦାନ କରିବା ପରେ ଯୋଜନାର କାର୍ଯ୍ୟାନ୍ୱୟନର ଅଗ୍ରଗତିର ତଦାରଖ କରି ନଥିଲା, ଯାହା ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ପ୍ରତି ଏହାର ଉଦାସୀନତାକୁ ଦର୍ଶାଇଛି ।

- **ମୃତ୍ୟୁ ସହାୟତା ପ୍ରଦାନରେ ବିଳମ୍ବ:** ଓବିଓସିଡବ୍ଲୁ (ଆର୍‌ଇଆଣ୍ଡସିଏସ୍) ଅଧିନିୟମ 2002 ର ନିୟମ 271 ରେ ବ୍ୟବସ୍ଥା ଅଛି ଯେ, ଆବେଦନ ପାଇବାର 60 ଦିନ ମଧ୍ୟରେ ମୃତ୍ୟୁକାଳୀନ ସୁବିଧା ପ୍ରଦାନ କରାଯିବ । ଚାରୋଟି ନମୁନା ଜିଲ୍ଲାରେ ମୃତ୍ୟୁ (ସାଧାରଣ ) ସହାୟତା ବଣ୍ଟନ ସମ୍ପର୍କିତ 101 ଟି ବ୍ୟକ୍ତିଗତ ମାମଲା ରେକର୍ଡ ଯାଞ୍ଚ ପରେଏହା ଦେଖାଗଲା ଯେ, 37 ଟି ମାମଲାରେ (37 ପ୍ରତିଶତ) 67.25 ଲକ୍ଷ ଟଙ୍କା, ଆବେଦନ ଗ୍ରହଣ କରିବାର 60 ଦିନର ନିର୍ଦ୍ଧାରିତ ସମୟ ପରେ, 29 ଦିନରୁ 636 ଦିନ ପର୍ଯ୍ୟନ୍ତ ବିଳମ୍ବରେ ବିତରଣ କରାଯାଇଥିଲା ।

**ସୁପାରିଶ:**

**5. ଅନୁଦାନ ପାଇଥିବା ଯୋଜନା ଗୁଡ଼ିକର କାର୍ଯ୍ୟାନ୍ୱୟନର ଅଗ୍ରଗତି ଅନୁଧାନ କରିବା ପାଇଁ ଏବଂ ଏହି ଯୋଜନା ଗୁଡ଼ିକର ଉଦ୍ଦେଶ୍ୟ ପାଇଁ ପ୍ରଦାନ କରାଯାଇଥିବା ଅର୍ଥକୁ ଠିକ୍ ସମୟରେ ଏବଂ ଉଦ୍ଦେଶ୍ୟମୂଳକ କାର୍ଯ୍ୟରେ ବିନିଯୋଗ ହୋଇଛି ସୁନିଶ୍ଚିତ କରିବା ପାଇଁ ଏକ ଉପଯୁକ୍ତ ବ୍ୟବସ୍ଥା ଲାଗୁକରିପାରେ ।**

### *2.1.8.3 ସାଇକେଲ୍ ଓ ସୁରକ୍ଷା ଉପକରଣ କ୍ରୟରେ ଅନିୟମିତତା*

ଓଜିଏଫ୍‌ଆର୍ (ଭଲ୍ୟୁମ୍-II) ର ପରିଶିଷ୍ଟରେ ନିୟମ 2 ଅନୁଯାୟୀ 10,000 ଟଙ୍କାରୁ ଅଧିକ ମୂଲ୍ୟର ସାମଗ୍ରୀ କିଣିବା ପାଇଁ ବ୍ୟାପକ ପ୍ରଚାର ପ୍ରସାର କରି ସିଲ୍ କୋଟେସନ୍ ଆହ୍ୱାନ କରାଯିବା ଉଚିତ୍ । ଓଜିଏଫ୍‌ଆର୍-1 ର

[19] ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରଶାସନିକ ନିୟନ୍ତ୍ରଣ ଅଧିନରେ

ପାରା 18 (VI) ଅନୁଯାୟୀ ଓପନ୍ ଟେଣ୍ଡର ଆହ୍ୱାନ ହେବା ପରେ ହିଁ ଚୁକ୍ତିନାମା କରାଯିବା ଉଚିତ୍ ଏବଂ ସର୍ବନିମ୍ନ ନିଲାମର ଗ୍ରହଣ କରାଯାଇନଥିବା କ୍ଷେତ୍ରରେ ଏହାର କାରଣ ଲିପିବଦ୍ଧ କରାଯିବା ଉଚିତ୍ ।

କଟକ ଡିଏଲ୍ଓଙ୍କ ଟେଣ୍ଡର ନମୁନା ଯାଞ୍ଚ କରିବା ପରେ ଏହା ଲକ୍ଷ୍ୟ କଲା ଯେ, ଡିଏଲ୍ଓ ତିନିଟି ସାମଗ୍ରୀ ଯଥା- ସାଇକେଲ୍, ସୁରକ୍ଷା ଉପକରଣ ଓ କାର୍ଯ୍ୟ ଉପକରଣ ନିମନ୍ତେ ଭେଣ୍ଡର ମାନଙ୍କୁ ତାଲିକାଭୁକ୍ତ କରିବା ପାଇଁ ଆଗ୍ରହର ଅଭିବ୍ୟକ୍ତି/ ଏକ୍ସପ୍ରେସନ୍ ଅଫ୍ ଇଣ୍ଟରେଷ୍ଟ (ଇଓଆଇ) ଜାରି (2017 ଅଗଷ୍ଟ, ସେପ୍ଟେମ୍ବର 2017 ଏବଂ ନଭେମ୍ବର 2018) କରିଥିଲେ । ତେବେ, କେତେ ପରିମାଣର ସାଇକେଲ୍ କିମ୍ବା ସୁରକ୍ଷା ଉପକରଣ ଯୋଗାଇ ଦିଆଯିବ, କିମ୍ବା କେଉଁ ସମୟରେ ଯୋଗାଇଦିଆଯିବ ତାହା ଆଗ୍ରହର ଅଭିବ୍ୟକ୍ତି/ ଏକ୍ସପ୍ରେସନ୍ ଅଫ୍ ଇଣ୍ଟରେଷ୍ଟରେ ଲେଖା ଯାଇନଥିଲା । 2017 ଅକ୍ଟୋବର 6 ଓ 2018 ନଭେମ୍ବର 26 ରେ ଟେଣ୍ଡର ଖୋଲା ଯାଇଥିଲା । ନିଲାମ କମିଟି ନିଷ୍ପତ୍ତି ନେଲା (ଅକ୍ଟୋବର 2017 ଏବଂ ନଭେମ୍ବର 2018) ଯେ ଜଣେ ବିଡର ଏହି ତିନିଟି ମଧ୍ୟରୁ କୌଣସି ଗୋଟିଏ ବିଷୟକୁ କୋଟ୍ କରିଥିଲେ, ବିଚାର ପାଇଁ ଯୋଗ୍ୟ ବିବେଚିତ ହେବେ । ତଦନୁଯାୟୀ ସାତ ଜଣ ବିଡରଙ୍କୁ ସାଇକେଲ ଯୋଗାଣ ପାଇଁ ଓ ଦୁଇ ଜଣ ଲେଖାଏଁ ବିଡର ସୁରକ୍ଷା ଉପକରଣ ଓ କାର୍ଯ୍ୟ ଉପକରଣ ଯୋଗାଣ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ ।

- **ସାଇକେଲ କ୍ରୟ:** ହରକଲେସ୍ ବ୍ରାଣ୍ଡ ସାଇକେଲ ଯୋଗାଣ ପାଇଁ ସର୍ବନିମ୍ନ କୋଟେସନ୍ ମୂଲ୍ୟ 3,960 ଟଙ୍କା ଥିଲା । ଅନ୍ୟ ବିଡରମାନଙ୍କ ଦ୍ୱାରା ଯେଉଁ ମୂଲ୍ୟ ଉଲ୍ଲେଖ ଥିଲା ତାହା ପ୍ରତି ପିସ୍ ମୂଲ୍ୟ 3,960 ଟଙ୍କାରୁ 4,000 ଟଙ୍କା ମଧ୍ୟରେ ରହିଥିଲା । ତେବେ ଟେଣ୍ଡର କମିଟି ସମସ୍ତ ସାତ ଜଣ ବିଡରଙ୍କୁ ସାଇକେଲ୍ ଯୋଗାଇବା ପାଇଁ 4,000 ଟଙ୍କାରେ ଚୟନ କରିଥିଲା । ଜଣେ ଯୋଗାଣକାରୀ ଏହି ଚୁକ୍ତିରୁ ଓହରି ଯାଇଥିଲେ । ସର୍ବନିମ୍ନ ବିଡ୍ ଠାରୁ 40 ଟଙ୍କା ଲେଖାଏଁ ଅଧିକ ମୂଲ୍ୟରେ ମୂଲ୍ୟ ଗ୍ରହଣ କରିବାର କାରଣ ରେକର୍ଡରେ ଉପଲବ୍ଧ ନଥିଲା । ସର୍ବନିମ୍ନ ମୂଲ୍ୟ ଠାରୁ ଅଧିକ ମୂଲ୍ୟ ଗ୍ରହଣ ଯୋଗୁଁ 75,151 ସାଇକେଲ୍ କ୍ରୟରେ 30.06 ଲକ୍ଷ ଟଙ୍କା ଅଧିକ ଖର୍ଚ୍ଚ ହୋଇଥିଲା ।

- **ସୁରକ୍ଷା ଉପକରଣ କ୍ରୟରେ ଏଡ଼ାଇବା ଯୋଗ୍ୟ ଖର୍ଚ୍ଚ:** ସୁରକ୍ଷା ଉପକରଣ (ହେଲ୍‌ମେଣ୍ଟ, ଗ୍ଲୋବ୍ସ ଓ ଯୋତା) ଯୋଗାଣ ପାଇଁ ଦୁଇଟି ବିଡ୍ର ଯୋଗ୍ୟ ବିବେଚିତ ହୋଇଥିଲା । ଯୋଗ୍ୟ ବିଡରଙ୍କ କୋଟେଡ୍ ମୂଲ୍ୟ ୟୁନିଟ୍ ପିଛା 897 ଓ 990 ଟଙ୍କା ଥିବା ଜଣାପଡ଼ିଥିଲା । ଟେଣ୍ଡର କମିଟି ଯୋଗାଣ ପାଇଁ ସର୍ବନିମ୍ନ ବିଟରଙ୍କୁ ଚୟନ କରିବା ପରିବର୍ତ୍ତେ ବିଡ୍ ସ୍କ୍ରିନିଂ ପର୍ଯ୍ୟାୟରେ ଗୋଟିଏ ଲେଖାଏଁ ବିଡରକୁ ଗୋଟିଏ ବସ୍ତୁ ଦୃଷ୍ଟିରେ ରଖି ଅଯୋଗ୍ୟ ବିବେଚିତ ହୋଇଥିବା ଦୁଇ ଜଣ ନିଲାମଧାରୀଙ୍କ ସମେତ ଉଭୟ ବିଡରଙ୍କୁ ଚୟନ କରିଥିଲେ । ପ୍ରତ୍ୟେକ ଯୋଗାଣକାରୀଙ୍କ ଠାରୁ କିଣା ଯାଇଥିବା ସୁରକ୍ଷା ଉପକରଣର ପରିମାଣ ସହିତ ଏ ସମ୍ବନ୍ଧରେ ପ୍ରଦାନ କରାଯାଇଥିବା ଦର ଓ ରାଶି **ସାରଣୀ 2.1.9** ରେ ଦର୍ଶାଯାଇଛି ।

***ସାରଣୀ 2.1.9 ସୁରକ୍ଷା ଉପକରଣ କ୍ରୟର ପରିମାଣ ଏବଂ ମୂଲ୍ୟ***

| କ୍ର. ସଂ. | ବିକ୍ରେତା/ ଦୋକାନର ନାମ ଓ ଠିକଣା | ପ୍ରତି ଆଇଟମର କ୍ରୟ ମୂଲ୍ୟ (ଟଙ୍କାରେ) | କ୍ରୟ ୟୁନିଟ୍ | କ୍ରୟ ମୂଲ୍ୟ (ଲକ୍ଷ ଟଙ୍କାରେ) | ମନ୍ତବ୍ୟ |
|---|---|---|---|---|---|
| 1 | ମେସର୍ସ ନର୍ମଦା ଟ୍ରେସେସ୍, କଟକ | 897 | 3,754 | 33.67 | ବିଡରେ ଅଂଶଗ୍ରହଣ କରିଥିଲେ । ସର୍ବନିମ୍ନ ମୂଲ୍ୟ କୋଟ କରିଥିଲେ । |
| 2 | ମେସର୍ସ ବୈଷ୍ଣୋ ଏଣ୍ଟରପ୍ରାଇଜର୍ସ, କଟକ | 990 | 8,336 | 82.53 | ବିଡରେ ଅଂଶଗ୍ରହଣ କରିଥିଲେ । ସର୍ବାଧିକ ମୂଲ୍ୟ କୋଟ କରିଥିଲେ । |
| 3 | ମେସର୍ସ କେ.ଜି. ଏଣ୍ଟରପ୍ରାଇଜର୍ସ, କଟକ | 1,000<br>998 | 38,126<br>5,038 | 381.26<br>50.28 | ବିଡରେ ଅଂଶ ଗ୍ରହଣ କରିଥିଲେ, କିନ୍ତୁ କେବଳ ଗୋଟିଏ ଆଇଟମର ଯୋଗାଣ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ (ସାଇକେଲ କିମ୍ବା ସୁରକ୍ଷା ଉପକରଣ) । ଉଭୟ ଆଇଟମ୍ ଯୋଗାଇଥିଲେ । |

| କ୍ର. ସଂ. | ବିକ୍ରେତା/ ଦୋକାନର ନାମ ଓ ଠିକଣା | ପ୍ରତି ଆଇଟମର କ୍ରୟ ମୂଲ୍ୟ (ଟଙ୍କାରେ) | କ୍ରୟ ୟୁନିଟ୍ | କ୍ରୟ ମୂଲ୍ୟ (ଲକ୍ଷ ଟଙ୍କାରେ) | ମନ୍ତବ୍ୟ |
|---|---|---|---|---|---|
| 4 | ମେସର୍ସ ଶୁଭଲକ୍ଷ୍ମୀ ସପ୍ଲାୟର୍ସ, କଟକ | 1,000 | 15,375 | 153.75 | ବିଡରେ ଅଂଶ ଗ୍ରହଣ କରିଥିଲେ, କିନ୍ତୁ କେବଳ ଗୋଟିଏ ଆଇଟମର ଯୋଗାଣ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ (ସାଇକେଲ କିମ୍ବା ସୁରକ୍ଷା ଉପକରଣ) । ଉଭୟ ଆଇଟମ୍ ଯୋଗାଇଥିଲେ । |
| | ମୋଟ | | **70,629** | **701.49** | |

*(ଉତ୍ସ: ଡିଏଲ୍ଓ କଟକଙ୍କ ରେକର୍ଡରୁ ସଂକଳିତ ତଥ୍ୟ)*

ଯାହା **ସାରଣୀ 2.1.9** ରୁ ଦେଖାଯାଏ, ଟେଣ୍ଡର ପ୍ରକ୍ରିୟାର ମୌଳିକ ପବିତ୍ରତା, ଯେଉଁଥିରେ ସର୍ବନିମ୍ନ ମୂଲ୍ୟ ଦର୍ଶାଇଥିବା ଭେଣ୍ଡରମାନଙ୍କୁ ଯୋଗାଣ ଆଦେଶ ପ୍ରଦାନ କରିବା, ଯେଉଁ ବିଡରମାନେ ଟେଣ୍ଡରରେ ଭାଗ ନେଇଥିଲେ ଏବଂ ଯୋଗ୍ୟ ଥିଲେ, ସେମାନଙ୍କ ଯୋଗାଣ ଆଦେଶ ପ୍ରଦାନକୁ ସୀମିତ କରିବା ଆଦି ସିଦ୍ଧାନ୍ତମାନ ସାମିଲ୍ ଥିଲା, ପାଳନ କରାଯାଇ ନଥିଲା । ଏହା ସ୍ପଷ୍ଟ ଥିଲା ଯେ, ଯୋଗାଣକାରୀଙ୍କ ଚୟନ ଶୈଳୀରୁ ଖୋଲା ଟେଣ୍ଡର ପ୍ରକ୍ରିୟାକୁ ସ୍ୱଚ୍ଛତାର ପ୍ରତୀକ ଭାବେ ବ୍ୟବହାର କରାଯାଇଥିଲା, ଯେତେବେଳେ କି ଯୋଗାଣକାରୀଙ୍କୁ ଅଣଦେଖା କରି ଯାହା ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ନିର୍ଦ୍ଧାରିତ କରାଯାଇଥିଲା, ଯୋଗାଣ ପାଇଁ ଚୟନ କରାଯାଇଥିଲା । ସର୍ବନିମ୍ନ କୋଟେଡ୍ ମୂଲ୍ୟ ଠାରୁ 103 ଟଙ୍କା ଅଧିକ ମୂଲ୍ୟ ପିସ୍ ପ୍ରତି ଗ୍ରହଣ କରାଯାଇଥିବାରୁ 70.629 ଟି ସୁରକ୍ଷା ଉପକରଣ କ୍ରୟରେ 67.95 ଲକ୍ଷ ଟଙ୍କା ଅଧିକ ଖର୍ଚ୍ଚ ହୋଇଥିଲା ।

**ସୁପାରିଶ:**

**6. କ୍ରୟ ପ୍ରକ୍ରିୟା ସ୍ୱଚ୍ଛ ଏବଂ ଉପସ୍ଥିତ ନିୟମ ଅନୁସାରେ ହେବା ଆବଶ୍ୟକ । କ୍ରୟ ପ୍ରକ୍ରିୟାରେ ଯେଭଳି କୌଣସି ସଂସ୍ଥାକୁ ଅଯଥା ଲାଭ ନ ମିଳେ ସେଥିପ୍ରତି ବୋର୍ଡ ଦୃଷ୍ଟି ଦେବା ଉଚିତ୍ ।**

### *2.1.8.4 ବିଓସି ଶ୍ରମିକଙ୍କ ସୁରକ୍ଷା ଓ କଲ୍ୟାଣ ପାଇଁ ବିଧିବଦ୍ଧ ବ୍ୟବସ୍ଥାକୁ ପାଳନ ନ କରିବା*

ସଂସ୍ଥା/ ବ୍ୟକ୍ତି, ବିଓସି କର୍ମୀମାନଙ୍କୁ ନିୟୋଜିତ କରୁଥିବା ସମୟରେ ବିଓସିଡବ୍ଲୁ (ଆରଇଆଣ୍ଡସିଏସ୍) ଅଧିନିୟମ, 1996 ଏବଂ ନିୟମ 2002 ର ବିଭିନ୍ନ ପ୍ରାବଧାନକୁ ପାଳନ କରିବା ଆବଶ୍ୟକ । ସମ୍ପୃକ୍ତ ଅଧିନିୟମ ଓ ନିୟମାବଳୀରେ ଥିବା ବ୍ୟବସ୍ଥାର କେତେ ମାତ୍ରାରେ ଅନୁପାଳନ ହୋଇଛି, ତାହାର ଆକଳନ କରିବା ପାଇଁ ଅଡିଟ୍ ଡିଏଲ୍ଓ ଅଧିକାରୀଙ୍କ ସହିତ ନମୁନା ଭାବେ ନିଆଯାଇଥିବା ଆଠଟି ପୂର୍ତ୍ତ ବିଭାଗ ମଧ୍ୟରୁ ଚାରିଟି[20] ଦ୍ୱାରା ଦିଆଯାଇଥିବା 16 ଟି ପଞ୍ଜୀକୃତ ଓ 16 ଟି ଅଣପଞ୍ଜୀକୃତ ବିଓସି କାର୍ଯ୍ୟର ମିଳିତ ଭୌତିକ ନିରୀକ୍ଷଣ (ଜେପିଆଇ) କରିଥିଲା, ଯାହା **ସାରଣୀ 2.1.10** ରେ ଦର୍ଶାଯାଇଛି ।

***ସାରଣୀ 2.1.10: ଚାରିଟି ନମୁନା ପୂର୍ତ୍ତ ବିଭାଗ ଦ୍ୱାରା ବିଓସିଡବ୍ଲୁ (ଆର୍ଇଆଣ୍ଡସିଏସ୍) ଅଧିନିୟମ ଏବଂ ନିୟମାବଳୀର ବ୍ୟବସ୍ଥାକୁ ପାଳନ ନକରିବା***

| ଅନୁପାଳନ ନକରିବା ପ୍ରକୃତି | ଅଧିନିୟମ ଓ ନିୟମାବଳୀରେ ଥିବା ବ୍ୟବସ୍ଥା | ବିଓସି କାର୍ଯ୍ୟ ସଂଖ୍ୟା | ନମୁନା ୟୁନିଟ୍/ ଠିକାଦାରଙ୍କ ସଂଖ୍ୟା |
|---|---|---|---|
| ପ୍ରତିଷ୍ଠାନ/ ମୁଖ୍ୟ ନିଯୁକ୍ତିଦାତା ଭାବେ ପଞ୍ଜୀକୃତ ହୋଇନଥିଲେ | ଧାରା 7 | 32 | ଚାରିଟି ନମୁନା ପୂର୍ତ୍ତ ଡିଭିଜନ |
| ନିଯୁକ୍ତିଦାତା ଭାବେ ପଞ୍ଜୀକୃତ ହୋଇନାହାନ୍ତି | ଧାରା 7 | 14 | 4ଟି ନମୁନା ପୂର୍ତ୍ତ ଡିଭିଜନ ଅଧିନରେ 14 ଜଣ ଠିକାଦାର |
| ଭବନ ନିର୍ମାଣ ଶ୍ରମିକଙ୍କ ବିବରଣୀ ରେଜିଷ୍ଟର ଅନୁପାଳନ ନକରିବା | ଧାରା 30 ଏବଂ ନିୟମ 238 & 239 | 20 | 20 ଠିକାଦାର, ଚାରିଟି ନମୁନା କାର୍ଯ୍ୟ ବିଭାଜନ ଅଧିନସ୍ଥ |
| ମଷ୍ଟର ରୋଲ ଓ ଓଭରଟାଇମ | ଧାରା 30 ଏବଂ ନିୟମ 238 | 19 | ଚାରିଟି ନମୁନା ପୂର୍ତ୍ତ ଡିଭିଜନ |

[20] ଆର୍‌ଆଣ୍ଡବି ଡିଭିଜନ୍, ଘଟଗାଁ; ଆର୍‌ଆଣ୍ଡବି ଡିଭିଜନ୍, କଟକ; ଆର୍‌ଆଣ୍ଡବି ଡିଭିଜନ୍, ଚାରବାଟିଆ; ଆର୍‌ଆଣ୍ଡବି ଡିଭିଜନ୍ II, ଭୁବନେଶ୍ୱର

| ଅନୁପାଳନ ନକରିବା ପ୍ରକୃତି | ଅଧିନିୟମ ଓ ନିୟମାବଳୀରେ ଥିବା ବ୍ୟବସ୍ଥା | ବିଓସି କାର୍ଯ୍ୟ ସଂଖ୍ୟା | ନମୁନା ୟୁନିଟ୍/ ଠିକାଦାରଙ୍କ ସଂଖ୍ୟା |
|---|---|---|---|
| ରେଜିଷ୍ଟରର ରକ୍ଷଣାବେକ୍ଷଣ ନ କରିବା | & 239 | | ଅଧିନରେ 19 ଜଣ ଠିକାଦାର |
| ବିଓସି କର୍ମଚାରୀଙ୍କୁ ବିଲ୍ଡିଂ କାର୍ଯ୍ୟ ବନ୍ଦ କରିବା ଉପରେ ସର୍ଭିସ୍ ସାର୍ଟିଫିକେଟ୍ ପ୍ରଦାନ ନକରିବା | ଧାରା 30 ଏବଂ ନିୟମ 238 ଏବଂ 239 | 22 | 5ଟି ନମୁନା କାର୍ଯ୍ୟ ଡିଭିଜନ ଅଧୀନରେ ଥିବା 22 ଟି ଠିକାଦାର |
| ଶ୍ରମିକଙ୍କ ପାଇଁ ସୁରକ୍ଷା ଉପକରଣ ଓ ଉପକରଣର ବ୍ୟବସ୍ଥା ନକରିବା | ଧାରା 38 | 19 | ଚାରିଟି ନମୁନା ପୂର୍ତ୍ତ ଡିଭିଜନ ଅଧିନରେ 19 ଜଣ ଠିକାଦାର |
| ଶ୍ରମିକଙ୍କ ପାଇଁ ଆବାସ, ଡ୍ରେନ୍, ପ୍ରାଥମିକ ଚିକିତ୍ସା ଏବଂ କ୍ୟାଣ୍ଟିନ୍‌ର ଅନୁପସ୍ଥିତି | ଧାରା 34 | 6 | ତିନିଟି ନମୁନା ପୂର୍ତ୍ତ ଡିଭିଜନ ଅଧିନରେ 6 ଜଣ ଠିକାଦାର |

***(ଉତ୍ସ: ନମୁନା କାର୍ଯ୍ୟର ମିଳିତ ଭୌତିକ ନିରୀକ୍ଷଣ)***

ସରକାରୀ ବିଭାଗ ସହିତ ଠିକାଦାରଙ୍କ ପଞ୍ଜୀକରଣ ଅନୁପସ୍ଥିତି ଏବଂ ନିରୀକ୍ଷଣର ଅଭାବର ପରିଣାମସ୍ୱରୂପ କାର୍ଯ୍ୟସ୍ଥଳୀରେ କଲ୍ୟାଣକାରୀ ସୁବିଧା ସହିତ ସୁରକ୍ଷା ମାନଦଣ୍ଡର ଅଭାବ ପରିଲକ୍ଷିତ ହୋଇଥିଲା । ଏତଦ୍‌ବ୍ୟତୀତ ଉପରୋକ୍ତ ଅଣପଞ୍ଜୀକୃତ କାର୍ଯ୍ୟରେ କାର୍ଯ୍ୟରତ ସମ୍ଭାବ୍ୟ ହିତାଧିକାରୀମାନେ ବୋର୍ଡରେ ପଞ୍ଜୀକୃତ ହୋଇପାରିନଥିଲେ ।

ବୋର୍ଡର କାର୍ଯ୍ୟକଳାପ ସମ୍ପର୍କରେ ସେମାନଙ୍କ ସଚେତନତାର ଆକଳନ କରିବା ପାଇଁ ଅଡିଟ୍ 400 ପଞ୍ଜୀକୃତ ଓ 100 ଅଣ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ନେଇ ଏକ ମିଳିତ ସର୍ବେକ୍ଷଣ କରିଥିଲେ । ଏକ ସତନ୍ତ୍ର ପ୍ରଶ୍ନାବଳୀ ପ୍ରସ୍ତୁତ କରାଯାଇଥିଲା ଏବଂ ଶ୍ରମିକମାନଙ୍କ ଠାରୁ ମିଳିଥିବା ପ୍ରତିକ୍ରିୟାକୁ ନିମ୍ନରେ ଉଲ୍ଲେଖ କରାଯାଇଛି ।

***ସାରଣୀ 2.1.11: ବିଓସି ଶ୍ରମିକଙ୍କ ମିଳିତ ସର୍ଭେ ବେଳେ ବିଓସି ଶ୍ରମିକଙ୍କ ପ୍ରତିକ୍ରିୟା***

| ପଞ୍ଜୀକୃତ ବିଓସି ଶ୍ରମିକ (400) | ଅଣପଞ୍ଜୀକୃତ ବିଓସି ଶ୍ରମିକ (100) |
|---|---|
| ✓ 284 ଜଣ ହିତାଧିକାରୀ (71 ପ୍ରତିଶତ) କୌଣସି ସଚେତନତା ଶିବିରରେ ଯୋଗ ଦେଇ ନଥିଲେ<br>✓ 279 ହିତାଧିକାରୀ (70 ପ୍ରତିଶତ) ବୋର୍ଡର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଜାଣିନଥିଲେ<br>✓ 259 ହିତାଧିକାରୀ (65 ପ୍ରତିଶତ) ବୋର୍ଡ ଦ୍ୱାରା ପରିଚାଳିତ କୌଣସି ଯୋଜନା ବିଷୟରେ ଜାଣିନଥିଲେ । | ✓ 100 ଶ୍ରମିକଙ୍କ ମଧ୍ୟରୁ କେହି ବି ଓବିସିଡବ୍ଲୁ କଲ୍ୟାଣ ବୋର୍ଡ ଅଧୀନରେ ହିତାଧିକାରୀ ଭାବେ ପଞ୍ଜୀକୃତ ହୋଇନଥିଲେ, ଯଦିଓ ସେମାନେ ଏକ ବର୍ଷରୁ 40 ବର୍ଷ ମଧ୍ୟରେ ଅବଧି ପାଇଁ ବିଓସି ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ<br>✓ 100 ଜଣ ଶ୍ରମିକଙ୍କ ମଧ୍ୟରୁ କେହି କୌଣସି ସଚେତନତା ଶିବିରରେ ଯୋଗ ଦେଇନଥିଲେ ଏବଂ ସେମାନେ କଲ୍ୟାଣ ବୋର୍ଡ ଓ ସେମାନଙ୍କୁ ମିଳୁଥିବା ସୁବିଧା ସମ୍ପର୍କରେ ସେମାନେ ଅଜ୍ଞ ଥିଲେ |

***(ଉତ୍ସ: ଅଡିଟରେ କରାଯାଇଥିବା ବିଓସି ଶ୍ରମିକଙ୍କ ସର୍ବେକ୍ଷଣ)***

### 2.1.9 ବୋର୍ଡ ଦ୍ୱାରା କଲ୍ୟାଣକାରୀ ଯୋଜନାର କାର୍ଯ୍ୟାନ୍ୱୟନ

#### *2.1.9.1 ସ୍ୱତନ୍ତ୍ର ଆର୍ଥିକ ସହାୟତା ଅଧୀନରେ ପାଣ୍ଠିର ବିତରଣ*

ଏଲ୍ ଆଣ୍ଡ ଇଏସ୍‌ଆଇ ବିଭାଗ କୋଭିଡ୍-19 ମହାମାରୀର ପ୍ରଥମ ଲହରୀ ସମୟରେ ପ୍ରତ୍ୟେକ ପଞ୍ଜୀକୃତ ବିଓସି ଶ୍ରମିକଙ୍କୁ 1,500 ଟଙ୍କା ହିସାବରେ ସ୍ୱତନ୍ତ୍ର ଆର୍ଥିକ ସହାୟତା (ଏସ୍‌ଏଫ୍‌ଏ) ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିଲା (ମାର୍ଚ୍ଚ 2020) । ବୋର୍ଡ, ସମ୍ପୃକ୍ତ ଜିଲ୍ଲାପାଳ ଏବଂ ରାଜ୍ୟର 30 ଟି ଜିଲ୍ଲାର 32 ଟି ଡିଏଲ୍‌ଓଙ୍କ ଦ୍ୱାରା ପରିଚାଳିତ ସଂଯୁକ୍ତ ବ୍ୟାଙ୍କ ଆକାଉଣ୍ଟକୁ 315.37 କୋଟି ଟଙ୍କା ହସ୍ତାନ୍ତର କରିଥିଲା (ଅପ୍ରେଲ 2020) । ପୁନଶ୍ଚ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଏହି ଟଙ୍କା ପଠାଇବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା । ଆହୁରି ଡିଏଲ୍‌ଓମାନେ ଜିଲ୍ଲାପାଳଙ୍କ ଦସ୍ତଖତ ଥିବା ୟୁସିକୁ ଯଥାଶୀଘ୍ର ବୋର୍ଡରେ ଦାଖଲ କରିବାର ଥିଲା ।

ଅଡିଟ୍ ଦର୍ଶାଇଲା ଯେ ଡିଏଲ୍ଓମାନେ ଏସ୍ଏଫ୍ଏ ପ୍ରଦାନ ପାଇଁ ହିତାଧିକାରୀଙ୍କ ତାଲିକା ସହିତ ୟୁଏଲ୍ବି ଏବଂ ବ୍ଲକ ଗୁଡ଼ିକୁ ସମ୍ପୂର୍ଣ୍ଣ ଅର୍ଥ ପ୍ରଦାନ କରିଥିଲେ । ହିତାଧିକାରୀଙ୍କ ଆକାଉଣ୍ଟକୁ ସିଧାସଳଖ ଅର୍ଥ ହସ୍ତାନ୍ତର କରିବା ପରିବର୍ତ୍ତେ ୟୁଏଲ୍ବି/ ବ୍ଲକ ଜରିଆରେ ଅର୍ଥ ପ୍ରଦାନ କରିବାର କାରଣ ଥିଲା ଜିଲ୍ଲା ଶ୍ରମ ଅଧିକାରୀଙ୍କ ପାଖରେ ହିତାଧିକାରୀଙ୍କ ବ୍ୟାଙ୍କ ବିବରଣୀ ନଥିଲା । ଚାରିଟି ନମୁନା ଜିଲ୍ଲାରେ, ପ୍ରଦାନ ଓ ବିତରଣ ହୋଇଥିବା ଅର୍ଥର ସବିଶେଷ ବିବରଣୀ **ସାରଣୀ 2.1.12** ରେ ଦର୍ଶାଯାଇଛି ।

***ସାରଣୀ 2.1.12 : ନମୁନା ଜିଲ୍ଲାମାନଙ୍କରେ ଏସ୍ଏଫ୍ଏ ଗ୍ରହଣ ଓ ବଣ୍ଟନ***

*(ପରିମାଣ ଲକ୍ଷ ଟଙ୍କାରେ)*

| ଜିଲ୍ଲା | ବିଭାଗ ପକ୍ଷରୁ ଏସ୍ଏଫ୍ଏ ପ୍ରଦାନ | | ୟୁଏଲ୍ବି/ ବ୍ଲକ ଦ୍ୱାରା ବଣ୍ଟନ କରାଯାଇଛି | | ୟୁଏଲ୍ବି/ ବ୍ଲକ ଦ୍ୱାରା ପ୍ରଦାନ କରାଯାଇଥିବା ସ୍ୱୀକୃତି | | ଅବ୍ୟୟିତ ସନ୍ତୁଳନ |
|---|---|---|---|---|---|---|---|
| | ହିତାଧିକାରୀଙ୍କ ସଂଖ୍ୟା | ପରିମାଣ | ହିତାଧିକାରୀଙ୍କ ସଂଖ୍ୟା | ପରିମାଣ | ହିତାଧିକାରୀଙ୍କ ସଂଖ୍ୟା | ପରିମାଣ | |
| କେଉଁଝର | 91,958 | 1,379.37 | 80,777 | 1,211.66 | 9,751 | 146.27 | 167.71 |
| ଗଞ୍ଜାମ | 1,42,827 | 2,142.41 | 1,29,773 | 1,946.60 | 0 | 0 | 195.81 |
| କଟକ | 1,87,531 | 2,812.97 | 98,239 | 1,473.59 | 57,737 | 866.06 | 1339.38 |
| ଖୋର୍ଦ୍ଧା | 1,54,394 | 2,317.45 | 1,46,064 | 2,192.51 | 0 | 0 | 124.94 |
| ମୋଟ | **5,76,710** | **8,652.20** | **4,54,853** | **6,824.36** | **67,488** | **1,012.33** | **1,827.84** |

*(ଉତ୍ସ: ନମୁନା ଜିଲ୍ଲାମାନଙ୍କର ଡିଏଲ୍ଓ ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା)*

ଅଡିଟ୍ ଲକ୍ଷ୍ୟ କଲା ଯେ:

- ଚାରିଟି ନମୁନା ଜିଲ୍ଲାର 5.77 ଲକ୍ଷ ହିତାଧିକାରୀଙ୍କ ପାଇଁ 86.52 କୋଟି ଟଙ୍କା ପ୍ରଦାନ କରାଯାଇଥିବା ବିପକ୍ଷରେ 4.55 ଲକ୍ଷ ହିତାଧିକାରୀଙ୍କୁ 68.24 କୋଟି ଟଙ୍କା(79 ପ୍ରତିଶତ) ବଣ୍ଟନ କରାଯାଇଥିଲା । ବଳକା 18 କୋଟି 28 ଲକ୍ଷ ଟଙ୍କା ବଣ୍ଟନ ନ ହେବାର କାରଣ ରେକର୍ଡରେ ଉପଲବ୍ଧ ନଥିଲା । ତେଣୁ ଚାରିଟି ନମୁନା ଜିଲ୍ଲାର 1.21 ଲକ୍ଷ ହିତାଧିକାରୀ (21 ପ୍ରତିଶତ) ଏସ୍ଏଫ୍ଏ ପାଇବାରୁ ବଞ୍ଚିତ ହୋଇଥିଲେ ।
- ଏଲ୍ ଆଣ୍ଡ ଇଏସ୍ଆଇ ବିଭାଗର ନିର୍ଦ୍ଦେଶକୁ ଉଲ୍ଲଙ୍ଘନ କରି ହିତାଧିକାରୀଙ୍କୁ ସେମାନଙ୍କ ବ୍ୟାଙ୍କ ଖାତାରେ ଜମା କରିବା ପରିବର୍ତ୍ତେ ନଗଦ ଅର୍ଥରେ ଏସ୍ଏଫ୍ଏ ପ୍ରଦାନ କରାଯାଇଥିଲା । 4.55 ଲକ୍ଷ ହିତାଧିକାରୀଙ୍କୁ ବଣ୍ଟନ କରାଯାଇଥିବା 68.24 କୋଟି ଟଙ୍କା ମଧ୍ୟରୁ ୟୁଏଲ୍ବି/ ବ୍ଲକ 10.12 କୋଟି ଟଙ୍କା ଗ୍ରହଣ ସପକ୍ଷରେ କେବଳ 0.67 ଲକ୍ଷ ହିତାଧିକାରୀଙ୍କ ସ୍ୱୀକୃତି ପ୍ରଦାନ କରିଥିଲେ । ନଗଦ ଅର୍ଥରେ ଏସ୍ଏଫ୍ଏ ପ୍ରଦାନ ଏବଂ ସ୍ୱୀକୃତି ଗ୍ରହଣ ନକରିବା ଦାବି କରାଯାଉଥିବା ଅର୍ଥ ବିତରଣର ସତ୍ୟତା ଉପରେ ସନ୍ଦେହ ସୃଷ୍ଟି କରୁଛି । ଆହୁରି ମଧ, ମାର୍ଚ୍ଚ 2023 ସୁଦ୍ଧା ବୋର୍ଡକୁ ଡିଏଲ୍ଓ ଗୁଡ଼ିକ ଦ୍ୱାରା କୌଣସି ୟୁସି ଦାଖଲ କରାଯାଇ ନଥିଲା ।

ଅଡିଟ୍ ଲକ୍ଷ୍ୟ କଲେ ଯେ, ବୋର୍ଡ ବାକି ହିତାଧିକାରୀଙ୍କ ଏସ୍ଏଫ୍ଏ ପ୍ରଦାନ କରାଯାଇଥିଲା ଏବଂ ସମ୍ବନ୍ଧିତ ଡିଏଲ୍ଓଙ୍କ ଠାରୁ ୟୁସି ପ୍ରାପ୍ତି ହୋଇଥିଲା ବୋଲି ସୁନିଶ୍ଚିତ କରିବା ପାଇଁ କୌଣସି ପଦକ୍ଷେପ ଉଠାଇନଥିଲେ ।

ଏଲ୍ ଆଣ୍ଡ ଇଏସ୍ଆଇ ବିଭାଗ ବ୍ୟକ୍ତ କଲେ (ଅପ୍ରେଲ୍ 2024) ଯେ ଏସ୍ଏଫ୍ଏ ର ନଗଦ ବିତରଣ ସମ୍ବନ୍ଧିତ ସଂଶୋଧନ ପ୍ରସ୍ତାବ ତାଙ୍କ ଦ୍ୱାରା ସ୍ୱୀକୃତ କରାଯାଇଥିଲା (ଅପ୍ରେଲ୍ 2020) । ଏହା ମଧ କୁହାଯାଇଥିଲା ଯେ, ଡିଏଲ୍ଓମାନଙ୍କୁ ଏସ୍ଏଫ୍ଏ ର ପ୍ରଥମ କିସ୍ତିର ଥିବା ଅବ୍ୟବହୃତ ପାଣ୍ଠିର ଫେରସ୍ତ ଉପରେ ବର୍ତ୍ତମାନର ସ୍ଥିତି ପ୍ରସ୍ତୁତ କରିବା ପାଇଁ ପୁନର୍ବାର ଅନୁରୋଧ କରାଯାଇଥିଲା ।

### *2.1.9.2 ଗ୍ରୁପ୍ ବୀମା ଯୋଜନା କାର୍ଯ୍ୟକାରୀ ନହେବା*

ଓବିଓସିଡବ୍ଲୁ (ଆରଇଆଣ୍ଡସିଏସ୍) ନିୟମ, 2002 ର ନିୟମ 274 ଅନୁଯାୟୀ, ବୋର୍ଡ କୌଣସି ବି ବୀମା କମ୍ପାନୀ ସହ ମିଶି ହିତାଧିକାରୀଙ୍କ ଜୀବନକୁ ସାମିଲ୍ କରି ଏକ ଗୋଷ୍ଠୀ ବୀମା ଯୋଜନା ଆରମ୍ଭ କରି ପାରିବେ ଏବଂ ଏଭଳି ଏକ ଗ୍ରୁପ୍ ବୀମା ଯୋଜନା ପାଇଁ ଏହାର ପାଣ୍ଠିରୁ କିସ୍ତି ପଇଠ କରିପାରେ । ବୋର୍ଡ ବ୍ୟକ୍ତିଗତ ଦୁର୍ଘଟଣା ବୀମା ଅନ୍ତର୍ଭୁକ୍ତ କରିପାରେ ।

ବିଭାଗ ଏବଂ ବୋର୍ଡର ରେକର୍ଡର ଯାଞ୍ଚରୁ ଜଣାପଡ଼ିଲା ଯେ ହିତାଧିକାରୀଙ୍କ ଜୀବନକୁ କଭର କରୁଥିବା କୌଣସି ଗୋଷ୍ଠୀ ବୀମା ଯୋଜନା କିମ୍ବା ବ୍ୟକ୍ତିଗତ ଦୁର୍ଘଟଣା ପାଇଁ କୌଣସି ବୀମା କାର୍ଯ୍ୟକାରୀ କରାଯାଇନଥିଲା । ତଥାପି, ଏହା ଲକ୍ଷ୍ୟ କଲା ଯେ, 2017-18 ରୁ 2021-22 ମଧ୍ୟରେ ସେସ୍ ପାଣ୍ଠିରୁ 25,547 ହିତାଧିକାରୀଙ୍କୁ 353.94 କୋଟି ଟଙ୍କାର ମୃତ୍ୟୁ ସହାୟତା ବିତରଣ କରାଯାଇଥିଲା ।

ଯଦି ବୋର୍ଡ କୌଣସି ବୀମା କମ୍ପାନୀ ସହ ମିଶି ହିତାଧିକାରୀଙ୍କ ଜୀବନ ଏବଂ ବ୍ୟକ୍ତିଗତ ଦୁର୍ଘଟଣା ବୀମା ଅନ୍ତର୍ଭୁକ୍ତ କରି ଏକ ସମୂହ ବୀନା ଯୋଜନା ଆରମ୍ଭ କରିଥିଲେ, ମୃତ୍ୟୁ ସହାୟତା ବାବଦକୁ ପ୍ରଦାନ କରାଯାଇଥିବା ରାଶି, ବୀମା କମ୍ପାନୀ ଦ୍ୱାରା ବହନ କରାଯାଇଥାନ୍ତା ଏବଂ ବୋର୍ଡ କେବଳ ସେସ୍ ପାଣ୍ଠିରୁ ବୀମା କିସ୍ତି ବହନ କରିଥାନ୍ତା । ପ୍ରିମିୟମ ଠାରୁ ଅଧିକ ମୃତ୍ୟୁ ସହାୟତା ରାଶି ବିଓସି ଶ୍ରମିକମାନଙ୍କ କଲ୍ୟାଣ ପାଇଁ ବିନିଯୋଗ କରାଯାଇ ପାରିଥାନ୍ତା ।

ଏଲ୍‌ଆଣ୍ଡଇଏସ୍‌ଆଇ ବିଭାଗ ବ୍ୟକ୍ତ କଲେ (ଅପ୍ରେଲ 2024) ଯେ, ପଞ୍ଜୀକୃତ ବିଓସି ଶ୍ରମିକଙ୍କ ପାଇଁ ସମୂହ ବୀମା ଯୋଜନାର କାର୍ଯ୍ୟାନ୍ୱୟନ ପ୍ରସ୍ତାବକୁ ବୋର୍ଡର ସଦସ୍ୟଙ୍କ ଦ୍ୱାରା ଅସ୍ୱୀକାର କରାଯାଇଥିଲା, ଏହା ଧ୍ୟାନରେ ରଖି ଯେ, ମୃତ୍ୟୁ ସହାୟତାର ବିବରଣୀରେ ଖର୍ଚ୍ଚ ହୋଇଥିବା ରାଶି ପଞ୍ଜୀକୃତ ବିଓସି ହିତାଧିକାରଙ୍କୁ ପ୍ରଦାନ କରାଯାଇଥିବା ପ୍ରିମିୟମ ତୁଳନାରେ କମ୍ ଥିଲା ।

### *2.1.9.3 ଆଇଇସି କାର୍ଯ୍ୟକଳାପ ପର୍ଯ୍ୟାପ୍ତ ସଙ୍ଗଠନ ନହେବା*

ସୂଚନା, ଶିକ୍ଷା ଏବଂ ଯୋଗାଯୋଗ (ଆଇଇସି) ରଣନୀତି ଉଦ୍ଦେଶ୍ୟ ହେଲା, ବିଭିନ୍ନ ଯୋଜନା/ କାର୍ଯ୍ୟକ୍ରମ ଦ୍ୱାରା ଉପରୋକ୍ତ ସୁବିଧା ସମ୍ବନ୍ଧରେ ସମ୍ଭାବ୍ୟ ହିତାଧିକାରୀମାନଙ୍କ ମଧ୍ୟରେ ସୂଚନା ବିସ୍ତାର କରାଇବା ଏବଂ ଏହି ସୁବିଧାଗୁଡ଼ିକ କିପରି ପ୍ରାପ୍ତ ହୋଇପାରିବ ସେ ଦିଗରେ ମାର୍ଗଦର୍ଶନ କରିବା, ଶ୍ରମ ଏବଂ ରୋଜଗାର ମନ୍ତ୍ରାଳୟ, ଜିଓଆଇ, ନିର୍ଦ୍ଦେଶ ଦେଇଥିଲେ (ଜୁଲାଇ 2020) ଯେ, ବୋର୍ଡର ବିଭିନ୍ନ କଲ୍ୟାଣକାରୀ ଯୋଜନା ଉପରେ ବିଓସି ଶ୍ରମିକମାନଙ୍କ ମଧ୍ୟରେ ସ୍ଥାନୀୟ ଭାଷାରେ ପର୍ଯ୍ୟାପ୍ତ ପ୍ରଚାର/ ଆଇଇସି ଅଭିଯାନ କରାଯିବା ଆବଶ୍ୟକ ।

ଅଡିଟ୍ ଲକ୍ଷ୍ୟ କଲା ଯେ ବୋର୍ଡ 2017-18 ରୁ 2019-20 ପର୍ଯ୍ୟନ୍ତ ତିନିଟି ଆର୍ଥିକ ବର୍ଷ[21] ପାଇଁ ଆଇଇସି କାର୍ଯ୍ୟକଳାପ ପାଇଁ ରାଜ୍ୟର ସମସ୍ତ ଡିଏଲ୍‌ଓ ସପକ୍ଷରେ 1.19 କୋଟି ଟଙ୍କା ପ୍ରଦାନ କରିଥିଲା । ଆର୍ଥିକ ବର୍ଷ 2020-21 ରୁ 2021-22 ପର୍ଯ୍ୟନ୍ତ ଏହି ଉଦ୍ଦେଶ୍ୟ ପାଇଁ କୌଣସି ଅର୍ଥ ପ୍ରଦାନ କରାଯାଇ ନଥିଲା । ଅଡିଟ୍ ଦେଖିଲା ଯେ:

- ବିଓସି ଶ୍ରମିକମାନଙ୍କୁ ବୋର୍ଡର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଅବଗତ କରାଇବା, ବୋର୍ଡର ହିତାଧିକାରୀ ଭାବେ ସେମାନଙ୍କ ପଞ୍ଜୀକରଣର ପଦ୍ଧତି, ବୋର୍ଡ ଅଧୀନରେ ଉପଲବ୍ଧ ବିଭିନ୍ନ ସୁବିଧାସୁଯୋଗ ଆଦି ବିଷୟରେ ବୋର୍ଡ ପକ୍ଷରୁ କୌଣସି ବାର୍ଷିକ ଆଇଇସି ଯୋଜନା ପ୍ରସ୍ତୁତ କରାଯାଇ ନଥିଲା ।
- ବୋର୍ଡ ଆଇଇସି କାର୍ଯ୍ୟକଳାପର ଆୟୋଜନ ସମର୍ଥନରେ ଆୟୋଜିତ ଶିବିରଗୁଡ଼ିକ ସଂଖ୍ୟା, ଆୟୋଜିତ ବୈଠକ ସଂଖ୍ୟା, ବୈଠକ ଏବଂ ଶିବିରରେ ଭାଗ ନେଇଥିବା ଶ୍ରମିକଙ୍କ ସଂଖ୍ୟା, କାର୍ଯ୍ୟକ୍ରମର ଫଟୋ ଇତ୍ୟାଦି ରେକର୍ଡ ରଖାଯାଇ ନଥିଲା ।
- ଆଇଇସି କାର୍ଯ୍ୟକଳାପ ଆୟୋଜନ ପାଇଁ ଜିଲ୍ଲା ଅନୁଯାୟୀ ପାଣ୍ଠିର ବିନିଯୋଗ ଅଡିଟ୍ ପାଇଁ ଉପଲବ୍ଧ କରାଯାଇନଥିଲା । ବୋର୍ଡ ନା ଏ ବିଷୟରେ ଜୋର ଦେଇଥିଲେ କି, ଜିଲ୍ଲା ଅଧିକାରୀମାନେ ୟୁସିଏସ୍ ଦାଖଲ କରିବେ ନା ଡିଏଲ୍‌ଓମାନଙ୍କ ଦ୍ୱାରା କରାଯାଇଥିବା ସଚେତନତା ଶିବିରର ତଦାରଖ କରିଥିଲେ ।
- ଚାରିଟି ନମୁନା ଜିଲ୍ଲାରେ 13.16 ଲକ୍ଷ ଟଙ୍କାର ପ୍ରାରମ୍ଭିକ ଜମା ରାଶି ରହିଥିଲା ଏବଂ ସେମାନଙ୍କୁ ଆର୍ଥିକ ବର୍ଷ 2017-18 ରୁ 2019-20 ମଧ୍ୟରେ ଆଇଇସି କାର୍ଯ୍ୟକଳାପ ପରିଚାଳନା ପାଇଁ 23.92 ଲକ୍ଷ ଟଙ୍କା ମିଳିଥିଲା । ଏହି ପ୍ରୟୋଜନ ପାଇଁ ତାଙ୍କ ପାଖରେ ଉପଲବ୍ଧ ମୋଟ 37.09 ଲକ୍ଷ ଟଙ୍କା ମଧ୍ୟରୁ ସେମାନେ 26.58 ଲକ୍ଷ ଟଙ୍କା (72 ପ୍ରତିଶତ) ବିନିଯୋଗ କରିଥିଲେ, ଯାହା **ସାରଣୀ 2.1.13** ରେ ଦର୍ଶାଯାଇଛି । ଯଦିଓ, ଆୟୋଜିତ ଶିବିର ସଂଖ୍ୟକ ଆୟୋଜିତ ବୈଠକ ସଂଖ୍ୟା ଆୟୋଜିତ

[21] 2017-18: 50.42 ଲକ୍ଷ ଟଙ୍କା; 2018-19: 16 ଲକ୍ଷ ଟଙ୍କା; 2019-20: 52.75 ଲକ୍ଷ ଟଙ୍କା

ଶିବିରରେ ଭାଗ ନେଇଥିବା ଶ୍ରମିକ ସଂଖ୍ୟା, କାର୍ଯ୍ୟକ୍ରମର ଫଟୋ ସେମାନଙ୍କ ପାଖରେ ଉପଲବ୍ଧ ନଥିଲା ।

***ସାରଣୀ 2.1.13: ନମୁନା ଜିଲ୍ଲାଗୁଡ଼ିକରେ ଆଇଇସି କାର୍ଯ୍ୟକଳାପ ଅଧୀନରେ ପାଣ୍ଠିର ପ୍ରଦାନ ଓ ବିନିଯୋଗ (ମାର୍ଚ୍ଚ 2022 ସୁଦ୍ଧା)***

**(ଲକ୍ଷ ଟଙ୍କାରେ)**

| ଜିଲ୍ଲା | ମୂଳ ଜମା | ପ୍ରାପ୍ତି | ସମୁଦାୟ ପୁଞ୍ଜି | ବ୍ୟବହୃତ | ବ୍ୟବହୃତ ପ୍ରତିଶତ |
|---|---|---|---|---|---|
| ଗଞ୍ଜାମ | 3.98 | 16.47 | 20.45 | 18.25 | 89 |
| କଟକ | 3.30 | 3.15 | 6.45 | 5.09 | 79 |
| କେଉଁଝର | 1.68 | 1.50 | 3.18 | 2.11 | 66 |
| ଖୋର୍ଦ୍ଧା | 4.20 | 2.80 | 7.00 | 1.13 | 16 |
| ମୋଟ | **13.16** | **23.92** | **37.08** | **26.58** | **72** |

***(ଉତ୍ସ: ବୋର୍ଡ ଏବଂ ନମୁନା ଡିଏଲ୍‌ଓ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା)***

ଏପରି ଡକୁମେଣ୍ଟେସନ୍ ଅଭାବରୁ ଆଇଇସି କାର୍ଯ୍ୟକ୍ରମ ପରିଚାଳନାର ଯଥାର୍ଥତା ଅଡିଟରେ ସୁନିଶ୍ଚିତ ହୋଇପାରି ନାହିଁ । ଏହା ମଧ୍ୟ ସୂଚାଇ ଦେଲା ଯେ କ୍ଷେତ୍ର ସ୍ତରରେ କରାଯାଉଥିବା କାର୍ଯ୍ୟକଳାପର ପ୍ରକୃତି ଓ ପରିସୀମା ସମ୍ପର୍କରେ ବୋର୍ଡ ଅବଗତ ନଥିଲା ।

**ସୁପାରିଶ:**

**7. ବିଭିନ୍ନ ନିୟମାବଳୀ ଅଧିନରେ ବିଓସି ଶ୍ରମିକମାନଙ୍କୁ ସେମାନଙ୍କର ଅଧିକାର ବିଷୟରେ ତଥା ବୋର୍ଡ ଦ୍ୱାରା ସେମାନଙ୍କ ପାଇଁ ଆରମ୍ଭ କରାଯାଇଥିବା କଲ୍ୟାଣକାରୀ ଯୋଜନାଗୁଡିକ ବିଷୟରେ ସୂଚୀତ କରାଇବା ପାଇଁ ବୋର୍ଡ ବାର୍ଷିକ ଆଇଇସି ପ୍ଲାନ୍ ଓ ସଚେତନତା କାର୍ଯ୍ୟକ୍ରମ ପ୍ରସ୍ତୁତ କରିପାରନ୍ତି ।**

### *2.1.9.4 ବୋର୍ଡ ଦ୍ୱାରା ବିଭିନ୍ନ ଯୋଜନାରେ ଅଗ୍ରାହ୍ୟ ବ୍ୟୟବରାଦ*

ବିଓସିଡବ୍ଲୁ (ଆରଇ ଆଣ୍ଡ ସିଏସ୍) ଅଧିନିୟମ ଏବଂ ବିଓସିଡବ୍ଲୁଡବ୍ଲୁସି ଆଇନର କାର୍ଯ୍ୟାନ୍ୱୟନ ସମ୍ପର୍କରେ ଡବ୍ଲୁପିସି ନମ୍ବର 318/2006 ରେ ମାନ୍ୟବର ସୁପ୍ରିମକୋର୍ଟ 21 ଅଗଷ୍ଟ 2015 ଏବଂ 4 ସେପ୍ଟେମ୍ବରରେ 2015 ଓ 19 ମାର୍ଚ୍ଚ ଓ 7 ମଇ 2018 ରାୟ ପ୍ରଦାନ କରିଥିଲେ । କୋର୍ଟ କହିଥିଲେ ଯେ ଭିତ୍ତିଭୂମି ନିର୍ମାଣ ଯେପରିକି ବିଦ୍ୟାଳୟ, ଡାକ୍ତରଖାନା, ପ୍ରଶିକ୍ଷଣ କେନ୍ଦ୍ର, ଶ୍ରମିକ ସେଡ୍ ସହ ରାତ୍ରି ଆଶ୍ରୟସ୍ଥଳ, ପ୍ରତୀକ୍ଷା ଗୃହ, ହଷ୍ଟେଲ ଇତ୍ୟାଦି ରାଜ୍ୟ ସରକାରଙ୍କ ସମ୍ପୃକ୍ତ ବିଭାଗର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅଟେ । ତେଣୁ, ଏଭଳି ଭିତ୍ତିଭୂମି ନିର୍ମାଣ ପାଇଁ ରାଜ୍ୟ ବଜେଟରୁ ଅର୍ଥ ବରାଦ କରାଇବାର ଆବଶ୍ୟକତା ଥିଲା, ଶ୍ରମ ସେସ୍ ସଂଗ୍ରହରୁ ସୃଷ୍ଟି ହୋଇଥିବା ପାଣ୍ଠିରୁ ନୁହେଁ । ଏହି ଉଦ୍ଦେଶ୍ୟରେ ପୂର୍ବରୁ ବିନିଯୋଗ ହୋଇଥିବା ଅର୍ଥକୁ ସେସ୍ ପାଣ୍ଠିକୁ ତୁରନ୍ତ ପ୍ରଦାନ କରି ଏଦିଗରେ ସୁଧାର ମୂଳକ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଶ୍ରମ ଓ ନିଯୋଜନ ମନ୍ତ୍ରାଳୟ, ଜିଓଆଇ, ସୁପ୍ରିମ କୋର୍ଟଙ୍କ ରାୟକୁ ଜଣାଇବା ସହ ସମସ୍ତ ରାଜ୍ୟ ସରକାର ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନ, ସୁପ୍ରିମ କୋର୍ଟଙ୍କ ରାୟକୁ ପାଳନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ (7 ଜୁନ୍ 2016) । ତେବେ ଅଡିଟରେ ସୁପ୍ରିମ କୋର୍ଟଙ୍କ ଉପରୋକ୍ତ ରାୟର ଉଲ୍ଲଙ୍ଘନ ଉଦାହରଣ ଦେଖିବାକୁ ମିଳିଥିଲା, ଯାହା ନିମ୍ନରେ ଉଲ୍ଲେଖ କରାଯାଇଛି:

- ***ସେସ୍ ପାଣ୍ଠିରୁ ରେଣ୍ଟାଲ୍ ହାଉସିଂ କମ୍ପ୍ଲେକ୍ସ (ଆର୍‌ଏଚସିଏସ୍) ନିର୍ମାଣ ଗୃହ ନିର୍ମାଣ ଏବଂ ସହରାଞ୍ଚଳ ବିକାଶ (ଏଚ୍‌ଆଣ୍ଡୟୁଡି):*** ବିଭାଗ ସହିତ ସମନ୍ୱୟ ରକ୍ଷା କରି 20 ଟି ଶିଳ୍ପ ଓ ସହରାଞ୍ଚଳରେ 20 ଟି ଆର୍‌ଏଚ୍‌ସିଏସ୍ ନିର୍ମାଣ କରିବା ଲାଗି ବୋର୍ଡ(ଅକ୍ଟୋବର 2016) ନିଷ୍ପତ୍ତି ନେଇଥିଲେ । ତଦନୁଯାୟୀ ବୋର୍ଡ ଏହି ଆର୍‌ଏଚ୍‌ଏସ୍ ନିର୍ମାଣ ପାଇଁ ଏଚ୍‌ଆଣ୍ଡୟୁଡି ବିଭାଗ ଅଧୀନରେ ଥିବା ଓଡ଼ିଶା ସହରାଞ୍ଚଳ[22] ଗୃହ ନିର୍ମାଣ ମିଶନର ମିଶନ ନିର୍ଦ୍ଦେଶକଙ୍କ ସପକ୍ଷରେ ସେସ୍ରୁ ପାଣ୍ଠିରୁ 40

[22] 50 ଶଯ୍ୟା ବିଶିଷ୍ଟ:10 ଟି ସ୍ଥାନରେ; 100 ଶଯ୍ୟା ବିଶିଷ୍ଟ:10 ଟି ସ୍ଥାନରେ

କୋଟି ଟଙ୍କା ପ୍ରଦାନ କରିଥିଲା (ଡିସେମ୍ବର 2016) । ଅପ୍ରେଲ 2022 ସୁଦ୍ଧା 20 ଆର୍‌ଏଚସିଏସ୍ ମଧ୍ୟରୁ 15 ଟି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ଆରମ୍ଭ କରାଯାଇଥିବା 15 ଟି ଆର୍‌ଏଚ୍‌ସିଟି ପ୍ରକଳ୍ପ ମଧ୍ୟରୁ ଅପ୍ରେଲ 2022 ସୁଦ୍ଧା 34.78 କୋଟି ଟଙ୍କା ବ୍ୟୟରେ 13 ଟି ଆର୍‌ଏଚ୍‌ସି ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା । ତେବେ ଅଡିଟ୍ ଦେଖିଲା ଯେ 200 ଶଯ୍ୟା ବିଶିଷ୍ଟ ଏକ ଆର୍‌ଏଚ୍‌ସି ମଧ୍ୟ ନିର୍ମାଣ ପାଇଁ ଗ୍ରହଣ କରାଯାଇଥିଲା, ଯାହାର ସଂପୃକ୍ତ ରେକର୍ଡ ଅଡିଟ୍ ପାଇଁ ଉପଲବ୍ଧ କରାଯାଇନଥିଲା । ଅଡିଟ୍ ଲକ୍ଷ୍ୟ କଲା ଯେ ଆର୍‌ଏଚ୍‌ସି, ବିଓସି ଶ୍ରମିକଙ୍କ ସମେତ ସମସ୍ତ ବର୍ଗର ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ହୋଇଥିବାରୁ ଏଭଳି କାର୍ଯ୍ୟ ପାଇଁ ଅର୍ଥ ମଞ୍ଜୁରୀ ମାନ୍ୟବର ସୁପ୍ରିମ କୋର୍ଟଙ୍କ ଆଦେଶକୁ ଉଲ୍ଲଙ୍ଘନ କରିଥିଲା ଏବଂ ଏହା ଅନିୟମିତଥିଲା ।

ଏଲ୍‌ଆଣ୍ଡଇଏସ୍‌ଆଇ ବିଭାଗ ବ୍ୟକ୍ତ କଲେ (ଅପ୍ରେଲ 2024) ଯେ, ଆର୍‌ଏଚ୍‌ସି ବିଶେଷ ଭାବରେ ବିଓସି ଶ୍ରମିକମାନଙ୍କ ପାଇଁ ଥିଲେ, ଯାହାର ନିର୍ମାଣ, ଗୃହ ଏବଂ ନଗର ଉନ୍ନୟନ ବିଭାଗ ପରାମର୍ଶରେ କରାଯାଇଥିଲା । ଉତ୍ତର ଯୁକ୍ତିଯୁକ୍ତ ନଥିଲା, ଯେହେତୁ ମାନନୀୟ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟକୁ ନଜରରେ ରଖି ଯେ ଏହି ପ୍ରକାର ଭିତ୍ତିଭୂମି ନିର୍ମାଣରେ ଖର୍ଚ୍ଚ ରାଜ୍ୟର ବଜେଟ ଖର୍ଚ୍ଚରୁ କରାଯିବାର ଥିଲା, ନା କି ସଂଗ୍ରହ ହୋଇଥିବା ଶ୍ରମ ଉପକର ରାଶିରୁ ।

- ***ପ୍ରଚାର ଅଭିଯାନ*** : ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ (ଡିସେମ୍ବର 2018) ଗ୍ରାମାଞ୍ଚଳରେ ଜନସାଧାରଣଙ୍କ ସଚେତନତା ବୃଦ୍ଧି, ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଜନ ସଶକ୍ତିକରଣ-ସକ୍ଷମ ପାରଦର୍ଶିତା ଓ ଉତ୍ତରଦାୟିତ୍ୱ ବୃଦ୍ଧି (ପିଇଇଟିଏଚ୍‌ଏ) ନାମରେ ଏକ ଅଭିଯାନ ଆରମ୍ଭ କରିଥିଲା । ପୀଠା ଯୋଜନାର ଅଂଶ ଭାବରେ ଆଇଇସି କାର୍ଯ୍ୟକଳାପ ଆରମ୍ଭ କରିବା ଲାଗି ବୋର୍ଡ 30 ଟି ଜିଲ୍ଲାର ଡିଏଲ୍‌ଓମାନଙ୍କୁ 4.71 କୋଟି ଟଙ୍କା ପ୍ରଦାନ କରିଥିଲା (ଡିସେମ୍ବର 2018) । ଏହି ରାଶିରେ ଚାରିଟି ନମୁନା ଜିଲ୍ଲାକୁ ମିଳିଥିବା 88.50 ଲକ୍ଷ ଟଙ୍କା ସାମିଲ୍ ଥିଲା । ଡିସେମ୍ବର 2018 ଠାରୁ ପ୍ରତ୍ୟେକ ମାସର 15 ରୁ 20 ତାରିଖ ପର୍ଯ୍ୟନ୍ତ ବ୍ଲକ୍ / ଜିପି ସ୍ତରୀୟ ସଚେତନତା ଶିବିର ଆୟୋଜନ ପାଇଁ ଡିଏଲ୍‌ଓମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା । ଅଡିଟ୍ ଚାରିଟି ନମୁନା ଜିଲ୍ଲାର ରେକର୍ଡରୁ ଲକ୍ଷ୍ୟ କଲା ଯେ, ଜାନୁଆରୀ 2023 ସୁଦ୍ଧା ସେମାନଙ୍କ ଦ୍ୱାରା 19.65 ଲକ୍ଷ ଟଙ୍କା[23] ବିନିଯୋଗ କରାଯାଇଥିଲା । ବିନିଯୋଗ ହୋଇଥିବା ଅର୍ଥ ଏବଂ ଜିଲ୍ଲାଗୁଡ଼ିକ ଦ୍ୱାରା କରାଯାଇଥିବା କାର୍ଯ୍ୟକଳାପ ସମ୍ପର୍କରେ ବୋର୍ଡ ପାଖରେ କୌଣସି ସୂଚନା ନଥିଲା । ତେବେ, ଅଡିଟ୍ ଅନୁଧାନ କଲେ ଯେ, ପିଠା ଭଳି ଯୋଜନା ପାଇଁ ସେସ୍ ପାଣ୍ଠିରୁ ବ୍ୟୟ, ଯାହା ସମସ୍ତ ସରକାରୀ ଯୋଜନା ବିଷୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ ଥିଲା, ମାନ୍ୟବର ସୁପ୍ରିମ୍ କୋର୍ଟଙ୍କ ଆଦେଶ ଓ ଜିଜିଆଇର ନିର୍ଦ୍ଦେଶ ଅନୁସାରେ ଗ୍ରହଣୀୟ ନଥିଲା ।

  ଏଲ୍‌ଆଣ୍ଡଇଏସ୍‌ଆଇ ବିଭାଗ ପ୍ରସ୍ଥାନ ବୈଠକରେ ବ୍ୟକ୍ତ କଲେ (ଅପ୍ରେଲ 2024) ଯେ, ପିଇଇଟିଏଚ୍‌ଏ ଏକ ସାଧାରଣ ମଞ୍ଚ ଥିଲା, ଯେଉଁଠି ଅନ୍ୟ ବିଭାଗ ମାନେ ଯୋଜନାରେ ଯୋଗଦାନ କରିଥିଲେ । ବୋର୍ଡ ନିଜ ଦ୍ୱାରା ପରିଚାଳିତ ଯୋଜନା ବିଷୟରେ କେବଳ ଜାଗରୁକତା ସୃଷ୍ଟି କରିବାରେ ଯୋଗଦାନ କରିଥିଲା । ଉତ୍ତର ଯୁକ୍ତିଯୁକ୍ତ ନଥିଲା, କାରଣ ପିଇଇଟିଏଚ୍‌ଏ ଯୋଜନା ପାଇଁ ଉପକର ରାଶିରୁ ଖର୍ଚ୍ଚ ହୋଇଥିବା ରାଶି ମାନନୀୟ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶର ଉଲ୍ଲଙ୍ଘନ ଥିଲା ।

- **ବିଜ୍ଞାପନ ଖର୍ଚ୍ଚ**: ବୋର୍ଡ ସେସ୍ ପାଣ୍ଠିରୁ ଆର୍ଥିକ ବର୍ଷ 2017-18 ରୁ 2021-22[24] ମଧ୍ୟରେ ବିଜ୍ଞାପନ ବାବଦରେ 86.78 ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲା । ଖର୍ଚ୍ଚର ସମର୍ଥନରେ ବିସ୍ତୃତ ଭାଉଚର ଅଡିଟ୍ ପାଇଁ ଦିଆ ଯାଇ ନଥିଲା । ବୋର୍ଡ ପଞ୍ଜୀକୃତ ବିଓସି ଶ୍ରମିକଙ୍କର ଏକ ଡାଟାବେସ୍ ପ୍ରସ୍ତୁତ କରିବା ଆବଶ୍ୟକ, ଯେଉଁଥିରେ ସେମାନଙ୍କର ସମସ୍ତ ବିବରଣୀ ରହିଥିବ ଏବଂ ସେମାନଙ୍କୁ ସୁବିଧା ସ୍ଥାନାନ୍ତର ପାଇଁ ଡିବିଟି ମୋଡ୍ ଗ୍ରହଣ କରିପାରନ୍ତି । ତେଣୁ ମାନ୍ୟବର ସୁପ୍ରିମକୋର୍ଟଙ୍କ ରାୟ ଅନୁସାରେ ବିଜ୍ଞାପନ ଖର୍ଚ୍ଚ ବିଓସି କର୍ମଚାରୀଙ୍କ ପ୍ରତ୍ୟକ୍ଷ ହିତରେ ଥିଲା ଏବଂ ନିୟମିତ ଥିଲା କି ନାହିଁ ବୋଲି ଅସ୍ପଷ୍ଟ ରହିଲା ।

---

23 କଟକ: 4.87 ଲକ୍ଷ ଟଙ୍କା; ଗଞ୍ଜାମ: 4.12 ଲକ୍ଷ ଟଙ୍କା; କେନ୍ଦୁଝର: 5.07 ଲକ୍ଷ ଟଙ୍କା; ଏବଂ ଖୋର୍ଦ୍ଧା: 5.59 ଲକ୍ଷ ଟଙ୍କା

24 2017-18: 36.64 ଲକ୍ଷ ଟଙ୍କା; 2018-19: 34.03 ଲକ୍ଷ ଟଙ୍କା; 2019-20: 10.90 ଲକ୍ଷ ଟଙ୍କା; 2020-21: 4.18 ଲକ୍ଷ ଟଙ୍କା; 2021-22: 1.03 ଲକ୍ଷ ଟଙ୍କା

ଏଲ୍ଆଣ୍ଡଇଏସ୍ଆଇ ବିଭାଗ ପ୍ରସ୍ଥାନ ବୈଠକରେ ବ୍ୟକ୍ତ କଲେ (ଅପ୍ରେଲ 2024) ଯେ, ବିଜ୍ଞାପନ ବୋର୍ଡ ଦ୍ୱାରା ପରିଚାଳିତ ଯୋଜନାର ବିଷୟରେ ଅବଗତ ସୃଷ୍ଟି କରିବା ଥିଲା, ଏବଂ, ସେଥିପାଇଁ ଏପରି ଖର୍ଚ୍ଚ ବିଓସି ଶ୍ରମିକଙ୍କର କଲ୍ୟାଣ ପାଇଁ ଥିଲା । ମାନନୀୟ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ଦୃଷ୍ଟିରେ ରଖି, ଉତ୍ତର ଯୁକ୍ତିଯୁକ୍ତ ନଥିଲା, କାରଣ ଏକତ୍ରିତ ଉପକର ରାଶିରୁ ବିଜ୍ଞାପନ ଖର୍ଚ୍ଚ ଉଚିତ୍ ନଥିଲା ଏବଂ ଏହା ନିର୍ମାଣ ଶ୍ରମିକଙ୍କ ଆକାଉଣ୍ଟକୁ ଫେରସ୍ତ କରାଯିବା ଉଚିତ୍ ।

**ସୁପାରିଶ:**

**8. ବୋର୍ଡ ସେସ୍ ପାଣ୍ଠିରୁ ଖର୍ଚ୍ଚ କରିବା ସମୟରେ ବିଜ୍ଞତାର ସହ କରିବା ଆବଶ୍ୟକ ଏବଂ ଏହା ସୁନିଶ୍ଚିତ କରିପାରନ୍ତି କି ସେସ୍ ପାଣ୍ଠିର ଖର୍ଚ୍ଚ ହୋଇଥିବା ରାଶି ପଞ୍ଜୀକୃତ ହିତାଧୀକାରିଙ୍କ ପ୍ରତ୍ୟକ୍ଷ କଲ୍ୟାଣରେ ଯୋଗଦାନ କରିଛି ।**

**9. ବୋର୍ଡ଼ ସେସ୍ ପାଣ୍ଠିରୁ ବ୍ୟୟବରାଦ କରିବାରେ ବିଚକ୍ଷଣତା ଅବଲମ୍ବନ କରିପାରନ୍ତି ଏବଂ ସେସ୍ ପାଣ୍ଠିରୁ ଖର୍ଚ୍ଚ ହୋଇଥିବା ଅର୍ଥ ପଞ୍ଜୀକୃତ ହିତାଧିକାରୀଙ୍କ ପ୍ରତ୍ୟକ୍ଷ କଲ୍ୟାଣରେ ଯୋଗଦାନ ହେବା ସୁନିଶ୍ଚିତ କରିପାରନ୍ତି । ସେସ୍ ପାଣ୍ଠିରୁ ବ୍ୟୟ କରିବାରେ ସର୍ବୋଚ୍ଚ ନ୍ୟାୟାଳୟଙ୍କର ରାୟର ଅବମାନନା ପାଇଁ ଦାୟୀ ରହିଥିବା କର୍ମକର୍ତ୍ତାମାନେ ଉତ୍ତରଦାୟୀ ରହିବା ଉଚିତ୍ ।**

### *2.1.9.5 ସେସ୍ ପାଣ୍ଠିରୁ ଅନୁପଯୁକ୍ତ/ ଅତିରିକ୍ତ ପ୍ରଶାସନିକ ଖର୍ଚ୍ଚ*

ବିଓସିଡବ୍ଲୁ (ଆରଇ ଆଣ୍ଡ ସିଏସ୍) ଅଧିନିୟମର ଧାରା 22 ରେ ସେସ୍ ପାଣ୍ଠିରୁ କେତେ ଖର୍ଚ୍ଚର ପ୍ରକାର/ପ୍ରକୃତି ଉଲ୍ଲେଖ କରାଯାଇଛି । ଏଥିରେ ଆର୍ଥିକ ସହାୟତା ସାମିଲ୍ ଅଛି, ଯେଉଁମାନେ 18 ବର୍ଷ ପୂରଣ କରିସାରିଥିବେ କିନ୍ତୁ 60 ବର୍ଷ ପୂରଣ କରିନଥିବେ: (i) ଗୃହ ନିର୍ମାଣ (ii) ଗୋଷ୍ଠୀ ବୀମା ଯୋଜନାରେ ଯୋଗଦାନ (iii) ଶିଶୁଙ୍କ ଶିକ୍ଷା (iv) ଚିକିତ୍ସା ଖର୍ଚ୍ଚ ଇତ୍ୟାଦି । ଧାରା 24(3) ସେସ୍ ପାଣ୍ଠିରୁ ପ୍ରଶାସନିକ ଖର୍ଚ୍ଚ ଉପରେ ଏକ ସୀମା ଧାର୍ଯ୍ୟ କରିଥିଲା, ଯାହା ସେହି ବର୍ଷ ମୋଟ ଖର୍ଚ୍ଚର ପାଞ୍ଚ ପ୍ରତିଶତ ହୋଇଥିବ । 2017-18 ଆର୍ଥିକ ବର୍ଷରୁ 2021-22 ଆର୍ଥିକ ବର୍ଷ ପର୍ଯ୍ୟନ୍ତ ପ୍ରତ୍ୟେକ ବର୍ଷରେ ବୋର୍ଡ ଦ୍ୱାରା ପ୍ରଶାସନିକ ଖର୍ଚ୍ଚ ତୁଳନାରେ ସମୁଦାୟ ଖର୍ଚ୍ଚ **ସାରଣୀ 2.1.14** ରେ ଦର୍ଶାଯାଇଛି ।

***ସାରଣୀ 2.1.14: ପ୍ରଶାସନିକ ଖର୍ଚ୍ଚ ତୁଳନାରେ ସେସ୍ ପାଣ୍ଠିରୁ ମୋଟ ଖର୍ଚ୍ଚର ବର୍ଷ ଅନୁଯାୟୀ ବିବରଣୀ***

**(ଟଙ୍କା କୋଟିରେ)**

| ଆର୍ଥିକ ବର୍ଷ | ସମୁଦାୟ ଖର୍ଚ୍ଚ | ଯୋଜନା ଖର୍ଚ୍ଚ | | ପ୍ରଶାସନିକ ଖର୍ଚ୍ଚ | |
|---|---|---|---|---|---|
| | | ପରିମାଣ | ପ୍ରତିଶତ | ପରିମାଣ | ପ୍ରତିଶତ |
| 2017-18 | 418.81 | 415.16 | 99 | 3.65 | 1 |
| 2018-19 | 595.41 | 585.85 | 98 | 9.56 | 2 |
| 2019-20 | 212.52 | 209.72 | 99 | 2.80 | 1 |
| 2020-21 | 521.74 | 518.47 | 99 | 3.27 | 1 |
| 2021-22 | 552.82 | 544.00 | 98 | 8.81 | 2 |
| ମୋଟ | **2,301.30** | **2,273.20** | **99** | **28.09** | **1** |

*(ଉତ୍ସ: ବୋର୍ଡ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା)*

ଅଡିଟ୍ ଦର୍ଶାଇଲା, ଯଦିଓ ପ୍ରଶାସନିକ ଖର୍ଚ୍ଚ, ପ୍ରତ୍ୟେକ ଆର୍ଥିକ ବର୍ଷରେ ଏହା ମୋଟ ଖର୍ଚ୍ଚର 1 ରୁ 2 ପ୍ରତିଶତ ରହିଥିଲା, ଅର୍ଥାତ୍ ନିର୍ଦ୍ଧାରିତ ସୀମା ମଧ୍ୟରେ ଥିଲା, ଅଗ୍ରହଣୀୟ ପ୍ରଶାସନିକ ଖର୍ଚ୍ଚର କେତେକ ଆଇଟମ୍ ମଧ୍ୟ ଖର୍ଚ୍ଚ ହୋଇଥିଲା ଯେମିତିକି ନିମ୍ନରେ ଉଲ୍ଲେଖ କରାଯାଇଛି:

- ***ଏଲ୍ ଆଣ୍ଡ ଇଏସଆଇ ବିଭାଗର କର୍ମଚାରୀଙ୍କ ଦରମା ପ୍ରଦାନ:*** ଏଲ୍ ଆଣ୍ଡ ଇଏସ୍ଆଇ ବିଭାଗ ଆର୍ଥିକ ବର୍ଷ 2017-18 ରୁ 2021-22 ମଧ୍ୟରେ ବୋର୍ଡରେ ନିଜର 9 ରୁ 10 ଜଣ କର୍ମଚାରୀଙ୍କୁ

ନିୟୋଜିତ କରିଥିଲା । ଏଥିପାଇଁ ନିୟୋଜିତ କର୍ମଚାରୀଙ୍କୁ ପୂର୍ବରୁ ବିଭାଗ ପାଇଁ ରାଜ୍ୟ ବଜେଟରେ କରାଯାଇଥିବା ବ୍ୟବସ୍ଥାରୁ ଅର୍ଥ ପ୍ରଦାନ କରାଯାଉଥିଲା । ତେବେ ବୋର୍ଡରେ ନିୟୋଜିତ କର୍ମଚାରୀଙ୍କ ଦରମା ବାବଦରେ ସରକାର 2017-18 ଆର୍ଥିକ ବର୍ଷର ବଜେଟରେ ମାତ୍ର 1 ହଜାର ଟଙ୍କାର ଟୋକନ୍ ବ୍ୟବସ୍ଥା କରିଥିଲେ । ବିଭାଗ ପକ୍ଷରୁ ବୋର୍ଡକୁ ସ୍ପଷ୍ଟ କରାଯାଇଥିଲା (ଜୁନ୍ 2017) ଯେ, ନିୟୋଜିତ କର୍ମଚାରୀଙ୍କ ଦରମା ସେସ୍ ପାଣ୍ଠିରୁ ଦିଆଯିବାର ଥିଲା । ସେହି ଅନୁଯାୟୀ ସେମାନଙ୍କୁ ମାର୍ଚ୍ଚ 2017 ରୁ ସେପ୍ଟେମ୍ବର 2018 ପର୍ଯ୍ୟନ୍ତ 84. 63 ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ପରବର୍ତ୍ତୀ ସମୟ ପାଇଁ ସେମାନଙ୍କର ଦରମା ପୁନର୍ବାର ବିଭାଗର ବଜେଟ୍ ପ୍ରାବଧାନରୁ ପ୍ରଦାନ କରାଯାଇଥିଲା । ଯଦିଓ ଶ୍ରମ କମିଶନର-ତଥା-ବୋର୍ଡର ସଚିବ ବିଭାଗକୁ 84.63 ଲକ୍ଷ ଟଙ୍କା ପ୍ରତିପୂରଣ ଅନୁରୋଧ କରିଥିଲେ (ଫେବୃଆରୀ 2021), 2023 ଅପ୍ରେଲ ସୁଦ୍ଧା ତାହା ଫେରସ୍ତ କରାଯାଇ ନଥିଲା ।

ଏଲ୍ଆଣ୍ଡଇଏସ୍ଆଇ ବିଭାଗ ବ୍ୟକ୍ତ କଲେ (ଅପ୍ରେଲ 2024) ଯେ, ଏହି ରାଶି ବୋର୍ଡର ଆକାଉଣ୍ଟରେ ଜମା କରାଯିବ ।

- ***ତାଲିମ ପ୍ରଦାନକାରୀଙ୍କୁ ସେବା ଶୁଳ୍କ ପ୍ରଦାନ:*** ବିଓସି ଶ୍ରମିକମାନଙ୍କୁ କୋଠା ନିର୍ମାଣ ଏବଂ ଅନ୍ୟାନ୍ୟ ନିର୍ମାଣ ସମ୍ବନ୍ଧୀୟ କାର୍ଯ୍ୟ ଉପରେ ପ୍ରଶିକ୍ଷଣ ପ୍ରଦାନ କରିବା ପାଇଁ ବୋର୍ଡ ଭାରତ ସରକାର ଯୋଜନା (ନଭେମ୍ବର 2014) କାର୍ଯ୍ୟକାରୀ କରିଥିଲା, ଯାହାର ନାମ ଥିଲା ପୂର୍ବ ଶିକ୍ଷା ପାଇଁ ସ୍ୱୀକୃତି (ଆରପିଏଲ୍) । ଯୋଜନାର ମାର୍ଗଦର୍ଶିକା ଅନୁଯାୟୀ ଜଣେ ଶ୍ରମିକଙ୍କୁ ଟୁଲ୍ କିଟ୍ ( 4 ହଜାର ଟଙ୍କା) ଓ ସୁରକ୍ଷା ଉପକରଣ (1 ହଜାର ଟଙ୍କା) କିଣିବା ପାଇଁ 5,000 ଟଙ୍କା ଦିଆଯିବାକୁ ଥିଲା । ଏହି ପ୍ରଶିକ୍ଷଣ ପ୍ରଦାନ କରିବା ପାଇଁ (ଆର୍ଥିକ ବର୍ଷ 2014-15) ବୋର୍ଡ ଛଅ ପ୍ରଶିକ୍ଷଣ ପ୍ରଦାନକାରୀଙ୍କୁ[25] ନିୟୋଜିତ କରିଥିଲା । ଦୁଇଟି ତାଲିମ ପ୍ରଦାନକାରୀ ସଂସ୍ଥା ଯଥା ମେସର୍ସ ଲେବର ନେଟ୍ ସର୍ଭିସେସ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଏବଂ ମେସର୍ସ ଜିଆଣ୍ଡଜି ସ୍କିଲ୍ସ ଡେଭଲପର୍ସ ପ୍ରାଇଭେଟ୍ ଲିମିଟେଡ୍ ଏହି ଶ୍ରମିକମାନଙ୍କୁ ତାଲିମ ପ୍ରଦାନ ସହିତ ଟୁଲ୍ କୀଟ ଏବଂ ସୁରକ୍ଷା ଉପକରଣ ବଣ୍ଟନ ପାଇଁ ପ୍ରସ୍ତାବ ଦେଇଥିଲେ । ମେସର୍ସ ଲେବର ନେଟ୍ ସର୍ଭିସେସ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ସହିତ ଏମ୍ଓୟୁ ସ୍ୱାକ୍ଷର (ଜାନୁଆରୀ 2015) ରେ ଟୁଲ୍ କିଟ୍ ଓ ସୁରକ୍ଷା ଉପକରଣ ଯାହାକୁ ପ୍ରଶିକ୍ଷଣାର୍ଥୀଙ୍କ ମଧ୍ୟରେ ବଣ୍ଟନ କରିବାର ଥିଲା ତା ବାବଦରେ ପ୍ରଶିକ୍ଷଣ ପ୍ରଦାନକାରୀ ସଂସ୍ଥାକୁ 12.5 ପ୍ରତିଶତ ସର୍ଭିସ୍ ଚାର୍ଜ ପ୍ରଦାନ କରାଯିବ ବୋଲି ବ୍ୟବସ୍ଥା କରାଯାଇଥିଲା । ତେବେ ମେସର୍ସ ଜିଆଣ୍ଡ ଜି ସ୍କିଲ୍ସ ଡେଭଲପର୍ସ ପ୍ରାଇଭେଟ୍ ଲିମିଟେଡ୍ ସହିତ ସ୍ୱାକ୍ଷରିତ ଏମ୍ଓୟୁ (ମାର୍ଚ୍ଚ 2015) ରେ ଏଭଳି କୌଣସି ଧାରାକୁ ସାମିଲ କରାଯାଇ ନ ଥିଲା । ଏମ୍ଓୟୁ ସର୍ତ୍ତାବଳୀ ଅନୁଯାୟୀ ମେସର୍ସ ଲେବର ନେଟ୍ ସର୍ଭିସେସ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡକୁ 2018-19 ଆର୍ଥିକ ବର୍ଷରେ 136.15 ଲକ୍ଷ ଟଙ୍କାର ଟୁଲ କୀଟ ଏବଂ ସୁରକ୍ଷା ଉପକରଣ ବଣ୍ଟନ ପାଇଁ ସେବା ଶୁଳ୍କ ବାବଦରେ 17.02 ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ଯେହେତୁ ଶ୍ରମିକମାନଙ୍କୁ ଟୁଲ୍ କୀଟ ଏବଂ ସୁରକ୍ଷା ଉପକରଣ ଯୋଗାଇ ଦେବାକୁ ଥିଲା, ତେଣୁ ଉପକରଣର ମୂଲ୍ୟ କୌଣସି ଖର୍ଚ୍ଚ ନ କରି, ନିର୍ଦ୍ଦେଶାବଳୀ ଅନୁଯାୟୀ, ସେବା ଶୁଳ୍କ ପ୍ରଦାନରେ ଅଗ୍ରହଣୀୟ ଖର୍ଚ୍ଚ ଥିଲା । ଏହିପରି, ଯେଉଁ ଦୁଇଟି ସଂସ୍ଥା ଏହାକୁ ବଣ୍ଟନ କରିବାକୁ ରାଜି ହୋଇଥିଲେ, ସେବା ଶୁଳ୍କ ପ୍ରଦାନ ପାଇ ଏକ ଧାରାକୁ ଏମ୍ଓୟୁରେ କେବଳ ଗୋଟିଏ ସହିତ ଅନ୍ତର୍ଭୁକ୍ତ କରାଯାଇଥିଲା, ଯେଉଁଥିରେ ଯଥାର୍ଥତାର ଅଭାବ ଥିଲା । ତେଣୁ, ଏଭଳି ଏକ ଧାରାକୁ ସାମିଲ୍ କରିବା, ଅଯଥା ଅନୁକମ୍ପାର ସମ୍ପ୍ରସାରଣ ସଦୃଶ ଥିଲା ।

  ଏଲ୍ଆଣ୍ଡଇଏସ୍ଆଇ ବିଭାଗ ବ୍ୟକ୍ତ କଲେ (ଅପ୍ରେଲ 2024) ଯେ, ମେସର୍ସ ଲେବରନେଟ୍ ସର୍ଭିସେସ୍ ଇଣ୍ଡିଆ ଲିମିଟେଡରୁ ଅଡିଟ୍ ପର୍ଯ୍ୟବେକ୍ଷଣ (ଫେବୃଆରୀ 2019) ଅନୁସାରେ ସେବା ଶୁଳ୍କଠାରୁ ଅଧିକ ଦେୟ ପାଇଁ 2.21 କୋଟି ଟଙ୍କା ପୁନରୁଦ୍ଧାର କରାଯାଇଥିଲା । ଏହି ତଥ୍ୟକୁ ଧ୍ୟାନରେ ରଖି ଉତ୍ତର

[25] ଲେବର ନେଟ୍ ସର୍ଭିସେସ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍; ଆଇଏଲ୍ଆଣ୍ଡଏଫ୍ଏସ୍ ସ୍କିଲ୍ ଡେଭେଲପ୍‌ମେଣ୍ଟ କର୍ପୋରେସନ୍ ଲିମିଟେଡ୍; ଜିଆଣ୍ଡଜି ସ୍କିଲ୍ ଡେଭଲପର୍ସ ଲିମିଟେଡ୍; ଭାସ୍କର ଫାଉଣ୍ଡେସନ୍; ସୁଶୀଲ୍ ବହୁଦେଶୀୟ ଶିକ୍ଷଣ ସଂସ୍ଥା; ଏବଂ ଓପି ଜିନ୍ଦଲ କମ୍ୟୁନିଟି କଲେଜ

ଯୁକ୍ତିଯୁକ୍ତ ନଥିଲା ଯେ ଅଡିଟ୍ ପର୍ଯ୍ୟବେକ୍ଷଣ ପରେ ସେହି ପ୍ରଶିକ୍ଷଣଦାତାଙ୍କୁ 17.02 ଲକ୍ଷ ଟଙ୍କା ଅତିରିକ୍ତ ଦେୟ କରାଯାଇଥିଲା, ଯାହା ଆଦାୟ କରାଯାଇନଥିଲା ।

### *2.1.9.6 ତାଲିମ ପ୍ରଦାନକାରୀଙ୍କୁ ଅଧିକ ଦେୟ*

ଶ୍ରମ ଏବଂ ରୋଜଗାର ମନ୍ତ୍ରଣାଳୟ (7 ଅକ୍ଟୋବର 2014) ସମସ୍ତ ରାଜ୍ୟକୁ ଜଣାଇଲେ ଯେ, ସେମାନଙ୍କର ଦକ୍ଷତା ଏବଂ ଉତ୍ପାଦକତାରେ ଉନ୍ନତି ଆଣିବା ପାଇଁ 'ନିର୍ମାଣ ଶ୍ରମିକମାନଙ୍କ ପାଇଁ ପ୍ରାଥମିକ ଶକ୍ଷକ୍ଷତାର ସ୍ୱୀକୃତି (ଆରପିଏଲ୍)' ନାମକ ଏକ ଯୋଜନା ପ୍ରସ୍ତୁତ କରାଯାଇଥିଲା । ଭାରତ ସରକାରଙ୍କ (ଜିଓଆଇ) ଦ୍ୱାରା ପ୍ରଦାନ କରାଯାଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ ତାଲିମ ମୂଲ୍ୟ, ପୂର୍ବ ଆର୍ଥିକ ବର୍ଷର ତାଲିମ ମୂଲ୍ୟରେ 10 ପ୍ରତିଶତ ବୃଦ୍ଧି ବ୍ୟବସ୍ଥା ସହିତ ପ୍ରତ୍ୟେକ ଶ୍ରମିକଙ୍କ ପାଇଁ ଘଣ୍ଟା ପ୍ରତି 27.50 ଟଙ୍କା ଥିଲା । ପରେ, ଜିଓଆଇ ସ୍ପଷ୍ଟ କରିଥିଲା (28 ନଭେମ୍ବର 2014) ଯେ ପ୍ରଶିକ୍ଷଣ ମୂଲ୍ୟ ପ୍ରତି ଶ୍ରମିକ ପ୍ରତି ଘଣ୍ଟା 27.50 ଟଙ୍କା ହାରରେ ହେବ ଏବଂ ପ୍ରତ୍ୟେକ ଆର୍ଥିକ ବର୍ଷ[26] ଆରମ୍ଭରେ 2.50 ଟଙ୍କା ବୃଦ୍ଧି କରାଯିବ । ତଥାପି, ବୋର୍ଡ ତାଲିମ ପ୍ରଦାନକାରୀଙ୍କ ସହ ସ୍ୱାକ୍ଷରିତ ହେବାକୁ ଥିବା ଏକ ଡ୍ରାଫ୍ଟ ଏମଓୟୁ ଏଲ ଆଣ୍ଡ ଇଏସଆଇ ବିଭାଗକୁ ପ୍ରତି ଶ୍ରମିକଙ୍କୁ ପ୍ରତି ଘଣ୍ଟା ତାଲିମ ମୂଲ୍ୟ 27.50 ଟଙ୍କା ପ୍ରଦାନ ମଞ୍ଜୁରୀ ପାଇଁ ପ୍ରସ୍ତୁତ କରିଥିଲା (ଡିସେମ୍ବର 2014), ଯାହା ପ୍ରତ୍ୟେକ ଆର୍ଥିକ ବର୍ଷର ଆରମ୍ଭରେ 2.50 ଟଙ୍କା ପରିବର୍ତ୍ତେ 10 ପ୍ରତିଶତ ବଢାଇବାର ଥିଲା । ତ୍ରୁଟିପୂର୍ଣ୍ଣ ଡ୍ରାପ୍ଟ ଏମଓୟୁକୁ ମଧ୍ୟ ବିଭାଗ ଅନୁମୋଦନ କରିଥିଲା । ଅକ୍ଟୋବର 2018 ରୁ ଆରପିଏଲ୍ ତାଲିମ ବନ୍ଦ ହୋଇଯାଇଥିଲା ।

ସମାପ୍ତ ବର୍ଷ ପାଇଁ ମାର୍ଚ୍ଚ 2019 ରେ ଶେଷ ହୋଇଥିବା କଣ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ ଅଫ୍ ଇଣ୍ଡିଆ (ସାମାନ୍ୟ ଏବଂ ସାମାଜିକ କ୍ଷେତ୍ର) ର ରିପୋର୍ଟର ପାରାଗ୍ରଫ୍ 2,9 ରେ ଓଡିଶା ସରକାର (ରିପୋର୍ଟ ନମ୍ବର 5 ର 2020) ଏକ ଉଲ୍ଲେଖ କରାଯାଇଛି ଯେ, ଯାହା ଗ୍ରହଣ କରିବା ଦ୍ୱାରା ତାଲିମ ମୂଲ୍ୟର ବାର୍ଷିକ ବୃଦ୍ଧି ପାଇଁ ପୂର୍ବ ସଂଶୋଧିତ ହାର ଛଅଟି ତାଲିମ ପ୍ରଦାନକାରୀଙ୍କୁ 417.41 କୋଟି ଟଙ୍କା ଅଧିକ ଦେୟ ପ୍ରଦାନ କରାଯାଇଥିଲା । ଅଡିଟରେ ଏହା ସୂଚିତ କରାଯିବା ପରେ ବିଭାଗ 5ଟି ତାଲିମ ପ୍ରଦାନକାରୀଙ୍କ ଠାରୁ 5.94 କୋଟି ଟଙ୍କା ଆଦାୟ କରିଥିଲା । ତଥାପି ମାର୍ଚ୍ଚ 2023 ସୁଦ୍ଧା ଗୋଟିଏ ପ୍ରଶିକ୍ଷଣ ପ୍ରଦାନକାରୀଙ୍କ ଠାରୁ 1.47 କୋଟି ଟଙ୍କା ଆଦାୟ କରାଯାଇ ପାରି ନ ଥିଲା । ଏହି ଟ୍ରେନିଂ ପ୍ରଦାନକାରୀଙ୍କ ମଧ୍ୟରେ ଦୁଇଟି ତାଲିମ ପ୍ରଦାନକାରୀ, ଯଥା ଓପି ଜିନ୍ଦଲ କମ୍ୟୁନିଟି କଲେଜ ଏବଂ ଜିଆଣ୍ଡଜି ସ୍କିଲ ଡେଭଲପର୍ସ (ପି) ଲିମିଟେଡ ଅନ୍ତର୍ଭୁକ୍ତ, ଯେଉଁମାନଙ୍କ ଠାରୁ ଯଥାକ୍ରମେ 7.37 ଲକ୍ଷ ଟଙ୍କା ଏବଂ 1.99 କୋଟି ଟଙ୍କା ଆଦାୟ କରାଯାଇଥିଲା । ତଥାପି ଏହି ଦୁଇଟି ତାଲିମ ପ୍ରଦାନକାରୀ ସହ ଅନ୍ୟ ଏକ ତାଲିମ ପ୍ରଦାନକାରୀଙ୍କୁ, ପୂର୍ବ ସଂଶୋଧିତ ହାରରେ ପୁନର୍ବାର ଦେୟ ପ୍ରଦାନ କରାଯାଇଥିଲା, ଫଳସ୍ୱରୂପ 1.80 କୋଟି ଟଙ୍କାର ଅଧିକ ଦେୟ ପ୍ରଦାନ କରାଯାଇଥିଲା, ଯାହାକି **ସାରଣୀ 2.1.15** ରେ ଦେଖାଯାଇଅଛି ।

***ସାରଣୀ 2.1.15: ତିନିଟି ତାଲିମ ପ୍ରଦାନକାରୀଙ୍କୁ ଅଧିକ ଦେୟ ପ୍ରଦାନ କରାଯାଇଛି***

| ତାଲିମ ପ୍ରଦାନକାରୀ | ତାଲିମ ବର୍ଷ | ପ୍ରଶିକ୍ଷାର୍ଥୀଙ୍କ ସଂଖ୍ୟା | ତାଲିମ ଘଣ୍ଟା | ଦେୟ ରାଶି | ଦେୟ ତାରିଖ | ନିର୍ଦ୍ଦେଶାବଳୀ ଅନୁଯାୟୀ ଘଣ୍ଟା ପ୍ରତି ପ୍ରଶିକ୍ଷଣ ମୂଲ୍ୟ | ଦେୟ ପରିମାଣ | ଅଧିକ ପରିମାଣ ପ୍ରଦାନ କରାଯାଇଛି |
|---|---|---|---|---|---|---|---|---|
| ଓପି ଜିନ୍ଦଲ କମ୍ୟୁନିଟି କଲେଜ | 2017-18 | 2,882 | 3,41,840 | 126,37,751 | 21.02.2019 | 35.00 | 119,64,400 | 6,73,351 |
| | 2018-19 | 2,054 | 2,46,480 | 99,08,983 | 21.02.2019 | 37.50 | 92,43,000 | 6,65,983 |
| ଜିଆଣ୍ଡଜି ସ୍କିଲ ଡେଭ୍ଲପର୍ସ (ପ୍ରା) ଲିଃ | 2018-19 | 3,666 | 4,39,120 | 176,78,232 | 08.02.2019 | 37.50 | 164,67,000 | 12,11,232 |
| ଭାସ୍କର ଫାଉଣ୍ଡେସନ | 2018-19 | 7,294 | 8,42,392 | 470,36,814 | 08.02.2019 | 37.50 | 315,89,700 | 154,47,114 |
| **ମୋଟ** | | **15,896** | **18,69,832** | **872,61,780** | - | -- | **692,64,100** | **179,97,680** |

***(ଉତ୍ସ: ବୋର୍ଡର ରେକର୍ଡଗୁଡ଼ିକ)***

---

[26] 2014-15: 27.50 ଟଙ୍କା; 2015-16: 30.00 ଟଙ୍କା; 2016-17: 32.50 ଟଙ୍କା; 2017-18: 35.00 ଟଙ୍କା; 2018-19: 37.50 ଟଙ୍କା

ଅଡିଟ୍ ଲକ୍ଷ୍ୟ କଲା ଯେ, ପୂର୍ବରୁ ପ୍ରଦାନ କରାଯାଇଥିବା ଅତିରିକ୍ତ ରାଶି ଆଦାୟ କରିବା ପରେ ମଧ୍ୟ ତାଲିମ ପ୍ରଦାନକାରୀଙ୍କୁ ଅଧିକ ଦେୟ ପ୍ରଦାନ କରିବା, ବୋର୍ଡର ଆର୍ଥିକ ସ୍ୱାର୍ଥ ପ୍ରତି କମ୍ ସମ୍ମାନର ସୂଚକ ଥିଲା ଏବଂ ଏହି ତାଲିମ ପ୍ରଦାନକାରୀ ଏବଂ ବୋର୍ଡର ପରିଚାଳନାକାରୀଙ୍କ ମଧ୍ୟରେ ଏକ ସମ୍ଭାବ୍ୟ ନେକ୍ସସ୍ ସୂଚାଇଥାଏ, ଯାହା କି ଅନୁସନ୍ଧାନ ଯୋଗ୍ୟ ।

ଏଲ୍ଆଣ୍ଡଇଏସ୍ଆଇ ବିଭାଗ ବ୍ୟକ୍ତ କଲେ (ଅପ୍ରେଲ 2024) ଯେ, ପାଞ୍ଚ ଜଣ ପ୍ରଶିକ୍ଷଣଦାତାଙ୍କ ଠାରୁ 6.03 କୋଟି ଟଙ୍କା ପୂର୍ବରୁ ଆଦାୟ କରାଯାଇଥିଲା । ଉତ୍ତର ଏହି ତଥ୍ୟକୁ ଦୃଷ୍ଟିରେ ରଖି ଯୁକ୍ତିଯୁକ୍ତ ନଥିଲା ଯେ, ଆଦାୟ କରାଯାଇଥିବା ରାଶି କେବଳ ପୂର୍ବ ଅଡିଟ୍ ରିପୋର୍ଟରେ ଦର୍ଶାଯାଇଥିଲା ।

### 2.1.10 ବୋର୍ଡର ସେସ ପାଣ୍ଠିର ପ୍ରଶାସନ

ବୋର୍ଡର ଆୟର ମୁଖ୍ୟ ଉତ୍ସ ହେଉଛି ଅନୁଯାୟୀ ଆଦାୟ ଏବଂ ସଂଗ୍ରହ ହୋଇଥିବା ସେସ୍ ଏବଂ ପଞ୍ଜୀକୃତ ନିର୍ମାଣ ଶ୍ରମିକ ତଥା ପ୍ରତିଷ୍ଠାନ ଏବଂ କଣ୍ଟ୍ରାକ୍ଟରଙ୍କ ଠାରୁ ପ୍ରାପ୍ତ ପଞ୍ଜୀକରଣ ଶୁଳ୍କ ଏବଂ ଅବଦାନ ଦେୟ । ବୋର୍ଡ ଦ୍ୱାରା ସେସ୍ ପାଣ୍ଠିର ପରିଚାଳନାରେ ଦକ୍ଷତା ଅଡିଟ୍ ପରୀକ୍ଷା କରିଥିଲା । ଏହି ପରିପ୍ରେକ୍ଷୀରେ ଅଡିଟ୍ ର ପର୍ଯ୍ୟବେକ୍ଷଣ ଗୁଡିକ ନିମ୍ନରେ ଉଲ୍ଲେଖ କରାଯାଇଛି ।

#### *2.1.10.1 ଆର୍ଥିକ ବର୍ଷ 2014-15 ଠାରୁ ବୋର୍ଡର ବାର୍ଷିକ ଖାତାଗୁଡ଼ିକ ପ୍ରସ୍ତୁତ ନହେବା*

ବିଓସିଡବ୍ଲୁ (ଆର ଇ ଆଣ୍ଡ ସିଏସ୍) ଅଧିନିୟମର ଧାରା 27(i) ରେ ଧାର୍ଯ୍ୟ କରାଯାଇଛି ଯେ, ବୋର୍ଡ ବାର୍ଷିକ ଆର୍ଥିକ ବିବରଣୀ ଏଭଳି ପ୍ରସ୍ତୁତ କରିବ, ଯାହା ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷକ ପରାମର୍ଶରେ ନିର୍ଦ୍ଧାରିତ କରାଯିବ । ବିଓସିଡବ୍ଲ୍ୟୁ (ଆରଇ ଆଣ୍ଡ ସିଏସ୍) ଅଧିନିୟମର ଧାରା 27 (3) ଅନୁସାରେ ସିଏଜି ର (ଡିପିସି) ଅଧିନିୟମ 1971 ର ଧାରା 19 (2) ପଠିତ ଅନୁଯାୟୀ ବୋର୍ଡର ଆକାଉଣ୍ଟଗୁଡିକ ଭାରତର ନିୟନ୍ତ୍ରକ ଏବଂ ମହାଲେଖାପରୀକ୍ଷକଙ୍କ ଦ୍ୱାରା ବାର୍ଷିକ ଅଡିଟ୍ ହେବ ।

ଆର୍ଥିକ ବର୍ଷ 2014-15 ଠାରୁ ବୋର୍ଡର ବାର୍ଷିକ ଆକାଉଣ୍ଟ ପ୍ରସ୍ତୁତି ବକେୟା ଥିଲା, ଆର୍ଥିକ ବର୍ଷ 2013-14 ପାଇଁ ବୋର୍ଡର ବାର୍ଷିକ ଆକାଉଣ୍ଟ, 2017-18 ଆର୍ଥିକ ବର୍ଷ ସମୟରେ ଭାରତର ସିଆଣ୍ଡଏଜି ଦ୍ୱାରା ଅଡିଟ୍ କରାଯାଇଥିଲା, ଏହା ପରେ ବୋର୍ଡ ବାର୍ଷିକ ଆକାଉଣ୍ଟ ପ୍ରସ୍ତୁତ କରିନଥିଲା । ବାର୍ଷିକ ଆକାଉଣ୍ଟଗୁଡିକର ଚୂଡାନ୍ତକରଣରେ ବକେୟା ହେତୁ ଆରମ୍ଭ ଏବଂ ଶେଷ ବାଲାନ୍ସ ମଧ୍ୟରେ ଅସଙ୍ଗତି ଦେଖାଯିବା ସହିତ କ୍ୟାସ୍ ବୁକ୍ ଅନୁଯାୟୀ ବ୍ୟାଙ୍କ ବାଲାନ୍ସ ଏବଂ ବ୍ୟାଙ୍କ ପାସ୍ ବୁକ୍ ଅନୁଯାୟୀ ବାଲାନ୍ସ ମଧରେ ସହମତିକରଣ ହୋଇନଥିଲା । ଏହି ବିଷୟ ଅଡିଟ୍ ଦ୍ୱାରା ଦର୍ଶାଯିବା ପରେ, ବୋର୍ଡ, ଆର୍ଥିକ ବର୍ଷ 2017-18 ଠାରୁ 2021-22 ଅବଧି ପାଇଁ କ୍ୟାସ୍ ବୁକ୍‌ରେ ବର୍ଷର ପ୍ରାରମ୍ଭିକ ବାଲାନ୍ସ ସହିତ ପୂର୍ବ ବର୍ଷ ଶେଷ ବାଲାନ୍ସର ସହମତିକରଣ କରିଥିଲେ । ଏହି ବର୍ଷଗୁଡିକ ପାଇଁ କ୍ୟାସ୍ ବୁକ୍ ଓ ପାସ୍ ବୁକ୍ ମଧରେ ସହମତିକରଣ ମଧ କରାଯାଇଥିଲା ।

ଅର୍ଥ ସମ୍ପର୍କିତ ରେକର୍ଡ଼ଗୁଡିକର ରକ୍ଷଣାବେକ୍ଷଣ ଓ ବିଭିନ୍ନ ଆକାଉଣ୍ଟ୍ସ ହେଡ୍ ଗୁଡିକର ବାଲାନ୍ସ ମଧରେ ସହମତିକରଣ ଏକ ଗୁରୁତ୍ୱପୂର୍ଣ୍ଣ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥା ହୋଇଥିବା ହେତୁ ବାର୍ଷିକ ଆକାଉଣ୍ଟ୍ ଗୁଡିକର ପ୍ରସ୍ତୁତିରେ ବିଳମ୍ବ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥାକୁ ଦୁର୍ବଳ କରିବାରେ ସହାୟକ କରିପାରେ ।

ଏଲ୍ଆଣ୍ଡଇଏସ୍ଆଇ ବିଭାଗ ବ୍ୟକ୍ତ କଲେ (ଅପ୍ରେଲ 2024) ଯେ, ବାର୍ଷିକ ଆକାଣ୍ଟକୁ ଅନୁମୋଦନ ପାଇଁ ଆଗାମୀ ବୋର୍ଡ ବୈଠକ ପୂର୍ବରୁ ରଖାଯିବ ଏବଂ ଏହା ଅଡିଟ୍ ପାଇଁ ପ୍ରସ୍ତୁତ କରାଯିବ ।

#### *2.1.10.2 ସେସ୍ ପ୍ରାପ୍ତି ପାଇଁ ଏକରୁ ଅଧିକ ଆକାଉଣ୍ଟିଂ ପଦ୍ଧତି ଗ୍ରହଣ*

ସେସ୍ ଅଧିନିୟମ, 1996 ର ଧାରା 3 ଏବଂ ସେସ୍ ନିୟମ (5) 1998 ଅନୁଯାୟୀ, ସେସ୍ ର ଆୟ ସରକାରୀ କାର୍ଯ୍ୟାଳୟ, ପବ୍ଲିକ ସେକ୍ଟର ଅଣ୍ଡରଟେକିଂ, ସ୍ଥାନୀୟ କର୍ତ୍ତୃପକ୍ଷ କିମ୍ବା ସେସ୍ କଲେକ୍ଟରଙ୍କ ଦ୍ୱାରା ରାଜ୍ୟର ଆକାଉଣ୍ଟିଂ ପଦ୍ଧତି ଦ୍ୱାରା ନିର୍ଦ୍ଧାରିତ ଚାଲାଣ ସହିତ ବୋର୍ଡକୁ ହସ୍ତାନ୍ତର କରାଯିବା ଉଚିତ୍ ।

ଏଲ ଆଣ୍ଡ ଇଏସଆଇ ବିଭାଗ ନିଷ୍ପତ୍ତି ନେଇଥିଲା (2008) ଯେ ବିଓସି କାର୍ଯ୍ୟ କରୁଥିବା ସମସ୍ତ ଏଜେନ୍ସି ସରକାରୀ ଆକାଉଣ୍ଟ ପ୍ରମୁଖ ଆକାଉଣ୍ଟ ହେଡ୍ "0230-ଶ୍ରମ ଏବଂ ରୋଜଗାର-101-ଶ୍ରମ ନିୟମ ଅଧୀନରେ ପ୍ରାପ୍ତି-0014-ଦେୟ ସଂଗ୍ରହ ଏବଂ ଜୋରିମାନା-02190-ବିଓସିଡବ୍ଲ୍ୟୁ (ଆରଇ ଆଣ୍ଡ ସିଏସ) ଅଧିନିୟମ

1996 ଅନୁଯାୟୀ ଦେୟ-02191 ବିଓସିଡବ୍ଲୁ ଡବ୍ଲୁ ସେସ ଅଧିନିୟମ 1996 ଅନୁଯାୟୀ ସେହି ବର୍ଷ ପାଇଁ ସଂଗ୍ରହ ଦେୟ" ରେ ଜମା କରିବା ଉଚିତ୍ । ତଥାପି, ଶ୍ରମ କମିଶନର ଯେ କି ବୋର୍ଡର ସଚିବ, ସଂଗୃହୀତ ସେସ୍ ଏକ ନିର୍ଦ୍ଦିଷ୍ଟ ବ୍ୟାଙ୍କ ଆକାଉଣ୍ଟରେ[27] ଜମା ଦେବାକୁ ନିର୍ଦ୍ଦେଶ ଦେଇଥିଲେ (ଜୁଲାଇ 2013) ।

ଉପରୋକ୍ତରୁ ଏହା ସ୍ପଷ୍ଟ ଯେ, ବୋର୍ଡ ସେସ୍ ପ୍ରାପ୍ତି ପାଇଁ ଏକାଧିକ ରସିଦ ଗେଟୱେ ସିଷ୍ଟମ ଗ୍ରହଣ କରିଥିଲା । ବୋର୍ଡର ଦ୍ୱାରା ସେସ୍ ଗ୍ରହଣ କରିବାର ଏକ ସମାନ ବ୍ୟବସ୍ଥାର ଅନୁପସ୍ଥିତିରେ ବୋର୍ଡର ରାଜସ୍ୱ ନଷ୍ଟ ହେବାର ସମ୍ଭାବନା ଏବଂ ସେସ୍ ସଂଗ୍ରହ/ କାଟିବା କର୍ତ୍ତୃପକ୍ଷଙ୍କ ଦ୍ୱାରା କଲ୍ୟାଣ ପାଣ୍ଠିର ଅନ୍ୟତ୍ର ଚଳନକୁ ଏଡାଇ ଦିଆଯାଇପାରିବ ନାହିଁ । ସରକାରୀ ଆକାଉଣ୍ଟରେ ସେସ ଜମା ହୋଇଥିବା କିନ୍ତୁ ବୋର୍ଡରକୁ ଟଙ୍କା ପଠାଯାଇନଥିବା, ଅଡିଟ୍‌ର ନଜରକୁ ଆସିଥିଲା, ଯାହାକି ***ଅନୁଚ୍ଛେଦ 2.1.7.2*** ରେ ଦର୍ଶାଯାଇଛି ।

ବୋର୍ଡ ଆଶ୍ୱାସନା ଦେଇଥିଲେ (ଅପ୍ରେଲ 2024) ଯେ, ନିର୍ମାଣ ଶ୍ରମିକ ପୋର୍ଟାଲ ମାଧ୍ୟମରେ ଗୋଟିଏ ଜାଗାରେ ସେସ୍ ସଂଗ୍ରହ ପଦ୍ଧତି ଗ୍ରହଣ କରାଯିବ।

### *2.1.10.3 ବିନିଯୋଗ ପ୍ରମାଣପତ୍ରର ଦାଖଲ ନକରିବା*

ବୋର୍ଡ ଏହାର ସ୍କିମ୍/ କାର୍ଯ୍ୟକ୍ରମଗୁଡିକର କାର୍ଯ୍ୟାନ୍ୱୟନ ପାଇଁ ପାଣ୍ଠି ମଞ୍ଜୁର କରିବା ସମୟରେ ବିନିଯୋଗକାରୀ କର୍ତ୍ତୃପକ୍ଷଙ୍କୁ ଯଥାଶୀଘ୍ର ବିନିଯୋଗ ପ୍ରମାଣପତ୍ର ଉପସ୍ଥାପନ କରିବା ପାଇଁ ସମୟସୀମା ନିର୍ଦ୍ଧାରଣ କରିଥାନ୍ତି ।

ତିନିଟି କଲ୍ୟାଣ ଯୋଜନା, ଯଥା- ନିର୍ମାଣ ଶ୍ରମିକ ପକ୍କା ଘର ଯୋଜନା (ଏନଏସପିଜିଓଇ), ନିର୍ମାଣ ଶ୍ରମିକ ପେନସନ୍ ଯୋଜନା (ଏନଏସପିଓଇ) ଏବଂ ନିର୍ମାଣ କୁସୁମଙ୍କ ଅଧୀନରେ ଶିକ୍ଷା ସହାୟତା ଯଥାକ୍ରମେ ଏସ୍‌ଏସ୍‌ଆଣ୍ଡଇପିଡି ବିଭାଗ[28], ପିଆର୍‌ଆଣ୍ଡଡିଡବ୍ଲୁ ବିଭାଗ ଏବଂ ଡିଟିଇଆଣ୍ଡଟି ବିଭାଗ[29] ମାଧ୍ୟମରେ କାର୍ଯ୍ୟକାରୀ କରାଯାଇଥିଲା । ଏହି ଯୋଜନାଗୁଡିକର କାର୍ଯ୍ୟକାରିତା ପାଇଁ ବୋର୍ଡ ଏହି ବିଭାଗ ସପକ୍ଷରେ ସେସ୍ ପାଣ୍ଠିରୁ ରାଶି ପ୍ରଦାନ କରିଥିଲା । ଏନଏସପିଜିଓ୍ୱାଇ,ଏନଏସପିଓ୍ୱାଇ ଏବଂ ନିର୍ମାଣ କୁସୁମ ପାଇଁ କାର୍ଯ୍ୟକାରୀ ବିଭାଗକୁ ଆର୍ଥିକ ବର୍ଷ 2017-18 ରୁ 2021-22 ମଧ୍ୟରେ ପ୍ରଦାନ ଅର୍ଥର ବିବରଣୀ, ନିମ୍ନ **ସାରଣୀ 2.1.16** ରେ ଦିଆଗଲା ।

***ସାରଣୀ 2.1.16: ଏନ୍‌ଏସ୍‌ପିଜିଓ୍ୱାଇ, ଏନ୍‌ଏସ୍‌ପିଓ୍ୱାଇ ଏବଂ ନିର୍ମାଣ କୁସୁମ ପାଇଁ ପାଣ୍ଠି ପ୍ରଦାନ***

***(ଟଙ୍କା କୋଟିରେ)***

| ଆର୍ଥିକ ବର୍ଷ | ଏନ୍‌ଏସ୍‌ପିଜିଓ୍ୱାଇ (ପିଆର୍ ଏବଂ ଡିଡବ୍ଲୁ) | | ଏନ୍‌ଏସ୍‌ପିଓ୍ୱାଇ (ଏସ୍‌ଏସ୍‌ଆଣ୍ଡଇପିଡି) | | ନିର୍ମାଣ କୁସୁମ (ଡିଟିଇଆଣ୍ଡଟି) | | ମୋଟ | |
|---|---|---|---|---|---|---|---|---|
| | ହିତାଧିକାରୀ ସଂଖ୍ୟା | ପ୍ରଦାନ ପରିମାଣ | ହିତାଧିକାରୀ ସଂଖ୍ୟା | ପ୍ରଦାନ ପରିମାଣ | ହିତାଧିକାରୀ ସଂଖ୍ୟା | ପ୍ରଦାନ ପରିମାଣ | ହିତାଧିକାରୀ ସଂଖ୍ୟା | ପ୍ରଦାନ ପରିମାଣ |
| 2017-18 | 2,629 | 190.00 | 113 | 0.15 | 0 | 0 | 2,742 | 190.15 |
| 2018-19 | 5876 | 0 | 195 | 0.50 | 4,921 | 15.00 | 10,992 | 15.50 |
| 2019-20 | 9,840 | 40.00 | 132 | 0.50 | 4,068 | 0 | 14,040 | 40.50 |
| 2020-21 | 1,461 | 0 | 11 | 0 | 4,255 | 0 | 5,727 | 0 |
| 2021-22 | 0 | 0 | 0 | 0 | 5,291 | 10.00 | 5,291 | 10.00 |
| ମୋଟ | **19,806** | **230.00** | **451** | **1.15** | **18,535** | **25.00** | **38,792** | **256.15** |

***(ଉତ୍ସ: ବୋର୍ଡ ଦ୍ୱାରା ଦିଆଯାଇଥିବା ସୂଚନା)***

**ସାରଣୀ 2.1.16** ରୁ ଦେଖାଗଲା ଯେ 38.792 ହିତାଧିକାରୀଙ୍କ ପାଇଁ 256.15 କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ଅବଶ୍ୟ ଗ୍ରହୀତା ବିଭାଗ ଗୁଡିକ ଅପ୍ରେଲ 2023 ସୁଦ୍ଧା ବୋର୍ଡକୁ କୌଣସି ୟୁସି ପ୍ରଦାନ କରିନଥିଲେ । ତେବେ, ୟୁସିର ଅନୁପସ୍ଥିତିରେ ବିଭାଗଗୁଡିକ ଦ୍ୱାରା ପ୍ରକୃତରେ ବ୍ୟବହୃତ ପରିମାଣ ଅଡିଟ୍‌ରେ ଭାଉଚର ହୋଇପାରିବ ନାହିଁ । ବୋର୍ଡ ହିତାଧରକାରୀଙ୍କ ବିବରଣୀ ସହିତ ୟୁସି ଦାଖଲ କରିବାକୁ ଜୋର ଦେଇ ନଥିଲା ।

---

27 ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ, ଭୁବନେଶ୍ୱରର ସରକାରୀ ଟ୍ରେଜେରୀ ଶାଖାରେ ଥିବା ସେଭିଙ୍ଗ୍‌ସ୍ ବ୍ୟାଙ୍କ୍ ଆକାଉଣ୍ଟ

28 ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ

29 ବୈଷୟିକ ଶିକ୍ଷା ଏବଂ ତାଲିମ ନିର୍ଦ୍ଦେଶାଳୟ

ଏଲ୍ଆଣ୍ଡଇଏସ୍ଆଇ ବିଭାଗ ବ୍ୟକ୍ତ କଲେ (ଅପ୍ରେଲ 2024) ଯେ, ଆର୍ଥିକ ବର୍ଷ 2017-18 ରୁ 2022-23 ମଧ୍ୟରେ ଏନ୍ଏସ୍ପିଜିଓ୍ୱାଇ, ଏନ୍ଏସ୍ପିଓ୍ୱାଇ ଏବଂ ନିର୍ମାଣ କୁସୁମ ଯୋଜନା ପାଇଁ ପ୍ରଦାନ କରାଯାଇଥିବା 266.65 କୋଟି ଟଙ୍କାରୁ 246.85 କୋଟି ଟଙ୍କାର ପିୟୁସି ପ୍ରାପ୍ତ ହୋଇସାରିଥିଲା । ଅବଶିଷ୍ଟ ରାଶି ପାଇଁ ପିୟୁସି ଶୀଘ୍ର ଜମା କରିବା ପାଇଁ ସମ୍ବନ୍ଧିତ ବିଭାଗ ଗୁଡ଼ିକୁ ଅନୁସ୍ମାରକ ଜାରି କରାଯାଇଥିଲା ।

### 2.1.10.4 *ସେସ୍ ପାଣ୍ଠିର ଅଯଥା ପରିଚାଳନା, ପରିଣାମ ସ୍ୱରୂପ କ୍ଷତି*

ରାଜ୍ୟ ପବ୍ଲିକ୍ ସେକ୍ଟର ଅଣ୍ଡରଟେକିଂ ଏବଂ ସ୍ୱୟଂଶାସିତ ସଂସ୍ଥାଗୁଡ଼ିକର ଅତିରିକ୍ତ ପାଣ୍ଠି ଜମା ସମ୍ବନ୍ଧରେ ଓଡ଼ିଶା ସରକାରର ଅର୍ଥ ବିଭାଗ ବିଭିନ୍ନ ମାପଦଣ୍ଡ[30] ଆଧାରରେ ପ୍ରତିବର୍ଷ ବ୍ୟାଙ୍କଗୁଡ଼ିକର ଏକ ପ୍ୟାନେଲ୍ ପ୍ରସ୍ତୁତ କରିଥାଏ । ସେହି ଅନୁଯାୟୀ ଏହା ସେମାନଙ୍କ ପାଇଁ ଏକ ପରାମର୍ଶ ପ୍ରଦାନ କରାଯାଇଥିଲା (ନଭେମ୍ବର 2014) ଯେ ସେମାନଙ୍କର ଅତିରିକ୍ତ ପାଣ୍ଠିକୁ ବ୍ୟାଙ୍କ ଆକାଉଣ୍ଟରେ ରଖାଯାଉ ଯେପରି ଏହି ପାଣ୍ଠି ଅନ୍ୟ ଅନୁମୋଦିତ ବ୍ୟାଙ୍କ ଗୁଡ଼ିକ ପ୍ରଦାନ କରିଥିବା ହାର ତୁଳନାରେ ଅଧିକ ସୁଧ ହାର ପାଇବ । ବୋର୍ଡ ଏହାର 17 ତମ ବୈଠକ (8 ଜୁଲାଇ 2015) ରେ ନିଷ୍ପତ୍ତି ନେଇଥିଲା ଯେ, ଅର୍ଥ ବିଭାଗ ଦ୍ୱାରା ଅନୁମୋଦିତ ବ୍ୟାଙ୍କ ପ୍ୟାନେଲରୁ ଅଧିକ ସୁଧହାର ପ୍ରଦାନ କରୁଥିବା ଛଅ ରୁ ସାତଟି ଜାତୀୟକରଣ ବ୍ୟାଙ୍କରେ ବୋର୍ଡର ପାଣ୍ଠି ନିବେଶ ହେବ । ବୋର୍ଡ ଏହା ମଧ୍ୟ ନିଷ୍ପତ୍ତି ନେଇଥିଲା ଯେ ପୂର୍ବରୁ ନିବେଶ ହୋଇଥିବା ପାଣ୍ଠି ମାଚୁରିଟି ପରେ ପୁନଃ ନିବେଶ ପାଇଁ କଢାଯାଇପାରିବ ।

ଆର୍ଥିକ ବର୍ଷ 2017-18 ରୁ 2021-22 ମଧ୍ୟରେ ବୋର୍ଡ ଦ୍ୱାରା ଅତିରିକ୍ତ ପାଣ୍ଠି ବିନିଯୋଗର ଯାଞ୍ଚ ଉପରେ ଅଡିଟ୍ ଲକ୍ଷ୍ୟ କଲା ଯେ, ବୋର୍ଡ ଏହାର ଅତିରିକ୍ତ ପାଣ୍ଠି ବିନିଯୋଗ ପାଇଁ ତାଲିକାଭୁକ୍ତ ବ୍ୟାଙ୍କ ଗୁଡ଼ିକର କୋଟେସନ୍ ଆହ୍ୱାନ ନକରି ଟର୍ମ ଜମା ଉପରେ ସେମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସୁଧ ହାରରେ ବ୍ୟାଙ୍କଗୁଡ଼ିକୁ ମନୋନୀତ କରିଥିଲା । ଅଡିଟ୍ ନିମ୍ନ ଲିଖିତ ଉଦାହରଣରେ ଦୁଇଟି ସ୍ୱଳ୍ପ ମିଆଦୀ ଜମା ବିଷୟରେ ଲକ୍ଷ୍ୟ କଲା:

- ବୋର୍ଡ, 22 ଅକ୍ଟୋବର 2021 ରେ ଏକ ବର୍ଷ ପାଇଁ ଭୁବନେଶ୍ୱରର ଇଣ୍ଡଷ୍ଟ୍ରିଆଲ ଡେଭଲପ୍ମେଣ୍ଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆଇଡିବିଆଇ) ରେ ବାର୍ଷିକ 3.31 ପ୍ରତିଶତ ସୁଧ ହାରରେ 31.34 କୋଟି ନିବେଶ କରିଥିଲା । ତେବେ, ସେହି ତାରିଖରେ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର ଦ୍ୱାରା ଦିଆଯାଉଥିବା ସୁଧ ହାର ସମାନ ସମୟର ନିବେଶ ପାଇଁ 5 ପ୍ରତିଶତ ଥିଲା । ଯଦି ଆଇଡିବିଆଇ ବଦଳରେ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଏହି ଅର୍ଥ ବିନିଯୋଗ କରାଯାଇଥାନ୍ତା ତେବେ ବୋର୍ଡ 21 ଅକ୍ଟୋବର 2022 ସୁଦ୍ଧା ଅଧିକ ସୁଧ ବାବଦରେ 52.96 ଲକ୍ଷ ଟଙ୍କା ରୋଜଗାର କରିପାରିଥାନ୍ତା ।
- ବୋର୍ଡ, 4 ଅକ୍ଟୋବର 2021 ରେ ଭୁବନେଶ୍ୱରର କାନାରା ବ୍ୟାଙ୍କରେ ଏକ ବର୍ଷ ପାଇଁ 3.65 ପ୍ରତିଶତ ସୁଧ ହାରରେ 9.50 କୋଟି ଟଙ୍କା ନିବେଶ କରିଥିଲା, ଯେତେବେଳେ କି ସେହି ଦିନ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ଭୁବନେଶ୍ୱର ଦ୍ୱାରା ପ୍ରଦାନ କରାଯାଇଥିବା ସୁଧର ହାର 5.1 ପ୍ରତିଶତ ହାର ଥିଲା । ଯଦି ଏହି ପାଣ୍ଠି କାନାରା ବ୍ୟାଙ୍କ, ବାପୁଜୀ ନଗର ବଦଳରେ ଇଣ୍ଡିଆନ୍ ଓଭର ସୀଜ୍ ବ୍ୟାଙ୍କ, ଷ୍ଟେସନ ସ୍କୋୟାରରେ ନିବେଶ କରାଯାଇଥାନ୍ତା, ତେବେ, ବୋର୍ଡ 3 ଅକ୍ଟୋବର 2022 ସୁଦ୍ଧା ଅତିରିକ୍ତ ସୁଧ ବାବଦରେ 14.25 ଲକ୍ଷ ଟଙ୍କା ରୋଜଗାର କରିପାରିଥାନ୍ତା ।

ଏହିପରି, କମ୍ ସୁଧ ହାର ପ୍ରଦାନ କରୁଥିବା ବ୍ୟାଙ୍କ ଗୁଡ଼ିକରେ ଅତିରିକ୍ତ ପାଣ୍ଠିର ପୁଞ୍ଜି ବିନିଯୋଗ ସମ୍ବନ୍ଧରେ ମ୍ୟାନେଜମେଣ୍ଟର ଅଯଥା ନିଷ୍ପତ୍ତି ହେତୁ ବୋର୍ଡ 67.21 ଲକ୍ଷ ଟଙ୍କା କ୍ଷତି ସହିଥିଲା ।

ଏଲ୍ଆଣ୍ଡଇଏସ୍ଆଇ ବିଭାଗ ବ୍ୟକ୍ତ କଲେ (ଅପ୍ରେଲ 2024) ଯେ, ବୋର୍ଡ ରାଷ୍ଟ୍ରୀୟ ବ୍ୟାଙ୍କରୁ କୋଟେସନ ଆମନ୍ତ୍ରଣ କରିଥିଲେ, ଯାହା ଅନୁସାରେ କାନାଡ଼ା ବ୍ୟାଙ୍କର କୋଟେସନ୍ ଉଚ୍ଚତମ ଥିଲା, ଯାହା 2 କୋଟି ଟଙ୍କାରୁ 10 କୋଟି ଟଙ୍କା ଉପରେ ରାଶି ପାଇଁ 3.65 ପ୍ରତିଶତ ଦରରେ ପ୍ରତିବର୍ଷ ସୁଧ ଦେବା ପାଇଁ ଆଗ୍ରହୀ ଥିଲା ଏବଂ ଆଇଓବି ଦ୍ୱାରା ପ୍ରସ୍ତାବିତ ସୁଧ ଦର 2.50 ପ୍ରତିଶତ ଥିଲା । ଯଦିଓ, ଆଇଓବି 2 କୋଟି ଟଙ୍କାରୁ କମ୍ ରାଶି ପାଇଁ

[30] କ୍ରେଡିଟ୍-ଜମା ଅନୁପାତ, ବାର୍ଷିକ କ୍ରେଡିଟ୍ ଯୋଜନା ଅଧିନରେ ସଫଳତା, ଶାଖା ନେଟ୍ୱର୍କ, ମୋଟ ଶାଖା ଓ ଗ୍ରାମୀଣ ବ୍ୟାଙ୍କ୍ ଶାଖାର ଅନୁପାତ, ପ୍ରାଥମିକତା କ୍ଷେତ୍ର ଋଣ ପ୍ରଦାନ, ଇତ୍ୟାଦି

5.15 ପ୍ରତିଶତ ଦରରେ ସୁଧ ଦେବା ପାଇଁ ଆଗ୍ରହୀ ଥିଲା । ସେଥିପାଇଁ କାନାଡ଼ା ବ୍ୟାଙ୍କରେ ଫଣ୍ଡ ନିବେଶ କରାଗଲା । ଉତ୍ତର ଗ୍ରହଣୀୟ ନଥିଲା, କାରଣ ସମୁଦାୟ ରାଶିକୁ କେତେଗୁଡ଼ିଏ ଅବଧି ଜମାରେ ନିବେଶ କରାଯାଇପାରିଥାନ୍ତା, ଯେଉଁଥିରେ 2 କୋଟି ଟଙ୍କା କିମ୍ବା ତା'ଠାରୁ କମ୍ ରାଶି ହୋଇଥାନ୍ତା, ଯାହାଦ୍ୱାରା ନିବେଶର ଅଧିକ ସୁଧ ମିଳିପାରିଥାନ୍ତା ।

### *2.1.10.5 ଆୟକର ବାବଦରେ ପରିହାର୍ଯ୍ୟ ଦାୟିତ୍ୱ*

ଆୟକର ଅଧିନିୟମ, 1961 ର ଧାରା 10(46) ଅନୁଯାୟୀ, କେନ୍ଦ୍ର କିମ୍ବା ରାଜ୍ୟ ଅଧିନିୟମ କିମ୍ବା କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ କିମ୍ବା ଗଠିତ ଏକ ସଂସ୍ଥା କିମ୍ବା ପ୍ରାଧିକରଣ କିମ୍ବା/ ବୋର୍ଡ କିମ୍ବା ଟ୍ରଷ୍ଟ କିମ୍ବା ଆୟୋଗର ନିର୍ଦ୍ଦିଷ୍ଟ ଆୟ, ଯାହାକି ସାଧାରଣ ଜନତାଙ୍କ ସୁବିଧା ପାଇଁ କୌଣସି କାର୍ଯ୍ୟକଳାପକୁ ନିୟନ୍ତ୍ରଣ କିମ୍ବା ପରିଚାଳନା କରିବାର ଉଦ୍ଦେଶ୍ୟ ଥାଏ, ତାହା ଆୟକରରୁ ମୁକ୍ତ ହେବ, ଏହି ସର୍ତ୍ତରେ ଯେ, ଉକ୍ତ ସଂସ୍ଥା କୌଣସି ବ୍ୟବସାୟିକ କାର୍ଯ୍ୟକଳାପରେ ନିୟୋଜିତ ନଥିବେ ।

ଓବିଓସିଡବ୍ଲୁ (ଆର୍‌ଇ ଏବଂ ସିଏସ୍) ନିୟମାବଳୀ, 2002 ର ନିୟମ 249, ଏବଂ ତା ସହିତ ବିଓସିଡବ୍ଲୁ(ଆର୍‌ଇ ଏବଂ ସିଏସ୍) ଅଧିନିୟମ, 1996 ର ଧାରା 18 ଅଧିନରେ ଗଠିତ ଓବିଓସିଡବ୍ଲୁଡବ୍ଲୁବି ଏକ ବୋର୍ଡ ଅଟେ । ଉକ୍ତ ଅଧିନିୟମ ଏକ କେନ୍ଦ୍ରୀୟ ଅଧିନିୟମ, ଯାହାକି ବିଓସି ଶ୍ରମିକଙ୍କ ରୋଜଗାର ଏବଂ ସେବାର ସର୍ତ୍ତାବଳୀକୁ ନିୟନ୍ତ୍ରଣ କରିବା ଏବଂ ସେମାନଙ୍କ ସ୍ୱାସ୍ଥ୍ୟ, ନିରାପତ୍ତା ଏବଂ ଅନ୍ୟାନ୍ୟ କଲ୍ୟାଣକାରୀ ବ୍ୟବସ୍ଥା ଯୋଗାଇବା ପାଇଁ ସଂସଦ ଦ୍ୱାରା ପ୍ରଣୟନ କରାଯାଇଛି । ଉପରୋକ୍ତ ଅଧିନିୟମର ଧାରା 60 ଅନୁଯାୟୀ, କେନ୍ଦ୍ର ସରକାର ସମୟ ସମୟରେ ଏହି ଅଧିନିୟମର ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ପାଇଁ ବୋର୍ଡକୁ ନିର୍ଦ୍ଦେଶ ଦିଅନ୍ତି । ସେସ୍, ପଞ୍ଜୀକରଣ ଶୁଳ୍କ ଏବଂ ହିତାଧିକାରୀଙ୍କ ବାର୍ଷିକ ଯୋଗଦାନ ରାଦ୍ଦ ପରେ ସେସ୍ ଅର୍ଜନ କରାଯାଇଥିଲା ଏବଂ ବୋର୍ଡ ଆକାଉଣ୍ଟରେ ଜମା କରାଯାଇଥିଲା । ଏହିପରି, ବୋର୍ଡର ଗଠନ ଏକ ସଂସଦୀୟ ଅଧିନିୟମ ଅନୁଯାୟୀ ବିଓସି ଶ୍ରମିକଙ୍କର କଲ୍ୟାଣ ଦିଗରେ କାର୍ଯ୍ୟ କରିବା ପାଇଁ କରାଯାଇଛି ଏବଂ ଏହା ଲାଭଜନକ ସଂଗଠନ ନୁହେଁ । ସେହି ଅନୁସାରେ ବୋର୍ଡକୁ ଆୟକରରୁ ଛାଡ ପାଇବା ପାଇଁ ଟିକସ ଛାଡ଼ ପ୍ରମାଣପତ୍ର ପ୍ରାପ୍ତ କରିବା ପାଇଁ ଆଟିଟି ଅଧିନିୟମ, 1961 ର ଧାରା 10(46) ଅନୁଯାୟୀ ରିଟର୍ଣ୍ଣ ଦାଖଲ କରିବା ଆବଶ୍ୟକ ଅଟେ ।

ବୋର୍ଡ ଦ୍ୱାରା ପ୍ରଦାନ କରାଯାଇଥିବା ଫାଇଲ୍ ଏବଂ ସୂଚନା ଯାଞ୍ଚରୁ ଜଣାପଡ଼ିଲା ଯେ, 2014-15 ରୁ 2018-19 ଆର୍ଥିକ ବର୍ଷରେ, ମୁଖ୍ୟ ନିଯୁକ୍ତିଦାତା/ ନିଯୁକ୍ତିଦାତାଙ୍କ ଠାରୁ ମିଳିଥିବା ସେସ୍ ଏବଂ ସେସ୍ ପାଣ୍ଠିର ନିବେଶରୁ ମିଳିଥିବା ସୁଧ ଉପରେ, ବ୍ୟାଙ୍କଗୁଡ଼ିକ ଦ୍ୱାରା 20.46 କୋଟି ଟଙ୍କା କଟାଯାଇଥିଲା ଯାହା **ସାରଣୀ 2.1.17** ରେ ଦେଖାଯାଇଛି ।

***ସାରଣୀ 2.1.17: 2014-15 ରୁ 2019-20 ଆର୍ଥିକ ବର୍ଷରେ କଟାଯାଇଥିବା ଟିଡିଏସ୍‌ର ପରିମାଣ***

| ମୂଲ୍ୟାଙ୍କନ ବର୍ଷ | ଟିଡିଏସ୍‌ର ପରିମାଣ (ଟଙ୍କା କୋଟିରେ) |
|---|---|
| 2015-16 | 15.58 |
| 2016-17 | 2.08 |
| 2017-18 | 1.81 |
| 2018-19 | 0.98 |
| 2019-20 | 0.01 |
| ମୋଟ | **20.46** |

***(ଉତ୍ସ: ଓବିଓସିଡବ୍ଲୁଡବ୍ଲୁବିର ରେକର୍ଡ)***

ଏହା ଲକ୍ଷ୍ୟ କରାଯାଇଥିଲା ଯେ ଆଇଟି ଆକ୍ଟ 1961 ର ଧାରା 10(46) ଅନୁଯାୟୀ ସଂଗୃହିତ ସେସ୍ ଏବଂ ଏହାର ଅବଧି ଜମା ଉପରେ ଅର୍ଜିତ ସୁଧ ଉପରେ ଟ୍ୟାକ୍ସରୁ ଛାଡ଼ ପାଇବା ପାଇଁ ବୋର୍ଡ କେବେ ବି ଆଇଟିଆର୍ ଦାଖଲ କରିନାହିଁ । ବୋର୍ଡ ଏପର୍ଯ୍ୟନ୍ତ ଆଇଟିଆର (ମାର୍ଚ୍ଚ 2022) ଦାଖଲ କରିବା ବାକି ଅଛି । ତେଣୁ, ଯଦି ପ୍ରତ୍ୟେକ ମୂଲ୍ୟାଙ୍କନ ବର୍ଷ ପାଇଁ ଆଇଟିଆର୍ ଦାଖଲ କରି ଆୟକର ବିଭାଗରୁ ଆଇଟି ଛାଡ଼ ପ୍ରମାଣପତ୍ର ପାଇଥାନ୍ତା, ତେବେ 20.46 କୋଟି ଟଙ୍କା ଆୟକର ଦେୟକୁ ଏଡ଼ାଯାଇ ପାରିଥାନ୍ତା ।

ଏଲ୍ଆଣ୍ଡଇଏସ୍ଆଇ ବିଭାଗ ବ୍ୟକ୍ତ କଲେ (ଅପ୍ରେଲ 2024) ଯେ, ମୂଲ୍ୟାୟନ ବର୍ଷ 2016-17 ରୁ 2019-20 ପାଇଁ ଆଇଟି ରିଟର୍ଣ୍ଣ ଦାଖଲ କରାଯାଇଥିଲା, ଯେଉଁଥିରେ ବ୍ୟାଙ୍କ ଦ୍ୱାରା କଟାଯାଇଥିବା ଟିଡିଏସ୍‌ର ଫେରସ୍ତ ପାଇଁ ଦାବି କରାଯାଇଥିଲା ।

**ସୁପାରିଶ:**

**10. ବିଭିନ୍ନ ହିସାବ ଶୀର୍ଷ ମଧ୍ୟରେ ପରିସଂଖ୍ୟାନର ସମାଧାନ ଭଳି ଆବଶ୍ୟକ ଯାଞ୍ଚ ଏବଂ ସନ୍ତୁଳନ କରିବା ପରେ ବାର୍ଷିକ ହିସାବ ଠିକ୍ ସମୟରେ ପ୍ରସ୍ତୁତ କରି ବୋର୍ଡ଼ ସେସ୍ ପାଣ୍ଠି ପରିଚାଳନା କ୍ଷେତ୍ରରେ ଏକ ବୃତ୍ତିଗତ ଆଭିମୁଖ୍ୟ ଗ୍ରହଣ କରାଯାଇପାରେ ।**

**11. ବୋର୍ଡ଼ ଆୟକରର ପରିହାର୍ଯ୍ୟ ଦେୟକୁ ସଞ୍ଚୟ କରିବା ପାଇଁ ଆଇଟି ଅଧିକାରୀଙ୍କ ଠାରୁ ଆୟକର ଛାଡ଼ ପ୍ରମାଣ ପତ୍ର ପ୍ରାପ୍ତ କରିବା ପାଇଁ ପ୍ରୟାସ କରିପାରେ ।**

### 2.1.11 ମାନବ ସମ୍ବଳ ପରିଚାଳନା

ବିଓସିଡବ୍ଲୁ(ଆର୍‌ଇଆଣ୍ଡସିଏସ୍) ଅଧିନିୟମ 1996 ର ଧାରା 19 ଏବଂ ତା'ସହିତ ଓବିଓସିଡବ୍ଲୁ (ଆର୍‌ଇଆଣ୍ଡସିଏସ୍) ନିୟମାବଳୀର ନିୟମ, 261 ଅନୁଯାୟୀ ବୋର୍ଡ ସରକାରଙ୍କ ପୂର୍ବ ଅନୁମୋଦନ କ୍ରମେ ଶ୍ରମ ନିର୍ଦ୍ଦେଶାଳୟର ଜଣେ ଅଧିକାରୀଙ୍କୁ ଯିଏକି ଯୁଗ୍ମ ଶ୍ରମ କମିଶନର (ଜେଏଲ୍‌ସି)/ ଡେପୁଟି ଲେବର କମିଶନର (ଡିଏଲ୍‌ସି)/ ଆସିଷ୍ଟାଣ୍ଟ ଲେବର କମିଶନର (ଏଏଲ୍‌ସି) ପଦବୀ ତଳର ହୋଇନଥିବେ, ଡେପୁଟେସନ୍ ଆଧାରରେ ବୋର୍ଡର ସଚିବ ଭାବରେ ନିଯୁକ୍ତ କରିପାରିବ । ବୋର୍ଡ, ଅଧିକାରୀ ଏବଂ ରାଜ୍ୟ ଶ୍ରମ ନିର୍ଦ୍ଦେଶାଳୟର ଅନ୍ୟ କର୍ମଚାରୀଙ୍କ ସେବାକୁ, ସେମାନଙ୍କର କର୍ତ୍ତବ୍ୟ ସହିତ, ଉଭୟ ମୁଖ୍ୟାଳୟ ଏବଂ କ୍ଷେତ୍ର ସ୍ତରରେ ଏହାର କାର୍ଯ୍ୟଗୁଡ଼ିକର ସଠିକ୍ ଡିସଚାର୍ଜ ପାଇଁ ଉପଯୋଗ କରିବାର ଥିଲା । ବୋର୍ଡ ନିଜ କର୍ମଚାରୀଙ୍କୁ ମଧ୍ୟ ନିଯୁକ୍ତ କରିପାରିବ, ଯଦି, ବିଭାଗ ଦ୍ୱାରା ପଠାଯାଇଥିବା କର୍ମଚାରୀମାନଙ୍କର ଅଭାବ କିମ୍ବା ଅନ୍ୟଥା ଅନୁପଯୁକ୍ତ ବୋଲି ଜଣାପଡେ । ଓଡ଼ିଶା ଆର୍ଥିକ ସେବା କ୍ୟାଡରର ଜଣେ ବରିଷ୍ଠ ଅଧିକାରୀ, ବୋର୍ଡର ଆର୍ଥିକ ବିଷୟଗୁଡ଼ିକର କେଉଘାରେଖା ପାଇଁ ୱେଲଫେୟାର ବୋର୍ଡରେ ପ୍ରତିନିଯୁକ୍ତ କରିପାରନ୍ତି । ସୁପ୍ରିମକୋର୍ଟ ମଧ୍ୟ ନିର୍ଦ୍ଦେଶ ପ୍ରଦାନ ତାରିଖ ଠାରୁ ତିନି ମାସ ମଧ୍ୟରେ ପର୍ଯ୍ୟାପ୍ତ ଫୁଲ୍‌ଟାଇମ୍ କର୍ମଚାରୀଙ୍କ ସହିତ ଏକ ୱେଲଫେୟାର ବୋର୍ଡ ଗଠନ ପାଇଁ ସମସ୍ତ ରାଜ୍ୟକୁ ନିର୍ଦ୍ଦେଶ ଦେଇଥିଲେ (ଜାନୁଆରୀ 2010) ।

#### *2.1.11.1 ଅପ୍ରତୁର କର୍ମଚାରୀ ସଂଖ୍ୟା*

ବୋର୍ଡର କର୍ମଚାରୀଙ୍କ ମୁଖ୍ୟ କାର୍ଯ୍ୟଗୁଡ଼ିକ ହେଲା ପ୍ରଶାସନ ଏବଂ ପାଣ୍ଠି ନିବେଶ, ପ୍ରତିଷ୍ଠାନ ଏବଂ ଶ୍ରମିକମାନଙ୍କର ପଞ୍ଜୀକରଣ, ଯୋଜନା ପ୍ରସ୍ତୁତି ଏବଂ ହିତାଧିକାରୀଙ୍କୁ ପାଇଁ ଲାଭର ଚରମ ବଣ୍ଟନ, ପ୍ରତିଷ୍ଠାନଗୁଡ଼ିକର ଯାଞ୍ଚ କରିବା, ସେସର ଆକଳନ, କାର୍ଯ୍ୟ ସ୍ଥାନଗୁଡ଼ିକର ସର୍ବେକ୍ଷଣ ଏବଂ ଯାଞ୍ଚ, ସୁରକ୍ଷା ପଦକ୍ଷେପଗୁଡ଼ିକର କାର୍ଯ୍ୟକାରିତା ନିଶ୍ଚିତ କରିବା ଏବଂ ଅଧିନିୟମର ବ୍ୟବସ୍ଥାର ସାମଗ୍ରିକ କାର୍ଯ୍ୟକାରିତା । ଅଡିଟ୍ ଲକ୍ଷ୍ୟ କଲା ଯେ ଅନୁମୋଦିତ ସଂଖ୍ୟା (ଏସ୍‌ଏସ୍) ତୁଳନାରେ ମାର୍ଚ୍ଚ 2022 ସୁଦ୍ଧା ରାଜ୍ୟର କାର୍ଯ୍ୟନିର୍ବାହୀ କ୍ୟାଡରରେ ପଦବୀରେ ଥିବା ବ୍ୟକ୍ତି (ପିଆଇପି) ପର୍ଯ୍ୟାପ୍ତ ନଥିଲା, ଯାହା **ସାରଣୀ 2.1.18** ରେ ଦେଖାଯାଇଛି ।

***ସାରଣୀ 2.1.18: ବୋର୍ଡର କାର୍ଯ୍ୟକାରିତା ପାଇଁ ଅନୁମୋଦିତ ସଂଖ୍ୟା ଏବଂ ପଦବୀରେ ଥିବା ବ୍ୟକ୍ତି***

| କ୍ର. ସଂ. | ପଦବୀ | ଏସ୍‌ଏସ୍ | ପିଆଇପି | ଚୁକ୍ତିଭିତ୍ତିକ କର୍ମଚାରୀ, ପିଆଇପିର ବାବାରେ | ଖାଲିସ୍ଥାନ | ଖାଲି ସ୍ଥାନରେ ପ୍ରତିଶତ |
|---|---|---|---|---|---|---|
| 1 | ଯୁଗ୍ମ ଶ୍ରମ କମିଶନର | 10 | 9 | 0 | 1 | 10 |
| 2 | ବିଭାଗୀୟ ଶ୍ରମ କମିଶନର | 45 | 12 | 0 | 33 | 73 |
| 3 | ଜିଲ୍ଲା ଶ୍ରମ ଅଧିକାରୀ | 63 | 33 | 0 | 30 | 48 |
| 4 | ସହକାରୀ ଶ୍ରମ ଅଧିକାରୀ | 372 | 50 | 9 | 322 | 87 |
| 5 | ଗ୍ରାମୀଣ ଶ୍ରମ ନିରୀକ୍ଷକ | 47 | 46 | 46 | 1 | 2 |
| | ମୋଟ | **537** | **150** | **55** | **387** | **72** |

***(ଉତ୍ସ: ଏଲ୍ଆଣ୍ଡଇଏସ୍ଆଇ ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା)***

**ସାରଣୀ 2.1.18** ରୁ ଦେଖାଯାଏ 537 ର ଏସ୍‌ଏସ୍ ବିପକ୍ଷରେ ପିଆଇପି କେବଳ 150 (28 ପ୍ରତିଶତ) ଏବଂ 387 (72 ପ୍ରତିଶତ) ପଦବୀ ମାର୍ଚ୍ଚ 2022 ସୁଦ୍ଧା ବିଭିନ୍ନ କ୍ୟାଡରରେ ଖାଲି ରହିଥିଲା ।

### 2.1.12 ଯାଞ୍ଚ ଏବଂ ପର୍ଯ୍ୟାଲୋଚନା

ଅଡିଟ୍ ବୋର୍ଡର ଯାଞ୍ଚ ଏବଂ ପର୍ଯ୍ୟବେକ୍ଷଣ କାର୍ଯ୍ୟକଳାପରେ ବିଭିନ୍ନ ତ୍ରୁଟି ଲକ୍ଷ୍ୟ କରିଛି, ଯାହା ନିମ୍ନରେ ଆଲୋଚନା କରାଯାଇଛି:

- **ବୋର୍ଡ ବୈଠକ ପରିଚାଳନାରେ ଅଭାବ:** ଓବିଓସିଡବ୍ଲୁ(ଆରଇଆଣ୍ଡସିଏସ୍) ନିୟମାବଳୀ, 2002 ର ନିୟମ 251 ଅନୁଯାୟୀ, ବୋର୍ଡ ପ୍ରତି ଚାରିମାସରେ ଥରେ ବୈଠକ କରିବା ଆବଶ୍ୟକ ଥିଲା । ତେଣୁ, ନିୟମ ଅନୁଯାୟୀ ଆର୍ଥିକ ବର୍ଷ 2017-18 ରୁ 2021-22 ମଧରେ 15 ଟି ବୈଠକ ହେବାର ଥିଲା । ମାନ୍ୟବର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ (ଫେବୃଆରୀ 2012) ଯେ କଲ୍ୟାଣ ବୋର୍ଡ ଏହାର ବୈଠକ ଅତି କମରେ ପ୍ରତି ଦୁଇ ମାସରେ ଥରେ କରିବା ଉଚିତ୍ । ତେବେ, ଆର୍ଥିକ ବର୍ଷ 2017-18 ରୁ 2021-22 ମଧ୍ୟରେ, କେବଳ ନଅଟି ବୋର୍ଡ ବୈଠକ ଅନୁଷ୍ଠିତ ହୋଇଥିଲା । ବୋର୍ଡ ବୈଠକ ଆୟୋଜନରେ ଅଭାବ ହେତୁ ପ୍ରତିଷ୍ଠାନଗୁଡ଼ିକର ପଞ୍ଜୀକରଣ ବିଓସି କାର୍ଯ୍ୟକରୁଥିବା କଣ୍ଟ୍ରାକ୍ଟର/ ସବ୍-କଣ୍ଟ୍ରାକ୍ଟରମାନଙ୍କୁ ନିର୍ମାଣ କାର୍ଯ୍ୟ ପ୍ରଦାନ, ନିର୍ମାଣ କାର୍ଯ୍ୟରେ କଣ୍ଟ୍ରାକ୍ଟରଙ୍କ ଦ୍ୱାରା ନିୟୋଜିତ ବିଓସି ଶ୍ରମିକଙ୍କ ପଞ୍ଜୀକରଣ ପାଇଁ କୌଣସି ଲକ୍ଷ୍ୟ ସ୍ଥିର ହୋଇପାରି ନଥିଲା । ଯଦିଓ ବୈଠକରେ 13 ଟି କଲ୍ୟାଣକାରୀ ଯୋଜନା ଅନୁମୋଦନ କରାଯାଇଥିଲା, ସ୍କିଲ୍ ଡେଭଲପମେଣ୍ଟ ସ୍କିମ୍ ଅଧୀନରେ ହିତାଧିକାରୀଙ୍କ ସାମିଲ୍ ପ୍ରାୟ ଅନୁପସ୍ଥିତ ଥିଲା ।
- **ଉପଦେଷ୍ଟା କମିଟିର ଗଠନ ନହେବା:** ବିଓସିଡବ୍ଲୁ (ଆର୍‌ଇ ଆଣ୍ଡ ସିଏସ୍) ଅଧିନିୟମର ଧାରା 4 ଏବଂ ତା'ସହିତ ଓବିଓସିଡବ୍ଲୁ(ଆର୍‌ଇଆଣ୍ଡସିଏସ୍) ନିୟମାବଳୀର ନିୟମ 8 ଅନୁଯାୟୀ, ରାଜ୍ୟ ସରକାର, ରାଜ୍ୟ ବିଲଡିଂ ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକଙ୍କ ପରାମର୍ଶଦାତା କମିଟି (ରାଜ୍ୟ ଉପଦେଷ୍ଟା କମିଟି) ନାମକ ଏକ କମିଟି ଗଠନ କରିବାକୁ ଥିଲା, ଯାହା ଉପରୋକ୍ତ ଅଧିନିୟମ ଅନ୍ତର୍ଗତ ପ୍ରଶାସନରେ ଉପୁଜିଥିବା ବିଷୟ ଉପରେ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେବ । ଆହୁରି ମଧ, ଉକ୍ତ ଆଇନର ନିୟମ 9(5) ଅନୁଯାୟୀ, ରାଜ୍ୟ ପରାମର୍ଶଦାତା କମିଟି ପ୍ରତି ତିନି ବର୍ଷ ପରେ ପୁନର୍ଗଠିତ ହେବାର ଥିଲା । ସୁପ୍ରିମକୋର୍ଟଙ୍କ ରାୟ ଅନୁଯାୟୀ ରାଜ୍ୟ ପରାମର୍ଶଦାତା କମିଟି ବର୍ଷରେ ଦୁଇଥର ସଭା କରିବାର ଥିଲା । ଏହି ପରିପ୍ରେକ୍ଷୀରେ, ଏହା ଦେଖାଗଲା ଯେ, ଗୋଟିଏ ଥର (ଡିସେମ୍ବର 2008ରେ) ରାଜ୍ୟ ପରାମର୍ଶଦାତା କମିଟି ଗଠନ କରାଯାଇଥିଲା । ତେବେ କମିଟିର ଗଠନ ପରଠାରୁ କୌଣସି ବୈଠକ ଅନୁଷ୍ଠିତ ହୋଇ ନଥିଲା । ଏହା ପରେ ରାଜ୍ୟ ପରାମର୍ଶଦାତା କମିଟି ଗଠନ ହୋଇନଥିଲା ଏବଂ ତେଣୁ କୌଣସି ବୈଠକ ଅନୁଷ୍ଠିତ ହୋଇନଥିଲା । ଏଣୁ, ପ୍ରତିଷ୍ଠାନ, କଣ୍ଟ୍ରାକ୍ଟର, ନିର୍ମାଣ ଶ୍ରମିକଙ୍କ ପଞ୍ଜୀକରଣ, ହିତାଧିକାରୀଙ୍କ ପାଇଁ ଗୋଷ୍ଠୀ ବୀମା ଯୋଜନାର କାର୍ଯ୍ୟାନ୍ୱୟନ ଏବଂ ଉଭୟ କାର୍ଯ୍ୟର ପ୍ରଶାସନ ଦ୍ୱାରା ଉପୁନ୍ନ ଅନ୍ୟାନ୍ୟ ବିଷୟ ସୁନିଶ୍ଚିତ କରିବା ପାଇଁ ଏକ ବ୍ୟବସ୍ଥାର ବିକାଶ ପାଇଁ ବୋର୍ଡକୁ ଉପଯୁକ୍ତ ମାର୍ଗଦର୍ଶନ ଦିଆଯାଇ ପାରିଲା ନାହିଁ । ଫଳସ୍ୱରୂପ, ପ୍ରତିଷ୍ଠାନ, କଣ୍ଟ୍ରାକ୍ଟର ଏବଂ ବିଓସି କର୍ମଚାରୀଙ୍କ ସ୍ୱଳ୍ପ ପଞ୍ଜୀକରଣ, ବିଭିନ୍ନ କଲ୍ୟାଣ ଯୋଜନା ଅନ୍ତର୍ଗତ ହିତାଧିକାରୀଙ୍କ ସ୍ୱଳ୍ପ କଭରେଜ୍, ଏବଂ ସେସ୍ ସଂଗ୍ରହ କର୍ତ୍ତୃପକ୍ଷ ଦ୍ୱାରା ବିପୁଳ ପରିମାଣର ସେସ୍ ରଖିବା ଇତ୍ୟାଦି, ଅଡିଟ୍‌ରେ ଲକ୍ଷ୍ୟ କରାଯାଇଥିଲା ।
- **ସେସ୍ ରିଟର୍ଣ୍ଣ ଡାଟାବେସର ରକ୍ଷଣାବେକ୍ଷଣ ନକରିବା:** ବିଓସିଡବ୍ଲୁ (ଆର୍‌ଇଆଣ୍ଡସିଏସ୍) ଅଧିନିୟମ, 1996 ଧାରା 4 ଏବଂ 5 ଏବଂ ଓବିଓସିଡବ୍ଲୁ (ଆର୍‌ଇଆଣ୍ଡସିଏସ୍) ନିୟମାବଳୀ 2002 ର ନିୟମ 268 ଅନୁଯାୟୀ, ପ୍ରତ୍ୟେକ ନିଯୁକ୍ତିଦାତା କାର୍ଯ୍ୟ ଆରମ୍ଭ ହେବାର 15 ଦିନ ମଧରେ ଏକ ଏକତ୍ରୀକୃତ ରିପୋର୍ଟ ଦାଖଲ କରିବାର ଥିଲା, ଯେଉଁଥିରେ କି ପଞ୍ଜୀକୃତ ହେବାକୁ ଯୋଗ୍ୟ ଥିବା ବିଓସି ଶ୍ରମିକମାନଙ୍କର ସବିଶେଷ ବିବରଣୀ ତଥା ଯେଉଁମାନେ ପୂର୍ବ ମାସରେ ଅଫିସ୍ ଛାଡ଼ିଛନ୍ତି, ଧାର୍ଯ୍ୟ ହୋଇଥିବା ସେସ୍, ପ୍ରଦାନ କରାଯାଇଥିବା ସେସ୍ ଏବଂ ପ୍ରଦାନ

କରାଯିବାକୁ ଥିବା ବାଲାନ୍ସ ରାଶି ରହିଥିବ । ଆର୍ଥିକ ବର୍ଷ 2017-18 ରୁ 2021-22 ମଧ୍ୟରେ ଗ୍ରହଣ କରାଯାଇଥିବା ସେସ୍ ରିଟର୍ଣ୍ଣ ଉପରେ ବୋର୍ଡ ରେକର୍ଡଗୁଡ଼ିକ ରକ୍ଷଣାବେକ୍ଷଣ କରି ନଥିଲା । ଏହିପରି, ରାଜ୍ୟରେ ଟେଣ୍ଡର ଆମନ୍ତ୍ରଣ କରୁଥିବା କର୍ତ୍ତୃପକ୍ଷ ଏବଂ କାର୍ଯ୍ୟ ନିର୍ବାହକାରୀ ସଂସ୍ଥା ଦ୍ୱାରା ସଂଗୃହୀତ/ କଟାଯାଇଥିବା ସେସ୍ ପରିମାଣ ବିଷୟରେ ବୋର୍ଡ ଅବଗତ ନଥିଲା ।

### *2.1.12.1 ପ୍ରତିଷ୍ଠାନର ନିରୀକ୍ଷଣ/ ଯାଞ୍ଚ ନହେବା*

ବିଓସିଡବ୍ଲୁ (ଆରଇଆଣ୍ଡସିଏସ୍) ଅଧିନିୟମର ଧାରା 43 ଏବଂ 44 ଏବଂ ତା ସହିତ ଓବିଓସିଡବ୍ଲୁ (ଆରଇଆଣ୍ଡସିଏସ୍) ନିୟମାବଳୀର ନିୟମ 287 ଅନୁଯାୟୀ ଏଲ୍ ଆଣ୍ଡ ଇଏସ୍ଆଇ ବିଭାଗରେ ସରକାରଙ୍କ ଦ୍ୱାରା ନିଯୁକ୍ତ ନିରୀକ୍ଷକମାନେ, ପଞ୍ଜୀକୃତ ହୋଇନଥିବା ନିଯୁକ୍ତିଦାତା ଏବଂ ବିଓସି ଶ୍ରମିକମାନଙ୍କୁ ଚିହ୍ନଟ କରିବାକୁ ଏବଂ ଅଧିନିୟମ କିମ୍ବା ନିୟମର ଅନ୍ୟ କୌଣସି ବ୍ୟବସ୍ଥାକୁ ଅନୁପାଳନ କରିବାକୁ ସୁନିଶ୍ଚିତ କରିବା ପାଇଁ ଯେକୌଣସି ପରିସର/ କାର୍ଯ୍ୟକ୍ଷେତ୍ରର ଯାଞ୍ଚ କରିପାରିବେ ।

ଅଡିଟ୍ ଲକ୍ଷ୍ୟ କଲା ଯେ, ଡିଏଲଓ ପାଇଁ ଯାଞ୍ଚର କୌଣସି ଲକ୍ଷ୍ୟ ସ୍ଥିର କରାଯାଇ ନଥିଲା । ତେବେ, ଚାରୋଟି ନମୁନା ଜିଲ୍ଲାର ମାସିକ ପ୍ରଗତି ରିପୋର୍ଟ (ଏସ୍‌ପିଆର୍) ଅନୁଯାୟୀ, ଡିଏଲ୍‌ଓମାନଙ୍କ ଦ୍ୱାରା ନିଜ ପାଇଁ ମାସିକ ଯାଞ୍ଚ ଲକ୍ଷ୍ୟ ସ୍ଥିର କରାଯାଇଥିଲା । ଯାଞ୍ଚର ଲକ୍ଷ୍ୟ ତୁଳନାରେ ପ୍ରକୃତ ଯାଞ୍ଚ ଏବଂ ଆର୍ଥିକ ବର୍ଷ 2017-18 ରୁ 2021-22 ମଧ୍ୟରେ ପ୍ରସ୍ତୁତ ଯାଞ୍ଚ ରିପୋର୍ଟ ***ସାରଣୀ 2.1.19*** ରେ ଦର୍ଶାଯାଇଛି ।

***ସାରଣୀ 2.1.19 : ଆର୍ଥିକ ବର୍ଷ 2017-18 ରୁ 2021-22 ମଧ୍ୟରେ ଯାଞ୍ଚ ରିପୋର୍ଟ ପ୍ରସ୍ତୁତିରେ ଅଭାବ***

| ଜିଲ୍ଲା | ଯାଞ୍ଚ ପାଇଁ ଲକ୍ଷ୍ୟ | ମୋଟ ଯାଞ୍ଚ କରାଯାଇଥିଲା | ଯାଞ୍ଚରେ ଅଭାବ | ଯାଞ୍ଚ ରିପୋର୍ଟ ପ୍ରସ୍ତୁତ | ଯାଞ୍ଚ ରିପୋର୍ଟ ପ୍ରସ୍ତୁତିରେ ଅଭାବ |
|---|---|---|---|---|---|
| ଗଞ୍ଜାମ | 9,970 | 140 | 9,830 | 28 | 112 |
| କେଉଁଝର | 2,940 | 195 | 2,745 | 6 | 189 |
| ଖୋର୍ଦ୍ଧା | 10,525 | 47 | 10,478 | 0 | 47 |
| କଟକ | 3,070 | 0 | 3,070 | 0 | 0 |
| **ମୋଟ** | **26,505** | **382** | **26,123** | **34** | **348** |

***(ଉତ୍ସ: ନମୁନା ଡିଏଲଓ ଦ୍ୱାରା ଦିଆଯାଇଥିବା ସୂଚନା)***

**ସାରଣୀ 2.1.19** ରୁ ଯେପରି ଦେଖାଯାଏ, 26,505 ଯାଞ୍ଚର ଲକ୍ଷ୍ୟ ଥିଲାବେଳେ, ଆର୍ଥିକ ବର୍ଷ 2017-18 ରୁ 2021-22 ରେ କେବଳ 382 ଟି ଯାଞ୍ଚ (1.44 ପ୍ରତିଶତ) କରାଯାଇଥିଲା, ଫଳରେ 26,123 (98.56 ପ୍ରତିଶତ) ଅଭାବ ହୋଇଥିଲା । ଏହା ବ୍ୟତୀତ କରାଯାଇଥିବା 382 ଟି ଯାଞ୍ଚ ମଧ୍ୟରୁ, ଡିଏଲ୍‌ଓ ଗୁଡ଼ିକ କେବଳ 34ଟିର ଯାଞ୍ଚ ରିପୋର୍ଟ ପ୍ରସ୍ତୁତ କରିଥିଲେ । ଏହା ଲକ୍ଷ୍ୟ କରାଯାଇଥିଲା ଯେ ଯାହା ଯାଞ୍ଚ କରାଯାଇଥିଲା, ତାହା ମୁଖ୍ୟତଃ ବିଓସିଡବ୍ଲୁ(ଆରଇଆଣ୍ଡସିଏସ୍) ଅଧିନିୟମ ବ୍ୟତୀତ ଅଧିନିୟମ[31] ଗୁଡ଼ିକର ପ୍ରବର୍ତ୍ତନ ସମ୍ବନ୍ଧିତ ଥିଲା । ଯଦିଓ ଯାଞ୍ଚରେ ବହୁତ ଅଭାବ ଥିଲା, ଆର୍ଥିକ ବର୍ଷ 2017-18 ରୁ 2021-22 ମଧ୍ୟରେ ଯାନବାହନ ଭଡ଼ା ଦେୟ ବାବଦକୁ ବୋର୍ଡ ଦ୍ୱାରା 2.16 କୋଟି ଟଙ୍କା[32] ଖର୍ଚ୍ଚ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଏହା ଲକ୍ଷ୍ୟ କରାଗଲା ଯେ, ମାନ୍ୟବର ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ଦୃଷ୍ଟିରେ, ବିଓସି କର୍ମଚାରୀଙ୍କ କଲ୍ୟାଣ ସହିତ ସିଧାସଳଖ ଉଦ୍ଦେଶ୍ୟ ବ୍ୟତୀତ, ସେସ୍ ପାଣ୍ଠିରୁ ଅର୍ଥର ବିନିଯୋଗ ହେବା ଅନିୟମିତତା ଥିଲା, ଯାହା **ଅନୁଚ୍ଛେଦ 2.1.9.4** ରେ ଦର୍ଶାଯାଇଛି ।

ଏଲ୍‌ଆଣ୍ଡଇଏସ୍‌ଆଇ ବିଭାଗ ଜିଲ୍ଲା ସ୍ତରରେ ପ୍ରବର୍ତ୍ତନ ଅଧିକାରୀଙ୍କ ଅଭାବକୁ ଅନୁଷ୍ଠାନ ଗୁଡ଼ିକର ଅପର୍ଯ୍ୟାପ୍ତ ଯାଞ୍ଚ ପାଇଁ ଉତ୍ତରଦାୟୀ ଦର୍ଶାଇଥିଲେ (ଅପ୍ରେଲ 2024) । ଯଦିଓ, ପ୍ରସ୍ଥାନ ବୈଠକରେ ଏହା ଆଶ୍ୱାସନା ଦିଆଯାଇଥିଲା ଯେ, କାର୍ଯ୍ୟାଳୟରେ ନୂତନ ପ୍ରବର୍ତ୍ତନ ଅଧିକାରୀଙ୍କୁ ନିଯୁକ୍ତି ପର ନିରୀକ୍ଷଣର ମାତ୍ରା ବୃଦ୍ଧି କରାଯିବ ।

---

31 ମଜୁରୀ ପ୍ରଦାନ ଅଧିନିୟମ, ସର୍ବନିମ୍ନ ମଜୁରୀ ଅଧିନିୟମ, ଶିଶୁ ଏବଂ କିଶୋର ଅଧିନିୟମ, ଇତ୍ୟାଦି

32 ବୋର୍ଡ ମୁଖ୍ୟ କାର୍ଯ୍ୟାଳୟ: 11.51 ଲକ୍ଷ ଟଙ୍କା; କ୍ଷେତ୍ରୀୟ କାର୍ଯ୍ୟାଳୟ: 204.92 ଲକ୍ଷ ଟଙ୍କା

### *2.1.12.2 ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥାରେ ବିଚ୍ୟୁତି/ ତ୍ରୁଟି*

ଅଡିଟ୍ ବୋର୍ଡର ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥାରେ ନିମ୍ନଲିଖିତ ତ୍ରୁଟିଗୁଡ଼ିକ ନିରୀକ୍ଷଣ କଲା:

- ସମସ୍ତ ସରକାରୀ ବିଭାଗ/ ପିଏସ୍ୟୁ/ ସ୍ୱୟଂଶାସିତ ସଂସ୍ଥାଗୁଡ଼ିକର ପଞ୍ଜୀକରଣ, ପ୍ରତିଷ୍ଠାନ/ ମୁଖ୍ୟ ନିଯୁକ୍ତିଦାତା ଭଳି ଟେଣ୍ଡର ଆମନ୍ତ୍ରଣ କରିବା ଏବଂ ନିର୍ମାଣ କାର୍ଯ୍ୟ ପ୍ରଦାନ କରିବା ଏବଂ ନିଯୁକ୍ତିଦାତା ଭାବରେ ବିଓସି କାର୍ଯ୍ୟ କରୁଥିବା କଣ୍ଟ୍ରାକ୍ଟରଙ୍କ ପାଇଁ କୌଣସି କାର୍ଯ୍ୟ ସାଧନ ଉପାୟର ଅନୁପସ୍ଥିତି ଥିଲା ।
- ଅଧିନିୟମ ଅନୁଯାୟୀ ପଞ୍ଜୀକରଣ ପାଇଁ ପଞ୍ଜୀକୃତ ହୋଇନଥିବା ସମ୍ଭାବ୍ୟ ପ୍ରତିଷ୍ଠାନଗୁଡ଼ିକୁ ଚିହ୍ନଟ କରିବାକୁ ବୋର୍ଡ କୌଣସି ସର୍ଭେ କିମ୍ବା ଆକଳନ କରିନଥିଲା ।
- ବିଓସିଡବ୍ଲୁ (ଆର୍‌ଇଆଣ୍ଡସିଏସ୍) ଅଧିନିୟମ ଅନୁଯାୟୀ ସେମାନଙ୍କ ଅନୁପାଳନ ଏବଂ ପଞ୍ଜୀକରଣ ସ୍ଥିତି ହାସଲ କରିବାକୁ କେନ୍ଦ୍ର ସରକାରୀ ସଂଗଠନ (କେନ୍ଦ୍ରୀୟ ପିଏସ୍ୟୁ, ବନ୍ଦର ଇତ୍ୟାଦି) ସହିତ ସଂଯୋଗ ସୁନିଶ୍ଚିତ କରିବା ପାଇଁ କୌଣସି ବ୍ୟବସ୍ଥା ନଥିଲା ।
- ରାଜ୍ୟରେ ଚାଲିଥିବା ନିର୍ମାଣ କାର୍ଯ୍ୟକଳାପ ଉପରେ ନଜର ରଖିବା ଏବଂ ବିଓସି କାର୍ଯ୍ୟର ପତ୍ତା ଲଗାଇବା ପାଇଁ ଜିଆଇଏସ୍ ଟେକ୍‌ନୋଲୋଜି/ ମ୍ୟାପିଂ ଇତ୍ୟାଦି ବ୍ୟବହାର ପ୍ରଣାଳୀର ସମ୍ପୂର୍ଣ୍ଣ ଅନୁପସ୍ଥିତି ଥିଲା ।
- ମାଲିକ/ ବିଲଡର୍ସ/ ବେସରକାରୀ ପାର୍ଟିଗୁଡ଼ିକ, ଯାହାଙ୍କ ପାଇଁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଭବନ ଯୋଜନା ଅନୁମୋଦନ କରାଯାଇଥିଲା, ସେମାନଙ୍କ ଦ୍ୱାରା ନିର୍ମାଣ କାର୍ଯ୍ୟରେ ନିୟୋଜିତ ବିଓସି ଶ୍ରମିକମାନଙ୍କ ପଞ୍ଜୀକରଣ ସୁନିଶ୍ଚିତ କରିବାକୁ କୌଣସି ପ୍ରଭାବଶାଳୀ ପଦ୍ଧତି ନଥିଲା ।
- ଯଦିଓ ଡିଏଲ୍‌ଓ ଗୁଡ଼ିକ ପ୍ରତିଷ୍ଠାନ/ ନିଯୁକ୍ତିଦାତା/ ସେସ୍ ସଂଗ୍ରହକାରୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜମା ହୋଇଥିବା ସେସ୍ ଆୟ ଗ୍ରହଣ କରିଥିଲେ, ପ୍ରତିଷ୍ଠାନ/ ନିଯୁକ୍ତିଦାତା/ ବିଓସି କର୍ମକର୍ତ୍ତାଙ୍କ ବିଧିବଦ୍ଧ ପଞ୍ଜୀକରଣ ସୁନିଶ୍ଚିତ କରିବା ପାଇଁ ଯେଉଁଥିରୁ ଏହି ସେସ୍ ଆୟ ଉତ୍ପନ୍ନ ହୋଇଥିଲା, ସେହି ବିଓସି କାର୍ଯ୍ୟଗୁଡ଼ିକୁ ଅନୁସନ୍ଧାନ କରିବା ପାଇଁ ଓ ଏହି ଉଦ୍ଦେଶ୍ୟକୁ ନିଶ୍ଚିତ କରିବା ପାଇଁ ବୋର୍ଡରେ ସଂପୃକ୍ତ ସେସ୍ ଜମା କର୍ତ୍ତୃପକ୍ଷଙ୍କ ସହ ସେସ୍ ଆୟର ସହଭାଗୀ କରିନଥିଲେ ।

**ସୁପାରିଶ:**

**12. ଯାଞ୍ଚ ପାଇଁ ଲକ୍ଷ୍ୟ ସ୍ଥିର କରି ଏବଂ ଯାଞ୍ଚ କରାଯିବାକୁ ଥିବା ଦିଗଗୁଡ଼ିକ ଚିହ୍ନଟ କରି ବୋର୍ଡ ଏହାର ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥାକୁ ମଜବୁତ୍ କରିପାରେ । ଯାଞ୍ଚ ରିପୋର୍ଟଗୁଡ଼ିକର ପ୍ରସ୍ତୁତି ସୁନିଶ୍ଚିତ କରାଯିବା ଆବଶ୍ୟକ ଏବଂ ଯାଞ୍ଚ ସମୟରେ ମିଳିଥିବା ତ୍ରୁଟିଗୁଡ଼ିକ ଠିକ୍ ଭାବରେ ସମାଧାନ ହୋଇପାରିବ କି ନାହିଁ ନିଶ୍ଚିତ କରିବାକୁ ଅନୁସରଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ ।**